

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୯ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 MAY 2023

Vol.No. 34 ■ No. 131 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା

# ପଶ୍ଚିମବଙ୍ଗରୁ ହଟିଲା ଫିଲ୍ମ ଦ କେରଳ ଷ୍ଟୋରୀ ଉପରୁ କଟକଣା




ନୂଆଦିଲ୍ଲୀ,୧୮/୦୫ : ପଶ୍ଚିମବଙ୍ଗ ସରକାରଙ୍କୁ ଝଟକା । ରାଜ୍ୟରେ ବ୍ୟାନ ହେବନି ଫିଲ୍ମ ଦ କେରଳ ଷ୍ଟୋରୀ । ଏଣିକି ଅନ୍ୟ ରାଜ୍ୟ ପରି ପଶ୍ଚିମବଙ୍ଗରେ ମଧ୍ୟ ଫିଲ୍ମ ପ୍ରଦର୍ଶିତ ହେବ । ଫିଲ୍ମ ମେକରଙ୍କ ପିଟିସନ ଉପରେ ଗୁରୁବାର ଶୁଣାଣୀ କରିଥିଲେ ସୁପ୍ରିମକୋର୍ଟ । କିଛି ଦିନ ପୂର୍ବରୁ ରାଜ୍ୟରେ ସୁରକ୍ଷା ଓ ଶାନ୍ତି କଥା ଉଠାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଫିଲ୍ମର ପ୍ରଦର୍ଶନ ଉପରେ ରୋକ ଲଗାଇଥିଲେ ।

▶▶ପୃଷ୍ଠା ୭

# ପୁରୀରୁ ଗଡ଼ିଲା ବନ୍ଦେ ଭାରତ ଏକ୍ସପ୍ରେସ: ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ





ପୁରୀ, ୧୮/୦୫ (ନି.ପ୍ର): ପୁରୀ-ହାୱଡ଼ା 'ବନ୍ଦେ ଭାରତ ଏକ୍ସପ୍ରେସ୍' ଟ୍ରେନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ଭର୍ଚୁଆଲ ମୋଡରେ ପୁରୀ-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଲୋକାର୍ପଣ କରିଛନ୍ତି। ଏହାସହ ଓଡ଼ିଶାରେ ୮ହଜାର କୋଟି ଟଙ୍କାରୁ ଅଧିକ ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ବନ୍ଦେ ଭାରତ ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ଓଡ଼ିଶା ଓ ପଶ୍ଚିମବଙ୍ଗ ଲୋକଙ୍କୁ ବନ୍ଦେ ଭାରତ ଉପହାର ମିଳିଲା। ବନ୍ଦେ ଭାରତରେ ଭାରତର ଗତି ଓ ପ୍ରଗତି ପ୍ରତିଫଳିତ ହେଉଛି। ପୁରୀରୁ କୋଲକାତା ଯାତ୍ରା କେବଳ ସାଢ଼େ ୬ ଘଣ୍ଟା ହୋଇଯିବ। ଏହା ଦ୍ୱାରା ସମୟ ବଞ୍ଚିବ ଓ ବ୍ୟବସାୟ ବଢ଼ିବ। ସେ କହିଥିଲେ, ବନ୍ଦେ ଭାରତ ଟ୍ରେନ୍ ସମସ୍ତଙ୍କୁ ଯୋଡ଼ିବ। ଓଡ଼ିଶା ଓ ପଶ୍ଚିମବଙ୍ଗର ଆଧାତ୍ମିକ ଏବଂ ସାଂସ୍କୃତିକ ସମ୍ବନ୍ଧକୁ ସମୃଦ୍ଧ କରିବ। ଏହି ଆଧୁନିକ ଟ୍ରେନ୍ ଭାରତର ଅର୍ଥ ବ୍ୟବସ୍ଥାକୁ ଗତି ଦେଉଛି। ପୂର୍ବରୁ କିଛି ବଡ଼ ପ୍ରକଳ୍ପ ହେଲେ ଦିଲ୍ଲୀ ଓ ମୁମ୍ବାଇରେ ସୀମିତ ରହୁଥିଲା। ଏବେ ଦେଶର କୋଣ ଅନୁକୋଣକୁ ସବୁ ପ୍ରକଳ୍ପ ପହଞ୍ଚୁଛି। ବିକାଶରେ ପଛୁଆ ରହିଥିବା ରାଜ୍ୟକୁ ବି ଫାଇଦା ମିଳୁଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ବିଗତ ୯ ବର୍ଷ ହେଲାଣି ଓଡ଼ିଶାକୁ ରେଳ ଅନୁଦାନ ବଢ଼ି ଚାଲିଛି। ଖୋର୍ଦ୍ଧା-ବଲାଙ୍ଗିର ପ୍ରକଳ୍ପ ଅନେକ ବର୍ଷ ହେଲା ପଡ଼ି ରହିଥିଲା। ▶▶ପୃଷ୍ଠା ୭

## ରାଜ୍ୟର ଆଉ ୩ଟି ଜିଲ୍ଲାରେ 'ଗଡିବ ମୋ ବସ୍'

ଭୁବନେଶ୍ୱର, ୧୮/୦୫ (ନି.ପ୍ର): ଗଞ୍ଜାମ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ 'ମୋ ବସ୍' ଚାଲିବା ନେଇ ନିଷ୍ପତ୍ତି ନେଇଛନ୍ତି ସରକାର। ଏନେଇ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ସମ୍ବଲପୁର-ଝାରସୁଗୁଡ଼ା-ବ୍ରଜରାଜନଗର ଓ ବେଲପାହାଡ କ୍ଲଷ୍ଟରରେ ଗଡ଼ିବ ମୋ ବସ୍। ସେହିପରି ବ୍ରହ୍ମପୁର-ଗୋପାଳପୁର-ଛତ୍ରପୁର-ହିଞ୍ଜିଳିକାଟୁ, ଦିଗପହଣ୍ଡି କ୍ଲଷ୍ଟରରେ ଗଡ଼ିବ ମୋ ବସ୍। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ଦ୍ୱାରା ପଶ୍ଚିମ ଓଡ଼ିଶା ସହ ଗଞ୍ଜାମ ଜିଲ୍ଲାର ଲୋକେ ସୁବିଧା ପାଇ ପାରିବେ। କ୍ୟାପିଟାଲ ରିଜନ ଅଞ୍ଚଳରେ ୩୯୦ ଓ ରାଉରକେଲା ରେ ୧୦୦ଟି ମୋ ବସ ଚଳାଚଳ କରୁଛି। ▶▶ପୃଷ୍ଠା ୭

# ୫ ଦିନ ତାତିରୁ ନିସ୍ତାର ନାହିଁ: ୧୪ ଜିଲ୍ଲାକୁ କାଳବୈଶାଖୀ ସତର୍କତା

ଭୁବନେଶ୍ୱର , ୧୮/୦୫ (ନି.ପ୍ର): ଦିନରେ ତାତି, ସନ୍ଧ୍ୟାରେ କାଳବୈଶାଖୀ । ଆହୁରି ୫ ଦିନ ତାତିରୁ ନିସ୍ତାର ନାହିଁ । ରାଜ୍ୟରେ ଆହୁରି ୫ ଦିନ ଯାଏଁ ଗରମ ଓ ଗୁଳୁଗୁଳି ଜାରି ରହିବ । ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି । ଆଭ୍ୟନ୍ତରୀଣ ଓଡିଶାର କିଛି କିଛି ସ୍ଥାନରେ ଦିନ ତାପମାତ୍ରା ୪୨ ଡ଼ିଗ୍ରୀ କିମ୍ବା ଅଧିକ ରହିବା ସମ୍ଭାବନା ରହିଛି । ଏହାସହ କିଛି କିଛି ସ୍ଥାନରେ କାଳବୈଶାଖୀର ପ୍ରଭାବ ମଧ୍ୟ ଦେଖିବାକୁ ମିଳିବ । କାଳବୈଶାଖୀ ସମୟରେ ପବନର ବେଗ ୪୦ ରୁ ୫୦ କିଲୋମିଟର ରହିପାରେ । ଗୁରୁବାର ୧୪ ଜିଲ୍ଲାକୁ କାଳବୈଶାଖୀ ସତର୍କତା ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ସେହି ୧୪ ଜିଲ୍ଲା ହେଉଛି କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଗଜପତି, ▶▶ପୃଷ୍ଠା ୭

# ୫ ଏସ୍‌ପିଙ୍କ ସମେତ ବଦଳି ହେଲେ ୧୮ ବରିଷ୍ଠ ଆଇପିଏସ୍ ଅଧିକାରୀ



ଭୁବନେଶ୍ୱର, ୧୮/୦୫ (ନି.ପ୍ର): ରାଜ୍ୟ ସରକାର ଗୁରୁବାର ବରିଷ୍ଠ ଆଇପିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ସରକାର ୫ ଜଣ ଏସ୍‌ପିଙ୍କ ସମେତ ମୋଟ ୧୮ ଜଣ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିଛନ୍ତି । ସମ୍ବଲପୁରରେ ବଡ଼ ଧରଣର ସାଂପ୍ରଦାୟିକ ଉତ୍ତେଜନା ଭଳି ଘଟଣା ପରେ ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ଉପରେ ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହାକୁ ସମସ୍ତେ ଅପେକ୍ଷା କରିଥିଲେ। ଆଜି ତାଙ୍କୁ ମୟୂରଭଂଜରେ ଅବସ୍ଥାପିତ କରିବା ନେଇ ଆଦେଶନାମା ପ୍ରକାଶ ପାଇଛି । ସେହିପରି କେନ୍ଦୁଝରରୁ ମିତ୍ରଭାନୁ ମହାପାତ୍ରଙ୍କୁ ରାଉରକେଲା, ରାଉରକେଲାରୁ ମୁକେଶ କୁମାର ଭାମୁଙ୍କୁ ସମ୍ବଲପୁର, ▶▶ପୃଷ୍ଠା ୭

# ପ୍ରକାଶ ପାଇଲା ମାଟ୍ରିକ ରେଜଲ୍ଟ : ପାସ ହାର ୯୬.୪%



କଟକ, ୧୮/୦୫ (ନି.ପ୍ର): ଆଜି ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ। କଟକ ସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଫଳ ଘୋଷଣା କରିଛନ୍ତି। ଏଥର ପାସ୍ ହାର ୯୬.୪% ରହିଛି। ଚଳିତ ବର୍ଷ ମୋଟ ୫ ଲକ୍ଷ ୨୭ ହଜାର ୩୭୪ ଜଣ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଲକ୍ଷ ୧୬ ହଜାର ୪୩୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୮୬ ଜଣଙ୍କୁ ଏମ୍‌ପି କରାଯାଇଥିବା ବେଳେ ୫ ଲକ୍ଷ ୮ ହଜାର ୪୦୪ ଜଣ ପାସ୍ କରିଛନ୍ତି। ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୧୫୮ ଜଣ ଏ୧ ଗ୍ରେଡରେ ପାସ୍ କରିଥିବା ବେଳେ ୨୯ ହଜାର ୮୩୮ ଜଣ ଏ୨, ୭୭ ହଜାର ୫୬୭ ଜଣ ବି୧, ୧ଲକ୍ଷ ୧୮ ହଜାର ୭୫୦ ଜଣ ବି୨, ୧ ଲକ୍ଷ ୨୧ ହଜାର ୬୧୧ ଜଣ ସି , ୯୫ ହଜାର ୬ ଜଣ ଡି, ୬୧ ହଜାର ୪୭୪ ଜଣ ଇ ଓ ୭୬୪୫ ଜଣ ଏଫ ଗ୍ରେଡରେ ପାସ୍ କରିଛନ୍ତି। ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୭.୦୫% ରହିଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୫.୭୫% ରହିଛି ।୨ଲକ୍ଷ ୫୭ ହଜାର ୧୦୬ ଜଣ ଛାତ୍ରୀ ପାସ୍ କରିଥିବା ବେଳେ ୨ ଲକ୍ଷ ୫୧ ହଜାର ୨୯୮ ଜଣ ଛାତ୍ର ପାସ୍ କରିଛନ୍ତି। ୯୦%ରୁ ଅଧିକ ନମ୍ବର ରଖିଥିବା ଝିଅଙ୍କ ସଂଖ୍ୟା ୨,୨୫୪ ରହିଥିବା ବେଳେ ୯୦%ରୁ ଅଧିକ ନମ୍ବର ରଖିଥିବା ପୁଅଙ୍କ ସଂଖ୍ୟା ୧,୯୦୪ ରହିଛି। ୩,୨୨୨ଟି ସ୍କୁଲରେ ଶତପ୍ରତିଶତ ପିଲା ପାସ କରିଛନ୍ତି।

▶▶ପୃଷ୍ଠା ୭

## କର୍ଣ୍ଣାଟକ ସସପେନ୍ସରୁ ହଟିଲା ପର୍ଦ୍ଦା

# ରାଜ୍ୟର ଆଗାମୀ ମୁଖ୍ୟମନ୍ତ୍ରୀ ହେବେ ସିଦ୍ଧରମୈୟା



କର୍ଣ୍ଣାଟକ,୧୮/୦୫ : କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ମିଳିଛି ପୂର୍ଣ୍ଣ ବହୁମତ । ତଥାପି ୪ଦିନ ଧରି ଚର୍ଚ୍ଚା, ଆଲୋଚନା, ବିଚାରମବିର୍ମଶ, ମାନସମନ୍ଥନ ପରେ ଶେଷରେ ଛିଣ୍ଡିଛି କ୍ଷମତା କନ୍ଦଳ । କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ ତା ସ୍ପଷ୍ଟ ହୋଇସାରିଛି । ପ୍ରଦେଶ କଂଗ୍ରେସର ଅନ୍ୟତମ ଅଭିଜ୍ଞ ତଥା ଟାଣୁଆ ନେତା ସିଦ୍ଧରମୈୟା ପୁଣି ଥରେ ହେବାକୁ ଯାଉଛନ୍ତି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ । କଂଗ୍ରେସର ହାଇକମାଣ୍ଡ ପର୍ଯ୍ୟାୟକ୍ରମେ ବୈଠକ ଓ ଆଲୋଚନା କରି ସିଦ୍ଧରମୈୟାଙ୍କ ନାଁରେ ମୋହର ମାରିଛନ୍ତି । ଦଳ ପକ୍ଷରୁ ଏନେଇ ବିଦ୍ଧିବଦ୍ଧ ଘୋଷଣା କରାଯାଇଛି । ସେପଟେ ଡି.କେ ଶିବକୁମାର ଯିଏକି ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନ୍ୟତମ ପ୍ରମୁଖ ଦାବିଦାର ଥିଲେ ସେ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏଥିସହ ପ୍ରଦେଶ କଂଗ୍ରେସ ଅଧକ୍ଷଭାବେ ନିଜ ଦାୟିତ୍ୱ ସେ ଜାରି ରଖିବେ । ଚର୍ଚ୍ଚା ହେଉଥିଲା ଶିବକୁମାର ଉପମୁଖ୍ୟମନ୍ତ୍ରୀ ପଦର ଅଫର ପ୍ରତ୍ୟାଖାନ କରିଛନ୍ତି ଓ ମୁଖ୍ୟମନ୍ତ୍ରୀ ପାଇଁ ମନ ବଳାଇଛନ୍ତି । ତେବେ ସବୁ କଳ୍ପନାଜଳ୍ପନା ପୂର୍ଣ୍ଣଚ୍ଛେଦ ପକାଇ ଶିବକୁମାର ଉପମୁଖ୍ୟମନ୍ତ୍ରୀ ହେବା ପାଇଁ ରାଜି ହୋଇସାରିଛନ୍ତି । କୁହାଯାଉଛି ମୁଖ୍ୟମନ୍ତ୍ରୀ ରେସରେ ଶିବକୁମାର ଗୋଟିଏ ପାଦ ପଛରେ ପଡିବା ପଛରେ ଅନେକ କାରଣ ରହିଛି । ଡି.କେ ଶିବକୁମାର ଜଣେ ଟାଣୁଆ ନେତା ଓ କଂଗ୍ରେସର ସଙ୍କଟମୋଚନ ଭାବେ ଜଣାଯାଆନ୍ତି। ଅନ୍ୟପଟେ ସିଦ୍ଧରମୈୟାଙ୍କ ଲୋକପ୍ରିୟତା କର୍ଣ୍ଣାଟକର ସବୁ ଜିଲ୍ଲାରେ ରହଛି । ଦଳିତ, ପଛୁଆବର୍ଗ ଓ ମୁସଲିମ ଭୋଟରଙ୍କ ଗହଣରେ ସିଦ୍ଧରମୈୟାଙ୍କ ଦବଦବା ବେଶ ଅଧିକ ଦଳକୁ ଏକଥାର ଭୟ ଥିଲା, ଯଦି ସିଦ୍ଧରମୈୟାଙ୍କୁ ମୁଖ୍ୟମନ୍ତ୍ରୀ ନକରାଯାଏ ତେବେ ବଡ ଭୋଟବ୍ୟାଙ୍କ ହାତରୁ ଚାଲିଯାଇପାରେ । ସେପଟେ ଶିବକୁମାର ଉପରେ ଚାଲିଥିବା ବିଭିନ୍ନ ମାମଲାରେ କଂଗ୍ରେସକୁ ହରଡ଼ଘଣାରେ ପକାଇଥିଲା । ଦଳକୁ ଏକଥା ମଧ୍ୟ ଭୟ ଥିଲା ଯଦି ତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରାଯାଉଛି ତେବେ କୌଣସି ସମୟରେ ତାଙ୍କୁ ଗିରଫ କରାଯାଇପାରେ । ଦଳରେ ଅସ୍ଥିର ହେବା ଆଶଙ୍କା ମଧ୍ୟ କଂଗ୍ରେସକୁ ଘାରିଥିଲା । ଇଡି ଓ ସିବିଆଇ ରାଡ଼ାରେ ଶିବକୁମାର ଥିବା ଯୋଗୁଁ ହାଇକମାଣ୍ଡ ତାଙ୍କ ସ୍ଥାନରେ ସିଦ୍ଧରମୈୟାଙ୍କୁ ମୁ୍ୟମନ୍ତ୍ରୀ କରିବାକୁ ନିଷ୍ପତି ନେଇ ସେଫ ଜୋନରେ ରହିବା ସହ ବଡ ଷ୍ଟ୍ରୋକ ମାରିଛନ୍ତି । ଆସନ୍ତା ୨୦ ତାରିଖରେ ଶପଥ ନେବେ ସିଦ୍ଧରମୈୟା। ବେଙ୍ଗାଲୁରରେ ଶପଥପାଠ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ୪ଦିନ ପରେ କର୍ଣ୍ଣାଟକ ନାଟକ ଶେଷ ହେବା ସହ ଆଗକୁ କଣ ରହୁଛି ଦଳର ରଣନୀତି ରହୁଛି ତା ଉପରେ ନଜର ରହିଛି ।

# ମହଙ୍ଗା ପଡିଲା ନ୍ୟାୟପାଳିକାକୁ ନେଇ ବିବାଦୀୟ ମନ୍ତବ୍ୟ: ମନ୍ତ୍ରୀ ପଦରୁ ହଟିଲେ କିରଣ ରିଜିଜୁ



ନୂଆଦିଲ୍ଲୀ,୧୮/୦୫ : ନ୍ୟାୟପାଳିକାକୁ ନେଇ ବିବାଦୀୟ ମନ୍ତବ୍ୟ, ବିଚାରପତି ନିଯୁକ୍ତି ନେଇ ଥିବା କଲେଜିୟମ ବ୍ୟବସ୍ଥାକୁ ସମଲୋଚନା କରିବା ମହଙ୍ଗା ପଡିଛି । କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜିଜୁଙ୍କୁ ତାଙ୍କ ପଦବିରୁ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ ସଂସଦୀୟ ବ୍ୟାପର ମନ୍ତ୍ରୀ ଅର୍ଜୁନ ରାମ ମେଘାୱାଲଙ୍କୁ ଆଇନ ବିଭାଗର ଅତିରିକ୍ତ ଦାୟୀତ୍ୱ ଦିଆଯାଇଛି। ସବୁଠୁ ବଡ଼ କଥା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇଚ୍ଛା ଅନୁସାରେ ମନ୍ତ୍ରୀମଣ୍ଡଳରେ ଏଭଳି ପରିବର୍ତନ କରାଯାଇଛି । ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ହାଇ ପ୍ରୋଫାଇଲ ମନ୍ତ୍ରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ କିରଣ ରିଜିଜୁ । କିନ୍ତୁ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଇନ ବିଭାଗରୁ ହଟାଇ ଆର୍ଥ ସାଇନ୍ସ ମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି । ଅରୁଣାଚଂଳ ପ୍ରଦେଶର ପଶ୍ଚିମ ଲୋକସଭା ସାଂସଦ ଥିଲେ କିରଣ ରିଜିଜୁ । ତାଙ୍କ ସ୍ଥାନରେ ୨୦୦୯ରୁ ରାଜସ୍ଥାନ ବିକାନେରରୁ ସାଂସଦ ଥିବା ଅର୍ଜୁନ ରାମ ମେଘାୱାଲଙ୍କୁ ଆଇନମନ୍ତ୍ରୀ ନିଯୁକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଆଉ କିଛି ମାସ ପରେ ରାଜସ୍ଥାନ ବିଧାନସଭା ନିର୍ବାଚନ ହେବାର ଅଛି । ସେହି ଦୃଷ୍ଟିରୁ ଆଇନ ମନ୍ତ୍ରଣାଳୟ ଭଳି ଗରୁତ୍ୱପୂର୍ଣ୍ଣ ଦାୟିତ୍ୱ ରାଜସ୍ଥାନ ସାଂସଦଙ୍କୁ ଦିଆଯାଇଥିବା କୁହାଯାଉଛି । ସେପଟେ କିପରି ଲୋକ ସୁବିଧାରେ ନ୍ୟାୟ ପାଇପାରିବେ ତାହା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି ନୂଆ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘାୱାଲ । ଆଇନ ମନ୍ତ୍ରୀ ପଦରୁ ହଟାଇ ଦିଆଯାଇଥିଲେ ମଧ୍ୟ ଦଳ ପ୍ରତି ନିଜର ଆନୁଗତ୍ୟ ଦେଖାଇଛନ୍ତି କିରଣ ରିଜିଜୁ । ଟୁଇଟ କରି ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୁଡ଼ଙ୍କ ସହ ସୁପ୍ରିମକୋର୍ଟର ବିଚାରପତି ଏବଂ ଅଫିସରମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ରିଜିଜୁ ।

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ସେକ୍ସନ ଅଫିସର

ଭୁବନେଶ୍ୱର, ୧୮/୦୫ (ନି.ପ୍ର): ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱର ସ୍ଥିତ ଖାଦ୍ୟ ସୁରକ୍ଷା କମିଶନରଙ୍କ ଅଫିସର ସେକ୍ସନ ଅଫିସର ଗିରିଜା ଶଙ୍କର ଦାସ। ଜଣେ ଔଷଧ ଦୋକାନୀଙ୍କ ଠାରୁ ସେ ଏହି ଲାଞ୍ଚ ନେଉଥିଲେ। ଉକ୍ତ ଔଷଧ ଦୋକାନୀଙ୍କ ଦୋକାନର ଫାର୍ମାସିଷ୍ଟଙ୍କ ନାଁ ବଦଳାଇବା ପାଇଁ ସେକ୍ସନ ଅଫିସର ଗିରିଜା ଶଙ୍କର ଦାସ ୧୦ ହଜାର ଟଙ୍କା ମାଗିଥିଲେ। ଭୁବନେଶ୍ୱର ସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲର ଅଫିସର ଜଣେ ଷ୍ଟାଫଙ୍କୁ ଧରି ସେ କାମ କରେଇ ଦେବେ ବୋଲି କହି ଲାଞ୍ଚ ମାଗିଥିଲେ। ପୂର୍ବରୁ ସେକ୍ସନ ଅଫିସର ଗିରିଜା ଶଙ୍କର ଦାସ ସେଠାରେ ନିଯୁକ୍ତି ପାଇଥିଲେ। ଏ ନେଇ ଔଷଧ ଦୋକାନୀ ଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହା ପରେ ଯୋଜନା ଅନୁଯାୟୀ ଆଜି ଅଭିଯୋଗକାରୀ ସେକ୍ସନ ଅଫିସର ଗିରିଜା ଶଙ୍କର ଦାସଙ୍କୁ ଟଙ୍କା ଦେଉଥିଲା। ଆଉ ସେ ଟଙ୍କା ନେବା ବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ।

## ହିଣ୍ଡେନବର୍ଗ ଓ ଆଦାନୀ ମାମଲା

# ଅଗଷ୍ଟ ୨୪ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ସେବିକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୮/୦୫ : ବୁଧବାର ଆଦାନୀ ଓ ହିଣ୍ଡେନବର୍ଗ ମାମଲାରେ ଶୁଣାଣୀ କରିଛନ୍ତି ସୁପ୍ରିମକୋର୍ଟ । ମାମଲା ସମ୍ବନ୍ଧିତ ସମସ୍ତ ତଦନ୍ତ ଅଗଷ୍ଟ ୧୪ ସୁଦ୍ଧା ସାରିବାକୁ ସେବିକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ପୂର୍ବ ଶୁଣାଣୀରେ ସେବି କୋର୍ଟଙ୍କଠୁ ୬ମାସର ସମୟ ମାଗିଥିଲେ । ଆଜିର ଶୁଣାଣୀ ସମୟରେ ସେବି କୋର୍ଟଙ୍କ ସମ୍ମୁଖରେ ନିଜର ପକ୍ଷ ରଖିଛି । ସେବି କହିଛି ଯେଉଁ ୧୨ଟି ଡିଲ ଉପରେ ତଦନ୍ତ ଚାଲିଛି ତା ବେଶ ଗମ୍ଭୀର ଅଟେ ।

▶▶ପୃଷ୍ଠା ୭

## ଘରଧରାଠାରେ ପ୍ରଧାନମନ୍ତ୍ରୀ ସଡ଼କ ଶୋଚନୀୟ

ନୂଆପଡ଼ା, ୧୭/୦୫ (ନି.ପ୍ର): ଖଡ଼ିଆଳଠାରୁ ରାୟପୁର ଯାଇଥିବା ଜାତୀୟ ରାଜପଥ ୨୧୭ ସାନ ମହେଶ୍ୱର ଗ୍ରାମ ଠାରୁ ତିଖାଲିପଡ଼ା ପର୍ଯ୍ୟନ୍ତ ନିର୍ମିତ ପ୍ରଧାନମନ୍ତ୍ରୀ ସଡ଼କ ରଜାମୁଣ୍ଡା ଠାରେ କାମ ହୋଇ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ପାଖରେ ଖାଲ ଖମାଲ ସୃଷ୍ଟି ହୋଇ ପାଣି କାଦୁଅ ଜମା ହୋଇଛି । ଡ୍ରେନେଜ ବ୍ୟବସ୍ଥା ନଥିବାରୁ ପାଣି ନିଷ୍କାସନ ହୋଇପାରୁନି । ଫଳରେ ଲୋକେ ନାହିଁ ନଥିବାର ଅସୁବିଧା ଭୋଗ କରୁଛନ୍ତି । ଏହି ରାସ୍ତା ଉପରେ ସାନ ମହେଶ୍ୱର ସମେତ ବରଗାଁ, ନାଗପଡ଼ା ଆଦି ପଂଚାୟତର ୩୦ ଖଣ୍ଡ ଗ୍ରାମବାସୀ ନିର୍ଭର କରିଥାନ୍ତି । ଏହି ରାସ୍ତା ଦେଇ ଖଡ଼ିଆଳ, ନୂଆପଡ଼ା ଓ ଅନ୍ୟାନ୍ୟ ସହରକୁ ବିଭିନ୍ନ କାମ ପାଇଁ ଯିବାକୁ ପଡ଼ିଥାଏ, ଛାତ୍ରଛାତ୍ରୀ ପଢିବା ପାଇଁ ଯାଇଥାନ୍ତି କିନ୍ତୁ ସରକାର କୌଣସି ଦୃଷ୍ଟି ଦେଉନାହାନ୍ତି । ଅତିଶୀଘ୍ର ରାସ୍ତା ମରାମତି ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି । ରାସ୍ତା ମରାମତି ସମୟରେ ଲଗା ଯାଇଥିବା ନାମ ଫଳକ ଅନୁସାରେ ୪.୯୧୯ କିଲୋମିଟର କାମ କରାଯାଇଛି । କିନ୍ତୁ ଖର୍ଚ୍ଚ ବିବରଣୀ ଉଲ୍ଲେଖ ନଥିବାରୁ କେତେ ବ୍ୟୟ ବରାଦ ହୋଇଥିଲା ଜଣାପଡୁନି । ଏନେଇ ଅଧିକ୍ଷଣ ଯନ୍ତ୍ରୀ ଅର୍ଜୁନ ଚରଣ ମୁଣ୍ଡାଙ୍କୁ ପଚାରିବାରୁ ସେ ଏନେଇ ଅବଗତ ଥିବା କହିବା ସହ ଶୀଘ୍ର ରାସ୍ତା ମରାମତିର ବ୍ୟବସ୍ଥା କରିବେ ବୋଲି କହିଛନ୍ତି । ଖାଲି ଏହି ରାସ୍ତା ନୁହଁ ଖଡ଼ିଆଳ ବ୍ଲକର ଅନେକ ପ୍ରଧାନମନ୍ତ୍ରୀ ସଡ଼କର ଅବସ୍ଥା ଏପରି । ଠିକାଦାରମାନେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇଥିବାରୁ ବିଭାଗୀୟ କର୍ମକର୍ତା ସେମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାହସ କରିପାରୁ ନଥିବା ଜଣାପଡୁଛି ।

# କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

## ସମୟ ମୁତାବକ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



ବାରିପଦା , ୧୭/୦୫ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ମୟୁରଭଞ୍ଜ ଲୋକସଭା ସାଂସଦ ବିଶେଶ୍ୱର ଟୁଡୁ ଜିଲ୍ଲାରେ କାର୍ଯ୍ୟକାରି ହେଉଥିବା କେନ୍ଦ୍ରୀୟ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଜଳସେଚନ, ସୁବର୍ଣ୍ଣରେଖା ବୃହତ ଜଳସେଚନ ପ୍ରକଳ୍ପ, ପର୍ଯ୍ୟଟନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ମେଗା ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପୂର୍ତ୍ତ, ସଂସ୍କୃତି, ହସ୍ତଶିଳ୍ପ, ଆଦିବାସୀ ଉନ୍ନୟନ ସମ୍ବନ୍ଧୀୟ କେନ୍ଦ୍ରୀୟ ପ୍ରକଳ୍ପ ଗୁଡିକର ଅଗ୍ରଗତି ବିଷୟରେ ସମୀକ୍ଷା ମୂଳକ ଆଲୋଚନା କରିଥିଲେ । ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ରୀୟ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ଉନ୍ନୟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଗୁଡିକୁ ସମୟ ମୁତାବକ ସାରିବା ଏବଂ ଜମି ଅଧିଗ୍ରହଣ ଅଧିକାଂଶ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ପ୍ରତିବନ୍ଧକ ହେଉଥିବାରୁ ଏଦିଗରେ ଆବଶ୍ୟକ ପଦକ୍ଷେପ ନେଇ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ତଥା ଜିଲ୍ଲା ପ୍ରଶାସନକୁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ନୂତନ ପ୍ରକଳ୍ପର ପ୍ରସ୍ତାବ ଅନୁମୋଦନ ନିମନ୍ତେ କେନ୍ଦ୍ରକୁ ପ୍ରେରଣ କରିବା ପୂର୍ବରୁ ଏଥି ନିମନ୍ତେ ଆନୁସଙ୍ଗିକ ସର୍ବେକ୍ଷଣ କରି ପଠାଇବା ପାଇଁ ପରାମର୍ଶ ଦେଇଥିଲେ । ଭାରତ ସରକାରଙ୍କ ବିକାଶ ଧାରାରେ ଜିଲ୍ଲାର ଆଦିବାସୀ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ବିକାଶ ପାଇଁ ଉଦିଷ୍ଟ ଜନ କଲ୍ୟାଣ କାର୍ଯ୍ୟକ୍ରମ ତଥା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ସକାରାତ୍ମକ ମନୋଭାବ ନେଇ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟ ଗୁଡିକ ତାରାନ୍ୱିତ କରିବା ପାଇଁ ସମସ୍ତ ଅଧିକାରୀ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ । ଉକ୍ତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଓ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗର ତଥ୍ୟ ଉପସ୍ଥାପନ କରିବା ସହ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥଲେ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

କେନ୍ଦ୍ରାପଡ଼ା, ୧୭/୦୫ (ନି.ପ୍ର): ରାସ୍ତା ଦୁର୍ଘଟଣା ହ୍ରାସ ସହ ଶୂନ୍ୟ ମୃତ୍ୟୁହାର ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି । ଏହି ଉପଲକ୍ଷେ ଆଜି ଉପଲକ୍ଷେ ପୂର୍ବାହ୍ନ ୧୧ଟା ସମୟରେ ପ୍ରଦକ୍ଷଣ ଭବନ କକ୍ଷରେ ରାସ୍ତା ଓ କୋଠା ବାଡି ଓ ଆଂଚଳିକ ପରିବହନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଅଧକ୍ଷତା କରିଥିଲେ । ଉକ୍ତ ବୈଠକରେ ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ଓ ଆର.ଇ ପିଭିଏସ ବାବନ ସେଠୀ, ରାସ୍ତା ଓ କୋଠାବାଡି ଅଧିକ୍ଷଣ ଯନ୍ତ୍ରୀ ସରୋଜ ନାୟକ, ଆ ଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ଡିଏସପି ବିରଂଚି ନାରାୟଣ ଜଗତି, ଅତିରିକତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ସଚ୍ଚିଦା ନନ୍ଦ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ରାଜପଥ ଅଥରିଟି ପକ୍ଷରୁ ଦିଆଯାଇଥିବା ପଦକ୍ଷେପ ଓଟ୍ରୋଲ ଫ୍ରି ନମ୍ବର ବିଶୟରେ ବୈଠକକୁ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ଅବଗତ କରାଇଥିଲେ । ରାସ୍ତା ଦୁର୍ଘଟଣାକୁ କମାଇବା ନିମନ୍ତେ ଜନ ସଚେତନତାର ଆବଶ୍ୟକ ଅଛି ବୋଲି ସେ କହିଥିଲେ । ରାସ୍ତା ନିର୍ମାଣର ମାନ ଉନ୍ନତ ହେଲେ ଦୁର୍ଘଟଣାକୁ କମାଇହେବ ବୋଲି ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାରଙ୍କ ପରିବହନ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଦିର୍ଘଟଣା ପିଡିତଙ୍କୁ ଡାକ୍ତରଖାନା ନେବା ଓ ସେଠାରେ ସ୍ୱାସ୍ଥ୍ୟ ସେବା ଯୋଗଇବାରେ ସାହାଯ୍ୟ କରିଥିବା ଲୋକଙ୍କୁ ଭଲ ସାହାଯ୍ୟକାର୍ଯ୍ୟ ପୁରସ୍କାର ଆକାରରେ ୨ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥାଏ । ଆଜି କୁଇଦାସପୁର ଦୁହୁରିଆର ନରେନ୍ଦ୍ର ମଲ୍ଲିକଙ୍କୁ ୨ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଆଂଚଳିକ ପରିବହନ ଅଧିକାରୀଙ୍କ ସୂଚନା ଅନୁଯାଇ ଜଣାପଡିଛି ଯେ ୨୦୨୧-୨୩ ମସିହା ମଧ୍ୟରେ ୧୪ଜଣଙ୍କୁ ଭଲ ସାହାଯ୍ୟକାର୍ଯ୍ୟ ପୁରସ୍କାର କରାଯାଇଥିଲା । ଆଜିର ପୁରସ୍କୃତ ହୋଇଥିବା ଶ୍ରୀ ମଲ୍ଲିକଙ୍କୁ ମିଶାଇ ଏହିସଂଖ୍ୟା ୧୫ରେ ପହଂଚିଲା ବୋଲି ଅଧିକାରୀ ଶ୍ରୀ ନାୟକ କହିଥିଲେ । ବେଶି ଦୁର୍ଘଟଣା ଘଟୁଥିବା ନିକଟବର୍ତି ସ୍ଥାନଗୁଡିକର ପାଖାପାଖି ୨୯୦ଜଣଙ୍କୁ ରକ୍ଷକ ଟ୍ରେନିଂ ଯୋଜନାରେ ସାମିଲ କରାଯାଇଛି ବୋଲି ସେ ମଧ ସୁଚନା ଦେଇଥିଲେ । ସୋଲାସିୟମ ସ୍କିମ ମାଧମରେ ଅଜଣା ଗାଡି ଦୁର୍ଘଟଣା ପ୍ରାଣହରାଇଥିବା ୧୧ଜଣ ବ୍ୟକ୍ତିଙ୍କୁ ଏସ.ଟି.ଏ କଟକ ମାଧମରେ ୨ଲକ୍ଷ ଟଙ୍କା ଲେଖାଁଏ କ୍ଷତି ପୁରଣ ଅର୍ଥରାଶି ପ୍ରଦାନ କରାଯାଇଛି । ଆ ଳିକ ପରିବହନ ଅଧିକାରୀଙ୍କ ତଥ୍ୟ ଅନୁଯାଇ ଜଣାଯାଏ ଯେ ୨୦୨୨ମସିହାରେ ଘଟିଥିବା ୯୫ଟି ରାସ୍ତା ଦୁର୍ଘଟଣାରେ ୧୦୪ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୩ ଏପ୍ରିଲ ମାସ ସୁଧା ୪୯ଟି ରାସ୍ତା ଦୁର୍ଘଟଣାରେ ୫୦ଜଣଙ୍କ ମୃତ୍ୟୁ ଘଟିଛି । ଏହାକୁ କମାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଶୟରେ ଆଲୋଚନା କରାଯାଇଥିଲା ।

## ବାବା ଆଖଣ୍ଡଳମଣି ପୀଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

ଧର୍ମଶାଳା, ୧୮/୦୫ (ନି.ପ୍ର): ଯାଜପୁର ଜିଲା ଝାଲପଡା ପଂଚାୟତସ୍ଥ ସାନବାଗସାହିସ୍ଥିତ ବାବା ଆଖଣ୍ଡଳମଣୀ ପୀଠରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଆଧ୍ୟାତ୍ମୀକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ତିନି ଦିନ ଧରି ଚାଲିଥିବା ଏହି ମହାଯଜ୍ଞର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମାନସୀକଧାରୀମାନେ ସ୍ଥାନୀୟ ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ଶେଷରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯିବା ପରେ ନିତିକାନ୍ତି ଅନୁଯାୟୀ ସୂର୍ଯ୍ୟପୂଜା,ଗୋପୁଜା ଓ ଷୋଡଶ ଉପଚାର ପୂଜା ଆଦି ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ବିଭୂକୃପା ଲାଭ କରିଥିଲେ । ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାମ ସଂକୀର୍ତନ,ଭଜନ ସନ୍ଧ୍ୟା ଓ ପ୍ରବଚନ ଅଦି ପରିବେଷଣ ହୋଇଥିଲା । ପଣ୍ଡିତ ବିଭୂତି ଭୂଷଣ ପାଢୀ,ଶରତ ଚନ୍ଦ୍ର ପାଢୀ, ପ୍ରୀୟବ୍ରତ ପାଢୀ, ସୋମନାଥ ଦାସ, ଦିଗାମ୍ବର ପାଢୀ,ଚନ୍ଦ୍ର ଶେଖର ପାଢୀ ଓ ଶଙ୍କର୍ଷଣ ପାଢୀ ପ୍ରମୁଖ ଯଜ୍ଞ କର୍ମରେ ନିୟୋଜିତ ହେବା ସହିତ ମୁଖ୍ୟକର୍ତା ବିବେକାନନ୍ଦ ଜେନା ଓ ବବିତା ଜେନା ଯଜ୍ଞକର୍ମରେ ସହଯୋଗ କରିଥିଲେ । ସାନବାଗସାହି ଗ୍ରାମର ବ୍ରଜ କିଶୋର ସାହୁ,ଚନ୍ଦ୍ରମଣୀ ଜେନା, ବୈକୁଣ୍ଠ ଜେନା, ସୁବାସ ଚନ୍ଦ୍ର ବିଶ୍ୱାଳ, ନିଶିକାନ୍ତ ସାମଲ,ଆଶୁତୋଷ ଦଳାଇ ,ବାପୁଜୀ ଚରଣ ଜେନା,ବୁଲେଶ୍ୱର ମୁଦୁଲି, ବିଶ୍ୱଜିତ ବେହେରା, ହେମନ୍ତ କବି, ଶିଶିର ଦାସ, ମାନଗୋବିନ୍ଦ ରାଉତ, ହିରଣ୍ୟ ବିଶ୍ୱାଳ ଓ ପ୍ରଶାନ୍ତ ଜେନା ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।

# ଭତ୍ତା ପାଇବାରୁ ବଂଚିତ ବଣ୍ଡା ଜନଜାତି

ମାଲକାନଗିର, ୧୮/୦୫ (ନି.ପ୍ର): ଭତାରୁ ବଂଚିତ ବଣ୍ଡା ଜନଜାତି । ପଂଚାୟତ କାର୍ଯ୍ୟାଳୟରୁ ବ୍ୟାଙ୍କକୁ ବାରମ୍ବାର ଦୌଡୁଛନ୍ତି କିନ୍ତୁ ମିଳୁନି ଭତା ଟଙ୍କା । ବାରମ୍ବାର ବ୍ଲକ ପ୍ରଶାସନକୁ ଗୁହାରି କରି ଆସୁଛନ୍ତି । କିନ୍ତୁ କୌଣସି ସୁଫଳ ମିଳିନାହିଁ । ଭତା ଟଙ୍କାରେ ବଂଚୁଥିବା ନିରୀହ ବଣ୍ଡା ଜନଜାତି ଏବେ ନିରାଶ । ସମୁଦ୍ର ପତନ ଠାରୁ ପାଂଚହଜାର ଫୁଟ ଉପରେ ରହିଛି ବଣ୍ଡା ଘାଟି । କେଉଁ ଆଦିମ କାଳରୁ ବସବାସ କରି ଆସୁଛନ୍ତି ବଣ୍ଡା ଜନଜାତି । ସରକାର ଏମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ କେତେକ ଅସାଧୁ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ନିରୀହ ବଣ୍ଡା ଜନଜାତି କଷ୍ଟ ଭୋଗୁଛନ୍ତି । ଏଭ ଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅଣ୍ଡର । ହଲ ପଂଚାୟତରେ । ଅଣ୍ଡରାହାଲ ପଂଚାୟତରେ ଅଧିକାଂଶ ବୃଦ୍ଧ ବୃଦ୍ଧା ଭତା ପାଇବାରୁ ବଂଚିତ ରହିଛନ୍ତି । ମାସ ପୁରିଲେ ଭତା ମିଳିବ । ଭତା ପଇସା ମିଳିଲେ ତେଲ ଲୁଣ କରିବୁ ବୋଲି ଆଶା ବାନ୍ଧି ରହିଥାନ୍ତି । କିନ୍ତୁ ମାସ ମାସ ବିତିଯାଇଥିଲେ ମଧ ଭତା ପାଇପାରୁ ନାହାନ୍ତି । ବାର୍ଦ୍ଧକ୍ୟ ଭତାରେ ବଂଚୁଥିବା ଆଦିମ ଗରିବ ବଣ୍ଡା ଜନଜାତି ଠିକ୍ ସମୟରେ ମିଳୁନଥିବାରୁ ନାହିଁ ନଥିବା ହଇରାଣ ହେଉଛନ୍ତି । ହିତାଧିକାରୀ ବା ର୍ଦ୍ଧକ ଭତା ପାଇଁ ପଂଚାୟତ କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ବ୍ୟାଙ୍କ ପଠାଇ ଦିଅନ୍ତି । ଫାସବୁକ୍ ଧରି ଖରା ହେଉ ବା ବର୍ଷା କିଏ ତ କମାଣ୍ଡର ବା ଟ୍ରାକ୍ଟରରେ ଶହେ ଟଙ୍କା ଭଡା ଦେଇ ଯିବାକୁ ପଡୁଛି , ତ କିଏ କିଏ ଦୀର୍ଘ ୨୪ କିଲୋମିଟର ଚାଲି ଚାଲି ଖଇରପୁଟ ବ୍ୟାଙ୍କୁ ଯିବାକୁ ପଡୁଛି । ଦିନ ତମାମ ବ୍ୟାଙ୍କରେ ଲାଇନ ଲାଗି ଫାସବୁକ୍ ଚେକ୍ କରିବାକୁ କରିଥାନ୍ତି । ବାରମ୍ବାର ଚେକ୍ କରିଥିଲେ ମଧ ଭତା ଟଙ୍କା ଆସିନଥିବା କହି ବ୍ୟାଙ୍କ କର୍ମଚାରୀ ଫେରେଇ ଦିଅନ୍ତି । ପ୍ରତି ମାସ ଆସି ଫାସବୁକ୍ ଚେକ୍ କରି ନିରାଶ ହୋଇ ଘରକୁ ଫେରନ୍ତି । ଆଜିକୁ ପାଂଚମାସ ବିତି ଯାଇଥିଲେ ମଧ,ନା ଟଙ୍କା ଆକାଉଂଟକୁ ଆସୁଛି ନା ପଂଚାୟତ କାର୍ଯ୍ୟାଳୟରୁ ଟଙ୍କା ଦିଆଯାଉଛି । ନିରୀହ ବଣ୍ଡା ଜନଜାତିଙ୍କ ସହ ଖେଳ ଖେଳୁଛନ୍ତି ପ୍ରଶାସନ । ମାସ ମାସ ଧରି ଭତ ନ ପାଇ ନିରାଶ ହେଲେଣି ହିତାଧିକାରୀ । ବାରମ୍ବାର ବ୍ଲକ ପ୍ରଶାସନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ । କିଛି ଦିନ ୫- ଟି ସଚିବ ଭି.କେ ପାଣ୍ଡିଆନ ବଣ୍ଡାଘାଟି ଗସ୍ତରେ ଆସିଥିବା ସମୟରେ ଲୋକେ ତାଙ୍କୁ ଭେଟି ଭତା ଟଙ୍କା ପାଉ ନଥିବା ଜଣାଇଥିଲେ । ସେଠାରେ ଉପସ୍ଥିତ ଖଇରପୁଟ ବିଡ଼ିଓ ହୃଦାରଞ୍ଜନ ସାହୁ କ'ଣ ସମସ୍ୟା ହୋଇଛି ମୁ ବୁଝୀ ବି ବୋଲି କହିଥିଲେ । ମାତ୍ର ଏ ଯାଏଁ ବିଡ଼ିଓ କିମ୍ବା ପିଇଓ ଏ ବିଷୟରେ କିଛି ବି ବୁଝି ନଥିବା ହିତାଧିକାରୀ କହିଛନ୍ତି । ଭତା ପ୍ରଦାନ କରିବା ପାଇଁ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ବ୍ୟବସ୍ଥା କରିବାକୁ ଅଣ୍ଡର ହଲ୍‌ର ବଣ୍ଡା ଜନଜାତି ଅନୁରୋଧ କଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି । ୧୫ରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀ ବାର୍ଦ୍ଧକ ଭତାରୁ ବଂଚିତ ରହୁଛନ୍ତି । ୫୦୦ ଟଙ୍କା ଭତା ପାଇଁ ମାସକୁ ଦୁଇରୁ ତିନି ଥର ବ୍ୟାଙ୍କ କୁ ଯାତୟତ କରୁଛନ୍ତି ଏବଂ ନାହିନଥିବ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ପଂଚାୟତ କାର୍ଯ୍ୟାଳୟରେ ଭତା ଦେବାର ବ୍ୟବସ୍ଥା କଲେ ନିରୀହ ବଣ୍ଡା ଆଦିବାସୀ ଭତାରୁ ବଂଚିତ ରହିବେ ନାହିଁ । ତେବେ ଜିଲ୍ଲା ପ୍ରଶାସନ ନିରୀହ ବଣ୍ଡା ଜନଜାତିଙ୍କ ଦୁଃଖ କେବେ ବୁଝୁଛି ଅପେକ୍ଷାରେ ବଣ୍ଡା ଜନଜାତି ।

# ବସଷ୍ଟାଣ୍ଡ କାର୍ଯ୍ୟ ତୁରନ୍ତ ସାରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର, ୧୮/୦୫ (ନି.ପ୍ର): ଜୟପୁରରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବା ଓଏସଆରଟି ବସଷ୍ଟାଣ୍ଡ ତୁରନ୍ତ ନିର୍ମାଣ ନେଇ ଆଜି କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ଜୟପୁର ଜନ କଲ୍ୟାଣ ମଂଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପତ୍ରରେ ଦର୍ଶାଯାଇଛି ଯେ, ଜୟପୁର ସହର ହେଉଛି ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଣକେନ୍ଦ୍ର । ସେହିପରି ଏହି ସହରରେ ରହିଥିବା ବସଷ୍ଟାଣ୍ଡକୁ ମଧ ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ର ବହୁ ଅଂଚଳ ବାସିନ୍ଦା ନିର୍ଭର କରନ୍ତି । ଏଠାରୁ ବିଭିନ୍ନ ରାଜ୍ୟ ରାଜଧାନୀ ବିଶେଷ କରି ରାୟପୁର, ହାଇଦ୍ରାବାଦ, ଭୁବନେଶ୍ୱର ସହ ବିଜୟବାଡା, ବିଶାଖାପାଟଣା ଭଳି ସହରକୁ ଯାତ୍ରୀବାହି ବସ ଚଳାଚଳ କରେ । ପ୍ରତ୍ୟେହ ଶହ ଶହ ବସର ହଜାର ହଜାର ଯାତ୍ରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏଠାରେ ଏକ ବିଶ୍ୱସ୍ତରୀୟ ବସ ଟର୍ମିନାଲ ପ୍ରତିଷ୍ଠା ନିଷ୍ପତି ନେଇଥିଲେ । ଏପରିକି ୧୨ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରି ରାଜ୍ୟ ପରିବହନ ନିଗମ ଅଧୀନରେ ରହିଥିବା ଜମି ମଧ ଯୋଗାଇ ଦେଇଥିଲେ । ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୩-୧୨-୨୦୧୬ ମସିହାରେ ଜୟପୁର ଆସି ଏହାର ଶୁଭ ଦେଇଥିଲେ । କିନ୍ତୁ ଦୁର୍ଭାଗ୍ୟ ୭ ବର୍ଷ ବିତିଯାଇଥିଲେ ବି ଲୋକଙ୍କୁ ଏହି ବସଷ୍ଟାଣ୍ଡର ସୁବିଧା ମିଳୁ ନାହିଁ । ଫଳରେ ପ୍ରତିଦିନ ବସଯାତ୍ରୀ ମାନେ ନାନା ଦୁର୍ଦ୍ଦଶାର ସମ୍ମୁଖିନ ହୋଇଚାଲିଛନ୍ତି । ଯାହାକି ଭାରତ ଭଳି ଏକ ଜନମଙ୍ଗଳ ରାଷ୍ଟ୍ର ପାଇଁ ଶୋଭନୀୟ ନୁହେଁ । କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀ ନିଜେ ଶୁଭ ଦେଇଥିବା ଏହି କାର୍ଯ୍ୟକୁ ବିଳମ୍ବ କରୁଥିବାରୁ ଏହା ମୁଖ୍ୟମନ୍ତ୍ରୀଙ୍କ ଆଦେଶ ପ୍ରତି ଅପମାନ, ତେଣୁ କାର୍ଯ୍ୟ ନିର୍ବାହୀ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଦାବି କରିଛି ଆଜି ମଂଚ । ଏହି ପତ୍ର ପ୍ରଦାନ ବେଳେ ରାଜେନ୍ଦ୍ର କୁମାର ଗୌଡ଼, ବାଲା ରାୟ, ଚନ୍ଦ୍ରକାନ୍ତ ସୁତାର, ଟି ଗୌରି ଶଙ୍କର, ପ୍ରଦୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମପାହାଡ଼ ମହୋତ୍ସବରେ ଅନ୍ନଛତ୍ର ପାଇଁ ଜିଲ୍ଲା ଯୁବ କୁଳୁତା ସମାଜର ବୈଠକ

ବଲାଙ୍ଗୀର, ୧୮/୦୫ (ନି.ପ୍ର): ଆଜି ସ୍ଥାନୀୟ ରେଲୱେ ଷ୍ଟେସନ ସ୍ଥିତ କରାଟେ ସ୍କୁଲରେ ବଲାଙ୍ଗୀର ଜିଲ୍ଲା ଯୁବ କୁଳୁତା ସମାଜ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ ୧୭ରୁ ୨୦ ପର୍ଯ୍ୟନ୍ତ ପଶ୍ଚିମ ଓଡିଶା ଅନ୍ୟତମ ପର୍ଯ୍ୟଟନ ସ୍ଥଳି ଭୀମଡୁଙ୍ଗୁରି ଠାରେ ଭୀମ ପାହାଡ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଉତ୍ସବରେ ଆସନ୍ତା ୨୦ ତାରିଖ ରେ ଶ୍ରଦ୍ଧାଳୁମାନଙ୍କ ପାଇଁ ବଲାଙ୍ଗୀର ଜିଲ୍ଲା ଯୁବ କୁଳୁତା ସମାଜ ତରଫରୁ ଏକ ଅନ୍ନଛତ୍ର ଖୋଲାଯିବା ପାଇଁ ସ୍ଥିରିକୃତ ହୋଇଛି । ଏଥିପାଇଁ ଭୀମପାହାଡ ମହୋତ୍ସବ କମିଟିକୁ ଜଣାଇଦିଆଯାଇଥିବା ଜିଲ୍ଲା ଯୁବ କୁଳୁତା ସମାଜ ସଭାପତି ଅସୀମ କୁମାର ଭୋଇ ସୂଚନା ଦେଇଛନ୍ତି । ଆଜିକାର ଏହି ପ୍ରସ୍ତୁତି ବୈଠକରେ ସଂପାଦକ ଭୁବନେଶ୍ୱର ଭୋଇ, ସହ-ସଂପାଦକ ରୋହିତ ବିଶ୍ୱାଲ, ଉପ- ସଭାପତି ରୋଶନ ପଧାନ ଓ ଜିତେନ୍ଦ୍ର ବିଶ୍ୱାଲ, କୋଷାଧ୍ୟକ୍ଷ ଅମିତ ବାରିକ, ଜିଲ୍ଲା ସଭ୍ୟ ପ୍ରକାଶ ପ୍ରଧାନ, ଅସ୍ମିତ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ସୁଧିର ସା, ମୁକେଶ ପ୍ରଧାନ, ଦିନେଶ ପ୍ରଧାନ, ଗଙ୍ଗାଧର ସା, ବାସୁଦେବ ସାହୁ, ସୁଦାମ ପ୍ରଧାନ, ଝୁନୁ ପ୍ରଧାନ ଓ ଉପଦେଷ୍ଟା ଶ୍ରୀମନ୍ତ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

# ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ଯୋଜନାର ସମୀକ୍ଷା

ଭୁବନେଶ୍ୱର, ୧୮/୦୫ (ନି.ପ୍ର): ରିୱାର୍ଡ ଯୋଜନାରେ ଅଭିନବ ଜ୍ଞାନକୌଶଳ ମାଧ୍ୟମରେ ଜଳଛାୟାଗୁଡ଼ିକର ପୁନରୁଦ୍ଧାର ଓ ଉପଯୁକ୍ତ ପରିଚାଳନା କରି କୃଷି କ୍ଷେତ୍ରକୁ ଅଧିକ ସହନଶୀଳ କରାଯାଇପାରୁଛି । ଚାଷଜମିର ଉନ୍ନତି ଓ ଜଳସଂରକ୍ଷଣ ଦ୍ୱାରା ଫସଲ ଉତ୍ପାଦନ ବୃଦ୍ଧି ପାଉଛି । ଏହି ପରିପ୍ରେକ୍ଷୀରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ସଂପର୍କିତ କାର୍ଯ୍ୟରେ ଅଭିଜ୍ଞ କୃଷକ ଉତ୍ପାଦକ ସଂଗଠନମାନଙ୍କୁ ଏହି ଯୋଜନା ରୂପାୟନରେ ସାମିଲ କରାଯିବା ଉପରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଆଜି କୃଷି ଭବନଠାରେ ଆୟୋଜିତ ବୈଠକରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଅଧିନରେ କାର୍ଯ୍ୟକାରୀ ହେଉଥିବା ରିୱାର୍ଡ, କଫିଚାଷ, ପ୍ରଧାନମନ୍ତ୍ରୀ ସିଚାଇ ଯୋଜନା ଓ ଫାର୍ମପଣ୍ଡ ପ୍ଲସ୍ ଆଦି ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜଳାଶୟମାନଙ୍କରେ ପଙ୍କୋଦ୍ଧାର କରି ତା'ର ଜଳଧାରଣ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ମୃତ୍ତିକା ଓ ଜଳବାୟୁ ଅନୁକୂଳ ଅଞ୍ଚଳରେ କଫିଚାଷକୁ ବ୍ୟାପକ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ପରିପ୍ରେକ୍ଷୀରେ ଭାରତ ସରକାରଙ୍କ କଫି ବୋର୍ଡର ସହାୟତାରେ କଫିଚାଷ ସଂପର୍କରେ ରାଜ୍ୟର ଚାଷୀମାନଙ୍କୁ ତାଲିମ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ କଫିଚାଷକୁ ପ୍ରସାରିତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହାୟତାରେ କଫି ନର୍ସରୀ କରାଯାଇ ଚାରା ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥି ସହିତ କଫି ଚାଷ କ୍ଷେତରେ ଗୋଲମରିଚ ଚାଷର ଉପଯୁକ୍ତ ସମ୍ମିଶ୍ରଣ କରାଯାଇ ଚାଷୀମାନଙ୍କର ଆୟବୃଦ୍ଧି ଦିଗରେ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଜଳବିଭାଜିକା ଉନ୍ନୟନ ପ୍ରକଳ୍ପ ଅଞ୍ଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଛେଳିଚାଷ କରାଗଲେ ଗ୍ରାମୀଣ ମହିଳାମାନଙ୍କ ଆୟବୃଦ୍ଧି ଘଟିବ ଏବଂ ଗ୍ରାମୀଣ ଅର୍ଥନୀତିରେ ସେମାନଙ୍କ ଭାଗୀଦାରିତା ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଥିଲେ । ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଫାର୍ମପଣ୍ଡ ପ୍ଲସ୍ ଯୋଜନାରେ କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଏବଂ ପ୍ରାଣୀଚିକିତ୍ସା ଓ ପ୍ରାଣୀପାଳନ ନିର୍ଦ୍ଦେଶାଳୟର ଉପଯୁକ୍ତ ସମନ୍ୱୟ ରକ୍ଷା କରି ସମନ୍ୱିତ କୃଷିରେ ଫଳଚାଷ, ମାଛଚାଷ ଓ କୁକୁଡ଼ା, ବତକ ଆଦି ଚାଷ ଦ୍ୱାରା କୃଷିଜାତ ଓ ପ୍ରାଣୀଜ ଖାଦ୍ୟଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଇବ । ଏହା ଦ୍ୱାରା ଚାଷୀମାନଙ୍କ ମଧ୍ୟରେ ଫାର୍ମପଣ୍ଡ ପ୍ଲସ୍ ଯୋଜନା ଅଧିକ ଲୋକପ୍ରିୟ ଓ ଲୋକାଭିମୁଖୀ ହୋଇପାରିବ । ବ୍ଲକ୍ ସ୍ତରରେ ସଂପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଫାର୍ମପଣ୍ଡ ପ୍ଲସ୍ ଯୋଜନାର ସୁଫଳକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ସହରାଂଚଳ ରୂପାନ୍ତରଣ ଉପରେ ନିର୍ବାଚିତ ପୌର ପ୍ରତିନିଧିଙ୍କୁ ନେଇ କର୍ମଶାଳା

ଭୁବନେଶ୍ୱର, ୧୮/୦୫ (ନି.ପ୍ର): ସରକାରଙ୍କ ୫ଟି ପଦକ୍ଷେପ ଅନୁଯାୟୀ ଆଜି ସହରାଂଚଳ ରୂପାନ୍ତରଣ ଉପରେ ପୌର ସଂସ୍ଥାଗୁଡ଼ିକର ନିର୍ବାଚିତ ପ୍ରତିନିଧୀଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକସେବାଭବନରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଭିନ୍ନ ପୌରସଂସ୍ଥାର ଅଧକ୍ଷ, ଉପାଧକ୍ଷ, କାଉନସିଲରମାନେ ଯୋଗ ଦେଇଥିଲେ । ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ହେଉଛି ପୌରାଂଚଳରେ ଜାରି ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସଚେତନ କରିବା ଏବଂ ଏହା କିଭଳି ରାଜ୍ୟର ପୌରାଂଚଳରେ ଥିବା ଗରିବ ଲୋକଙ୍କ ଉପକାରରେ ଆସିବ ତାହାକୁ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟକାରୀ କରିବା । ରାଜ୍ୟ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ କହିଥିଲେ ଯେ ନିର୍ବାଚିତ ପ୍ରତିନିଧୀଙ୍କ ସକ୍ରିୟ ଯୋଗଦାନ ଦ୍ୱାରା ସହରାଂଚଳ ରୂପାନ୍ତରଣରେ ବଡ ପରିବର୍ତନ ଅଣାଯାଇ ପାରିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବଜେଟରେ ବ୍ୟାପକ ବୃଦ୍ଧିକୁ ଦୃଷ୍ଟିରେ ରଖି ସମସ୍ତ ନିର୍ବାଚିତ ପ୍ରତିନିଧୀମାନେ ନିଜ ନିଜର ସହରକୁ ସୁନ୍ଦର କରିବା ପାଇଁ ଅଧିକ ଲୋକକେନ୍ଦ୍ରିକ ସୁବିଧା ସୃଷ୍ଟି କରିବାରେ ନେତୃତ୍ୱ ନେବା ଉଚିତ୍ । ସେ ଆହୁରି ମଧ କହିଛନ୍ତି ଯେ ମହିଳା ସଶକ୍ତିକରଣ ଏବଂ ସ୍ଥାନୀୟ ଗୋଷ୍ଠିର ଅଂଶଗ୍ରହଣ ହେଉଛି ପ୍ରମୁଖ ଉଦ୍ଦେଶ୍ୟ ଯାହା ରାଜ୍ୟରେ ୧୧୫ ଟି ପୌରସଂସ୍ଥାରେ ଉନ୍ନତ ଶାସନର ନୂତନ ଅଧ୍ୟାୟ ସୃଷ୍ଟି କରିଛି । ସେ ଆହୁରି ମଧ ଜୋର ଦେଇ କହିଛନ୍ତି ଯେ ଲୋକମାନଙ୍କ ପାଇଁ କ'ଣ କରାଯାଇପାରିବ ସେ ସଂକ୍ରାନ୍ତରେ ପରାମର୍ଶ ଦେବାପାଇଁ ସମସ୍ତ ନିର୍ବାଚିତ ପ୍ରତିନିଧୀଙ୍କ ନିୟମିତ ଭାବରେ ସେମାନଙ୍କ ଅଞ୍ଚଳକୁ ନିୟମିତ ଗସ୍ତ କରିବା ଆବଶ୍ୟକ । ପୌରସଂସ୍ଥାଗୁଡିକରେ ଟିକସ ସଂଗ୍ରହକୁ ବିଶେଷ ପ୍ରାଧାନ୍ୟ ଦିଆଯିବା ଉଚିତ ବୋଲି ମଧ ସେ ପରାମର୍ଶ ଦେଇଛନ୍ତି । ସେ କହିଥିଲେ ଯେ ଆପଣ ସମସ୍ତେ ଜଣେ ଜଣେ ମୁଖିଆ ଏବଂ ପୌରସଂସ୍ଥାର ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିପାରିବେ । ପ୍ରାରମ୍ଭରେ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ନିର୍ବାଚିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହିତ ସହରର ମୁଖ୍ୟ ଭାବରେ ପୌରାଞ୍ଚଳରେ ଗରିବ ଲୋକଙ୍କ ପାଇଁ କାର ?ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକରେ ସାମିଲ ହେବା ସହିତ ଏହାର ସଠିକ ପରିଚାଳନା ପାଇଁ ଅନୁରୋଧ କରିଥିଲେ । ସେ କହିଛନ୍ତି ଯେ ୧୧୫ ପୌରସଂସ୍ଥାରେ ଥିବା ସହରୀ ଗରିବଙ୍କ ପାଇଁ ଆବଶ୍ୟକ ଭିତିଭୂମି ସୃଷ୍ଟି କରିବା ଲାଗି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବଜେଟକୁ ୮୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଶ୍ରୀ ପଣ୍ଡା ମୁକ୍ତା ଏବଂ ଆଧାର କାର୍ଯ୍ୟକ୍ରମ ଉପରେ ଏକ ସ୍ୱଷ୍ଟ ଚିତ୍ର ଦେବା ସହିତ ସହିତ ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ନିର୍ବାଚିତ ପ୍ରତିନିଧିମାନେ ଏହି ସାମିଲ ହେବା ସଂକ୍ରାନ୍ତରେ କହିଥିଲେ ।

ଶ୍ରୀ ପଣ୍ଡା ଓଡିଶା ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ମୁକ୍ତା ବିଷୟରେ ସବିଶେଷ ତଥ୍ୟ ଦେଇ କହିଛନ୍ତି ଯେ ଆବଶ୍ୟକ ଭିତି ପ୍ରକଳ୍ପର ଚିହ୍ନଟ, ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନରେ ମିଶନ୍ ଶକ୍ତି ଗୋଷ୍ଠୀର ଅଂଶଗ୍ରହଣ, ୨୦୨୩-୨୪ ବର୍ଷ ପାଇଁ ଏକ ବାସ୍ତବ କାର୍ଯ୍ୟ ଯୋଜନା ଉପସ୍ଥାପନ ଉପରେ ଧ୍ୟାନ ଦେଇଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ସହରାଂଚଳର ଲୋକଙ୍କ ଜୀବନ ଏବଂ ଜୀବିକା ସ୍ତରରେ ବୃଦ୍ଧି ପାଇଁ ସମ୍ବଳ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବା ବିଭିନ୍ନ ପଦକ୍ଷେପ ଗ୍ରହଣ ପାଇଁ ବ୍ୟାପକ ସୁଯୋଗ ରହିଛି । ଶ୍ରମିକ ଏବଂ ମିଶନ ଶକ୍ତି ଗୋଷ୍ଠୀକୁ ଠିକଣା ସମୟରେ ଦେୟ ପ୍ରଦାନ ଉପରେ ବିଶେଷ ଧ୍ୟାନ ଦେବାପାଇଁ ସେ ସମସ୍ତ ନିର୍ବାଚିତ ପ୍ରତିନିଧୀଙ୍କୁ ଅନୁରୋଧ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ, ଅତିରିକ୍ତ ସଚିବ ବିନୟ ଦାଶ, ପ୍ରଭାତ ମହାପାତ୍ର, ସୋରେନ୍ଦ୍ର ରାଉତରାୟ, ଦୁର୍ଗେଶ ନନ୍ଦିନୀ ସାହୁ, ଦେବାଶିଷ ସିଂହ, ରବୀନ୍ଦ୍ର କୁମାର ସାହୁ ଏବଂ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ସଞ୍ଜୟ ପରମାଣିକ, ଜଳାଶୟ ପୁନରୁଦ୍ଧାର, ସହରାଂଚଳ ପରିମଳ ବ୍ୟବସ୍ଥା, ଜାଗା ମିଶନ, ୧୫ ତମ ଅର୍ଥ ଆୟୋଗ ପାଣ୍ଠି ଉପରେ ଆଲୋକପାତ, ଗୋଷ୍ଠି ସହଭାଗୀତା, ସହରାଂଚଳ ଗୃହ ଏବଂ ପୌରାଂଚଳ ଅର୍ଥ ପରିଚାଳନା ଇତ୍ୟାଦି ଉପରେ ନିଜ ନିଜର ମତ ରଖିଥିଲେ । ଯେଉଁ ୧୫ ଟି ପୌରସଂସ୍ଥାର ଅଧକ୍ଷ, ଉପାଧକ୍ଷ ତଥା କାଉନସିଲର ମାନେ ଯୋଗ ଦେଇଥିଲେ ସେଗୁଡିକ ହେଲା ଅନୁଗୁଳ ପୌପାଳିକା, ଆଠମଲିକ୍ ଏନଏସି, ତାଲଚର ମ୍ୟୁନିସିପାଲିଟି, ବାଲୁଗାଁ ଏନଏସି, ବାଣପୁର ଏନଏସି, ଜଟଣୀ ଓ ଖୋର୍ଧା ମ୍ୟୁନିସିପାଲଟି, ଦଶପଲା ଏନଏସି, ଖଣ୍ଡପଡା ଏନଏସି, ରଣପୁର ଏନଏସି, ନୟାଗଡ଼ ମ୍ୟୁନିସିପାଲଟି, କୋଣାର୍କ ଏନଏସି, ନିମାପଡା ଏନଏସି, ପିପିଲି ଏନଏସି, ହିନ୍ଦୋଳ ଏନଏସି ଭୁବନେଶ୍ୱରର ଲୋକ ସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଯୋଗ ଦେଇଥିଲେ ।

# ଘରର ମୁଖ୍ୟ ଦ୍ୱାରରେ ରଖନ୍ତୁ ଏହି ୬ଟି ଜିନିଷ: ମା' ଲକ୍ଷ୍ମୀଙ୍କର ହେବ ଆଗମନ

**ବାସ୍ତୁ ଶାସ୍ତ୍ର ସକରାତ୍ମକ ଏବଂ ନକାରାତ୍ମକ ଶକ୍ତି ଉପରେ ଆଧାରିତ । ସକରାତ୍ମକ ଶକ୍ତି ଘରେ ସୁଖ ଏବଂ ସମୃଦ୍ଧତା ଆଣିଥାଏ ଯେତେବେଳେ ନକାରାତ୍ମକ ଶକ୍ତି ଜୀବନରେ ଅନେକ ସମସ୍ୟା ଆଣିଥାଏ । ବାସ୍ତୁ ଅନୁସାରେ ଘରର ମୁଖ୍ୟ ଦ୍ୱାରରେ କିଛି ଜିନିଷ ରଖିବା ଦ୍ୱାରା ଅର୍ଥ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ ।**

**ଯଦି ଆପଣ ମଧ ନୂଆ ବର୍ଷରେ ମା' ଲକ୍ଷ୍ମୀଙ୍କର ଆଶୀର୍ବାଦ ପାଇବାକୁ ଚାହୁଁଛନ୍ତି ଏବଂ କୌଣସି ପ୍ରକାର ଆର୍ଥିକ ସଙ୍କଟରୁ ଦୂରେଇ ରହିବାକୁ ଚାହୁଁଛନ୍ତି । ତେବେ ନିଶ୍ଚିତ ଭାବରେ ବାସ୍ତୁ ସମ୍ବନ୍ଧୀୟ ଏହି ପଦକ୍ଷେପଗୁଡିକ ଆପଣାନ୍ତୁ। ନୂତନ ବର୍ଷର ଆଗମନ ପୂର୍ବରୁ, ବାସ୍ତୁ ଅନୁସାରେ ଏହି ଜିନିଷଗୁଡ଼ିକୁ ଘରର ମୁଖ୍ୟ ଦ୍ୱାରରେ ରଖିଲେ ଆପଣଙ୍କ ଘରେ ମା' ଲକ୍ଷ୍ମୀଙ୍କର ଆଗମନ ହେବ ।**



୧. ଆର୍ଥିକ ଅବସ୍ଥା ଭଲ ହେବା ପାଇଁ ଘରେ କୌଣସି ବାସ୍ତୁ ତ୍ରୁଟି ରହିବା ଉଚିତ୍ ନୁହେଁ । ନୂଆବର୍ଷର ଆଗମନ ପୂର୍ବରୁ, ଘରର ସମସ୍ତ ତ୍ରୁଟି ଦୂର କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଘରର ମୁଖ୍ୟ ଦ୍ୱାରରେ ଏକ ସ୍ୱସ୍ତିକ ଚିହ୍ନ ତିଆରି କରିବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ଆସିଥାଏ ।

୨. ଘରର ମୁଖ୍ୟ ଦ୍ୱାରର ଡାହାଣ ପାର୍ଶ୍ୱରେ ଶୁଭ-ଲାଭର ଚିହ୍ନ ଆଙ୍କିବା ଦ୍ୱାରା ଘରର ସଦସ୍ୟଙ୍କୁ ଲାଭ ମିଳିଥାଏ । ଏହା କରିବା ଦ୍ୱାରା ଘରର ନକାରାତ୍ମକ ଶକ୍ତି କମିଯାଏ ଏବଂ ଆର୍ଥିକ ସ୍ଥିତି ମଧ ପୂର୍ବ ଅପେକ୍ଷା ଭଲ ହୋଇଯାଏ ।

୩. ସନାତନ ଧର୍ମରେ ତୁଳସୀ ପତ୍ରକୁ ପବିତ୍ର ବୋଲି ମାନନ୍ତି । ତୁଳସୀ ଭଗବାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ । ତୁଳସୀଙ୍କୁ ମା' ଲକ୍ଷ୍ମୀଙ୍କ ଅନ୍ୟ ରୂପ ଭାବରେ ମଧ ବିବେଚନା କରାଯାଏ। ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ, ଘରର ମୁଖ୍ୟ ଦ୍ୱାର ସାମ୍ନାରେ ତୁଳସୀ ଗଛ ଲଗାଇବା ଦ୍ୱାରା ଘରର ଆର୍ଥିକ ଅବସ୍ଥା ସୁଦୃଢ ହୋଇଥାଏ ।

୪.ପ୍ରତ୍ୟେକ ଶୁଭ କାମରେ, ଘରର ମୁଖ୍ୟ ଦ୍ୱାରରେ ଆମ୍ବ ପତ୍ରର ମାଳ ବନ୍ଧା ଯାଇଥାଏ । ସନାତନ ଧର୍ମରେ ଏହା ଅତ୍ୟନ୍ତ ପବିତ୍ର ବୋଲି ମାନିଥାନ୍ତି । ବିଶ୍ୱାସ କରାଯାଏ ଯେ ଏହା ଘରକୁ ଶୁଭଫଳ ଦେଇଥାଏ । ଏହାକୁ ଲଗାଇଲେ ମା' ଲକ୍ଷ୍ମୀଙ୍କର ମଧ ଆଗମନ ହୋଇଥାଏ ।

୫. ଘରର ଆର୍ଥିକ ସ୍ଥିତିକୁ ମଜବୁତ କରିବା ପାଇଁ ଭଗବାନ ଶୁକ୍ରଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ଘରର ମୁଖ୍ୟ ଦ୍ୱାରର ଉଭୟ ପାର୍ଶ୍ୱରେ ସୁଗନ୍ଧିତ ଫୁଲର ହାଣ୍ଡି ବସାନ୍ତୁ ଏବଂ ପ୍ରତିଦିନ ପାଣି ଦିଅନ୍ତୁ । ଏହା କରିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କର ଘରେ ଆଗମନ ହୋଇଥାଏ ।

୬. ଘରେ ସକରାତ୍ମକ ଶକ୍ତି ପାଇଁ ସୂର୍ଯ୍ୟଙ୍କ ଆଶୀର୍ବାଦ ପାଇବା ଆବଶ୍ୟକ । ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ, ଯଦି ଘରର ମୁଖ୍ୟ ଦ୍ୱାରରେ ସୂର୍ଯ୍ୟ ଯନ୍ତ୍ରକୁ ରଖାଯାଏ, ତେବେ ଏହା ଘରେ ଥିବା ନକାରାତ୍ମକ ଶକ୍ତିକୁ ନଷ୍ଟ କରିଦିଏ । ଏହା କରିବା ଦ୍ୱାରା ଘରର ଆର୍ଥିକ ଅବସ୍ଥା ଦୂର ହୋଇଯାଏ ।

# ନିଶ-ଦାଢ଼ି ରଖିଥିବା ବ୍ୟକ୍ତିଙ୍କୁ କ୍ୟାନ୍ସର ହେବାର ସମ୍ଭାବନା କମ

ନୂତନ ପିଢ଼ି ଆପଣଉଛି ଆଧୁନିକ ପରମ୍ପରା ଓ ରୀତିନୀତି । ଆଜିକାଲି ନିଶ ଦାଢି ରଖିବା ଏକ ଟ୍ରେଣ୍ଡରେ ପରିଣତ ହୋଇଛି । ଅନ୍ୟପଟେ ଚେହେରାକୁ ଦିନରେ ଗୋଟେ ଥରରୁ ଅଧିକ ଧୋଇଲେ ତ୍ୱଚା ଶୁଷ୍କ ହୋଇଯାଏ । ଏଥିପାଇଁ ଚେହେରାକୁ ସକାଳ କିମ୍ବା ରାତିରେ ଥରେ ୱାସ୍ କରିବା ଉଚିତ । କିନ୍ତୁ ମନେ ରଖନ୍ତୁ ଦୁଇ ଥର ୱାସ୍ କରିବେ ନାହିଁ। ଏମିତି କଲେ ଏହା ତ୍ୱଚାକୁ କ୍ଷତି ପହଁଚାଇଥାଏ । ଚେହେରାକୁ କ୍ଲିନିଂ କରିବା ସମୟରେ ଗରମ ପାଣିର ବ୍ୟବହାର କରନ୍ତୁ ନାହିଁ ଏହାଦ୍ୱାରା ତ୍ୱଚା ଆହୁରି ଶୁଷ୍କ ହୋଇଯାଇଥାଏ । ଥଣ୍ଡା ପାଣି କିମ୍ବା ହାଲକା ଉଷୁମ ପାଣିର ବ୍ୟବହାର କରିପାରିବେ ।

ବର୍ତ୍ତମାନ ସମୟରେ ପ୍ରଦୂଷଣ ସ୍ତର ବହୁତ ମାତ୍ରାରେ ବଢ଼ିଚାଲିଛି । ଏହି କାରଣରୁ ରୋଗ ହେବା ସହିତ ପ୍ରଦୂଷଣ ତ୍ୱଚାକୁ ବହୁତ ମାତ୍ରାରେ ପ୍ରଭାବିତ କରିଥାଏ ଏବଂ କ୍ଷତି କରିଥାଏ । ଖାସ୍ କରି ଏହା ସେହି ବ୍ୟକ୍ତିଙ୍କୁ ଅଧିକ କ୍ଷତି ପହଁଚାଇଥାଏ ଯେଉଁମାନେ ବାଇକ୍ ଚଲାଉଛନ୍ତି । ଏହି କାରଣରୁ ପୁରୁଷଙ୍କ ତ୍ୱଚାରେ ଉଜ୍ଜ୍ୱଳତା ଏବଂ ନମନୀୟତା ଦେଖାଯାଏ ନାହିଁ ।

କଥାରେ ଅଛି ପୁରୁଷଙ୍କ ପୁରୁଷତ୍ୱ ତାଙ୍କ ନିଶରୁ ଜଣାପଡିଥାଏ । ଏପରିକି ପୁରୁଷମାନେ ନିଶ ରଖିବା ଦ୍ୱାରା ଖୁବ ଗର୍ବ ଅନୁଭୂତ କରିଥାନ୍ତି । ଯଦି ଆପଣଙ୍କୁ ମଧ ନିଶ-ଦାଢି ରଖିବା ପସନ୍ଦ ତେବେ ଏନେଇ ଆଜି ଆମେ ଆପଣଙ୍କୁ ଜବରଦସ୍ତ ଫାଇଦା ବିଷୟରେ କହିବାକୁ ଯାଉଛୁ । ଆସନ୍ତୁ ଜାଣିବା ପୁରୁଷଙ୍କ ନିଶ- ଦାଢି ସମ୍ବନ୍ଧୀୟ କିଛି ସ୍ୱାସ୍ଥ୍ୟଗତ ଫାଇଦା ।

-ଦାଢ଼ି-ନିଶ ରଖିବା ତ୍ୱଚା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଯେଉଁ ବ୍ୟକ୍ତି ମାନେ ଦାଢ଼ିନିଶ ରଖଥାନ୍ତି ତାଙ୍କର ତ୍ୱଚା ଶୁଷ୍କ ହୋଇନଥାଏ ।

-ଦାଢ଼ି-ନିଶ ରଖିବା ବ୍ୟକ୍ତିଙ୍କୁ କ୍ୟାନ୍ସର ହେବାର ଆଶଙ୍କା କମ ରହିଥାଏ । କାରଣ ଏହା ଦ୍ୱାରା ସୂର୍ଯ୍ୟଙ୍କ ଅଲଟ୍ରାଭାଏଲେଟ ରଶ୍ମିରୁ ରକ୍ଷା କରିଥାଏ ।

-ଦାଢ଼ି-ନିଶ ଦ୍ୱାରା କୁଞ୍ଚିତ ରେଖା କମ ହୋଇଥାଏ । ଏହା ଦ୍ୱାରା ଚେହେରା ସଫା ରହିଥାଏ ।

-ଏହା ଚେହେରାକୁ ଧୂଳି ମାଟିରୁ ରକ୍ଷା କରିଥାଏ । ଯାହା ଫଳରେ ସଂକ୍ରମଣ ଜନିତ ରୋଗ କମ ହୋଇଥାଏ ।

ଯୁବତୀଙ୍କୁ ଦାଢି ରଖିଥିବା ଯୁବକ ବହୁତ ପସନ୍ଦ ଆସିଥାନ୍ତି । ଯଦି ଆପଣ ଝିଅମାନଙ୍କୁ ଆକର୍ଷିତ କରିବାକୁ ଚାହୁଁଛନ୍ତି, ତେବେ ଦାଢି ନିଶ ନିଶ୍ଚିତ ରଖନ୍ତୁ ।



# ବୟସ ଅନୁସାରେ କେତେ ରହିବା କଥା ବ୍ଲଡ ସୁଗାର ମାତ୍ରା ?

ବର୍ତ୍ତମାନ ସମୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏହାର କାରଣ ହେଉଛି ଖରାପ ଖାଦ୍ୟ ଖାଇବାର ଅଭ୍ୟାସ । ବର୍ତ୍ତମାନ ଲୋକମାନେ ବହୁତ କମ୍ ବୟସରେ ଏହାର ଶିକାର ହେଉଛନ୍ତି । ଯେଉଁଥିପାଇଁ ସେମାନଙ୍କୁ ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟ ବିଷୟରେ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡିବ । ତେବେ ଜାଣି ରଖନ୍ତୁ ବୟସ ଅନୁଯାୟୀ ରକ୍ତରେ ଶର୍କରା ସ୍ତର କ'ଣ ହେବା ଉଚିତ୍ । ଯାହାଫଳରେ ଆପଣ ନିଜର ଯତ୍ନ ନେଇ ପାରିବେ । ୧୮ ବର୍ଷରୁ ଅଧିକ ଲୋକଙ୍କ ରକ୍ତରେ ଶର୍କରା ସ୍ତର ଖାଦ୍ୟ ଖାଇବା ପରେ ୧୪୦ମିଲିଗ୍ରାମ ରହିବା ଉଚିତ୍ । ଏବଂ ଯଦି ଆପଣ ଉପବାସ କରୁଛନ୍ତି ତେବେ ଏହା ଡିସିଲିଟର ପିଛା ୯୯ ମିଲିଗ୍ରାମ ହେବା ଉଚିତ । ୪୦ ବର୍ଷ ବୟସ ଅତିକ୍ରମ କରିବା ପରେ, ଲୋକମାନେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଉଚିତ୍ । ଯେଉଁମାନେ ୪୦ ରୁ ୫୦ ବର୍ଷ ବୟସରେ ଥାନ୍ତି ଏବଂ ମଧୁମେହ ରୋଗୀ ହୋଇଥାନ୍ତି ତେବେ ଖାଦ୍ୟ ଖାଇବା ପୂର୍ବରୁ ସେମାନଙ୍କର ସୁଗାର ସ୍ତର ୯୦ ରୁ ୧୩୦ ମିଲିଗ୍ରାମ ହେବା ଉଚିତ୍ । ଖାଦ୍ୟ ଖାଇବା ପରେ ୧୪୦ ମିଲିଗ୍ରାମରୁ କମ୍ ଏବଂ ରାତ୍ରୀ ଭୋଜନ ପରେ ୧୫୦ ରହିବା ଭଲ ବୋଲି କୁହାଯାଏ । ଏହାଠାରୁ ଅଧିକ ହେଲେ ଏହା ଚିନ୍ତାର ବିଷୟ ପାଲଟିଥାଏ । ଏହି ପରିସ୍ଥିତିରେ ଡାକ୍ତରଙ୍କୁ ତୁରନ୍ତ ଦେଖାଇବା ଉଚିତ୍ ।




ଯଦି ଆପଣ ବ୍ଲଡ ସୁଗାରର ରୋଗୀ ତେବେ ଖାଇବା ପିଇବାର ଶୈଳୀ ବଦଳାଇବା ଉଚିତ୍ । ତୁମର ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି କରିବା ଉଚିତ୍ । ବ୍ୟାୟାମ ଆପଣଙ୍କ ଜୀବନଶୈଳୀର ଏକ ଅଂଶ ହେବା ଉଚିତ୍ । ଅଧିକ ଚିନି, ଲୁଣ, ଥଣ୍ଡା ପାନୀୟ, ମିଠା ଖାଇବା ଠାରୁ ଦୂରେଇ ରୁହନ୍ତୁ। ଅଧିକ କାର୍ବୋହାଇଡ୍ରେଟ୍ ଥିବା ଜିନିଷ ଖାଆନ୍ତୁ ନାହିଁ । ଆପଣଙ୍କ ଖାଦ୍ୟରେ ସାଲାଡ୍ ସାମିଲ କରିବା ଜରୁରୀ ।

# ସକାଳୁ କାହିଁକି ଖାଲି ପେଟରେ କଫି ପିଇବା ମନା: ହୋଇପାରେ ଅନେକ ସମସ୍ୟା

ଦୁନିଆରେ ବହୁତ ଲୋକ ଅଛନ୍ତି ଯିଏ ସକାଳୁ ଉଠିବା ମାତ୍ରେ ତାଙ୍କୁ ଥକାପଣ ଅନୁଭବ ହୋଇଥାଏ ବା ଉଠିବାକୁ ଇଛା ହୋଇନଥାଏ । ତେଣୁ ନିଦ ଭାଙ୍ଗିବା ପାଇଁ ବା ଆକ୍ଟିଭ ଅନୁଭବ କରିବା ପାଇଁ କଫି ସେବନ କରାଯାଇଥାଏ । କଫି ଢୋକେ ପିଇବା ମାତ୍ରେ ଫ୍ରେସ ଲାଗିବାକୁ ଆରମ୍ଭ କରିଥାଏ । ଏମିତି ମଧ ଲୋକ ଅଛନ୍ତି ଯିଏ ବିନା କଫିରେ ଦିନ ଆରମ୍ଭ କରିପାରନ୍ତି ନାହିଁ । ଆପଣ ଯଦି ସେହି ଲୋକ ମାନଙ୍କ ମଧରେ ଅନ୍ୟତମ ତେବେ ଆପଣ ନିଜ ଶରୀରକୁ କ୍ଷତି ପହଁଚାଉଛନ୍ତି । ତେବେ ଆସନ୍ତୁ ଜାଣିବା କାହିଁକି ଖାଲି ପେଟରେ କଫି ପିଆଯାଏ ନାହିଁ । ଏମିତି ବହୁତ କାରଣ ଅଛି ଯାହାଦ୍ୱାରା ସକାଳେ ଖାଲି ପେଟରେ କଫି ପିଇବା ହାନିକାରକ ଅଟେ । ଖାସକରି ମହିଳା ମାନଙ୍କୁ ଖାଲିପେଟରେ କଫି ସେବନ କରିବା ଅନୁଚିତ । କଫି ଖାଲି ପେଟରେ ପିଇଲେ ଆମ ଶରୀରରେ ଥିବା କୋର୍ଟିସୋଲ ହରମୋନ୍ ଲେବୁଲ୍ ବଢିଯାଇଥାଏ ଯାହା ଓଭ୍ୟୁଲୋସନ, ଓଜନ ଏବଂ ହରମୋନ୍ସ ଉପରେ ଖରାପ ପ୍ରଭାବ ପକାଇଥାଏ । ସକାଳୁ ଷ୍ଟ୍ରେସ ହରମୋନର ଲେବୁଲ ଅଧିକ ରହିଥାଏ । କଫିନ ସେବନ ଦ୍ୱାରା କର୍ଟିସୋଲ ହରମୋନ କମିବା ଯାଗାରେ ବଢିଯାଏ । କର୍ଟିସୋଲ ହରମୋନ ଆମ ଶରୀର ପାଇଁ ଲାଭକାରୀ ଅଟେ । ଯଦି ଆପଣ ଷ୍ଟ୍ରେସରେ ଅଛନ୍ତି ତେବେ କୋର୍ଟିସୋଲ ହରମୋନ ଉତ୍ପାଦନ ଅଧିକ ହୋଇଥାଏ । ଏହାଦ୍ୱାରା ଆପଣଙ୍କ ବ୍ଲଡ଼ ସୁଗାର ଲେବୁଲ ବଢି ଯାଇ ପାରେ, ଯାହା ଇନସୁଲିନ ହର୍ମୋନକୁ ବଢାଇପାରେ । ଶରୀରରେ କର୍ଟିସୋଲ ଅଧିକ ହେଲେ ଓଜନ ବୃଦ୍ଧି ହୋଇଥାଏ ଏବଂ ନିଦ ଜନିତ ସମସ୍ୟା ମଧ ଦେଖାଦେଇପାରେ । ଯେତେବେଳେ ଆମେ ରାତିରେ ଶୋଉଛୁ ସେତେବେଳେ ଆମକୁ ଶୋଷ ଲାଗିନଥାଏ । ତେଣୁ ଆମ ଶରୀରରେ ପାଣି ମାତ୍ରା ରାତିରେ କମିଯାଇଥାଏ ।

# ହଳଦୀର ଏହି ଚମତ୍କାରିତା ପ୍ରତିକାରକୁ ଆପଣାନ୍ତୁ : ଘରେ ବୃଦ୍ଧି ପାଇବ ସୁଖ ସମୃଦ୍ଧି

ଧାର୍ମିକ ରୀତିନୀତିରେ ଔଷଧୀୟ ଗୁଣରେ ଭରପୂର ହଳଦୀ ବ୍ୟବହାର କରିବା ଶୁଭ ବୋଲି ବିବେଚନା କରାଯାଏ। ଯେପରି ହଳଦୀ କ୍ଷୀର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ, ସେହିପରି ହଳଦୀର କିଛି ଉପଚାର ସୁଖ, ସମୃଦ୍ଧତା ଏବଂ ଶୁଭଫଳ ପାଇଁ ପ୍ରଭାବଶାଳୀ ଅଟେ । ହଳଦୀ ଚେହେରାର ରଙ୍ଗ ସହିତ ବ୍ୟକ୍ତିର ଭାଗ୍ୟକୁ ମଧ ଉଜ୍ଜ୍ୱଳ କରିପାରେ । ପଣ୍ଡିତ ଇନ୍ଦ୍ରମାନି ଘାନସାଲ ବ୍ୟାଖ୍ୟା କରିଛନ୍ତି ଯେ, ଶାସ୍ତ୍ରରେ ହଳଦୀକୁ ନେଇ ଏପରି କିଛି କୁହାଯାଇଛି ଯାହାଦ୍ୱାରା ଜୀବନରେ ସୁଖ ସମୃଦ୍ଧି ଏବଂ ସୌଭାଗ୍ୟ ପାଇପାରିବ । ତେବେ ଆସନ୍ତୁ ଜାଣିବା ହଳଦୀକୁ କିପରି ବ୍ୟବହାର କରିବେ ।



ଯଦି ତୁମର ଟଙ୍କା କୌଣସି ସ୍ଥାନରେ ଅଟକି ଯାଇଛି, ତେବେ ହଳଦୀ ର ପ୍ରତିକାର ତୁମ ପାଇଁ ପ୍ରଭାବଶାଳୀ ହୋଇପାରେ । କିଛି ଚାଉଳ ଶସ୍ୟକୁ ହଳଦୀ ସହିତ ମିଶାଇ ରଙ୍ଗ କରନ୍ତୁ । ଏହା ପରେ ସେହି ରଙ୍ଗ ହୋଇଥିବା ଚାଉଳକୁ ଏକ ନାଲି କପଡ଼ାରେ ବାନ୍ଧି ନିଜ ପର୍ସରେ ରଖନ୍ତୁ । ଏହି ପ୍ରତିକାରରେ ଟଙ୍କା ଆଶୀର୍ବାଦ ପାଇବା ଆରମ୍ଭ କରିବ ଏବଂ ଶୀଘ୍ର ତୁମର ଅଟକାଯାଇଥିବା ଟଙ୍କା ମଧ ଫେରସ୍ତ ହେବ ।

ଯଦି ବୃହସ୍ପତି କୌଣସି ବ୍ୟକ୍ତିଙ୍କ ରାଶିଫଳରେ ଏକ ଅପ୍ରୀତିକର ସ୍ଥିତିରେ ଅଛନ୍ତି, ତେବେ ସେ ଗୁରୁବାର ଦିନ ହଳଦୀ ଏବଂ ବୁଟଡାଲି ଦାନ କରିବା ଉଚିତ୍ । ଏହା ସହିତ ଗୁରୁବାର ଭଗବାନ ବିଷ୍ଣୁଙ୍କୁ ପୂଜା କରାଯିବା ଉଚିତ୍। ଏହାଦ୍ୱାରା ଗୁରୁଙ୍କ କୃପା ଜୀବନରେ ସର୍ବଦା ରହିବ ।

# ଜୀବନର ସମସ୍ତ ସମସ୍ୟା ଦୂର କରିଥାଏ ଗଙ୍ଗା ଜଳ

ସନାତନ ଧର୍ମରେ ଗଙ୍ଗା ନଦୀ ମାତାର ମାନ୍ୟତା ପାଇଛି । ମାତା ଗଙ୍ଗା ମଧ ଭାରତର ପବିତ୍ର ନଦୀ ମଧ୍ୟରେ ଏକ ପବିତ୍ର ନଦୀ । ବିଶ୍ୱାସ ଅନୁଯାୟୀ, ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ସମସ୍ତ ପାପ ଧୋଇଯାଏ । କୁହାଯାଏ ଯେ ଜଣେ ବ୍ୟକ୍ତି କେବଳ ଗଙ୍ଗା ଜଳର ସ୍ୱର୍ଶ ଦ୍ୱାରା ସ୍ୱର୍ଗରେ ପହଞ୍ଚନ୍ତି । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଗଙ୍ଗାଜଳ ଏତେ ଶକ୍ତିଶାଳୀ ଯେ ଜଣେ ବ୍ୟକ୍ତି ଯେକୌଣସି ପ୍ରକାରର ଭୁଲ କରନ୍ତି, କେବଳ ଏହାର ଛିଞ୍ଚିବା କିମ୍ବା ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ତାଙ୍କର ପାପ ନଷ୍ଟ ହୋଇଯାଏ । ସନାତନ ଧର୍ମ ଗଙ୍ଗା ଜଳର ମହତ୍ୱ ରହିଛି । କୁହାଯାଏ ଯେ ଯେଉଁଠାରେ ଗଙ୍ଗା ଜଳ ଅଛି ତାର ଆଖପାଖରେ ସକରାତ୍ମକତା ରହିଥାଏ । ଗଙ୍ଗା ଜଳ ପାଇଁ ଏପରି ଅନେକ ଜ୍ୟୋତିଷ ଉପଚାର ଅଛି, ଗଙ୍ଗା ପାଣି ଛିଞ୍ଚିବା ଦ୍ୱାରା ସବୁ ସମସ୍ୟା ଦୂର ହେଇଥାଏ ।

ସୂଚନା ଅନୁସାରେ , ଯଦି କୌଣସି ବ୍ୟକ୍ତିଙ୍କ ଘର ସର୍ବଦା ବିବାଦରେ ଲାଗି ରହିଥାଏ , ତେବେ ପୂଜା ପରେ ସେ ତାଙ୍କ ଘରେ ଗଙ୍ଗା ପାଣି ଛିଞ୍ଚିବା ଉଚିତ୍ । ଏହା ସହିତ ଘରର ଅସୁବିଧା ମଧ ଦୂର ହେବ, ନକାରାତ୍ମକତା ମଧ ଦୂର ହୋଇ ସକାରାତ୍ମକତା ପ୍ରବେଶ କରିବ ।

ଗ୍ରହର ତ୍ରୁଟି ହଟାନ୍ତୁ: ଗ୍ରହ ଦୋଷ ରୋଗରେ ପୀଡିତ ବ୍ୟକ୍ତି ପୂଜା କରିବା ପରେ ପ୍ରତି ସୋମବାର ଭଗବାନ ଶିବଙ୍କୁ ଗଙ୍ଗା ପାଣିରେ ଅଭିଷେକ କରିବା ଉଚିତ୍ । ଏହାଦ୍ୱାରା ଗ୍ରହର ତ୍ରୁଟି ପାଇଁ ଯେଉଁ ସମସ୍ୟା ହୋଇଥିବା ସେଥିରୁ ମୁକ୍ତି ମିଳିବ ।

ଏହା ବ୍ୟତୀତ ଶନିବାର ଦିନ ଏକ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ କିଛି ଗଙ୍ଗା ଜଳ ମିଶାନ୍ତୁ । ବର୍ତ୍ତମାନ ଏହି ପାଣି ଅଶ୍ୱସ୍ତ ଗଛର ମୂଳରେ ଦିଅ । ଏହା ସହିତ ଆପଣ ଗ୍ରହର ତ୍ରୁଟି କାରଣରୁ ସୃଷ୍ଟି ହୋଇଥିବା ସମସ୍ୟାରୁ ମୁକ୍ତି ପାଇବେ ।

ଖରାପ ଦୃଷ୍ଟିରୁ ରକ୍ଷା ମିଳେ : ଯଦି ଘରେ ଛୋଟ ପିଲାମାନଙ୍କ ଉପରେ ଖରାପ ଦୃଷ୍ଟି ପଡିଛି , ତେବେ ପିଲା ଉପରେ ଗଙ୍ଗା ପାଣି ଛିଞ୍ଚନ୍ତୁ । ଏହି ପ୍ରତିକାର ସହିତ ଦୃଷ୍ଟିଦୋଷ ଦୂର ହେବ । କିନ୍ତୁ ଯଦି ପିଲାଟି ବହୁତ କାନ୍ଦୁଛି କିମ୍ବା ବିରକ୍ତ ହେଉଛି, ତେବେ ତାଙ୍କୁ ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ ।

ଶୋଇବା ପୂର୍ବରୁ ଏହି ପ୍ରତିକାର କରନ୍ତୁ: ଶୋଇବା ପୂର୍ବରୁ ଆପଣଙ୍କ ବିଛଣାରେ ଗଙ୍ଗା ପାଣି ଛିଞ୍ଚନ୍ତୁ । ଏହା ସହିତ, ତୁମକୁ ଭଲ ନିଦ ହେବ, ଏବଂ ତୁମର ନିଦ ମଧ ଭାଙ୍ଗିବ ନାହିଁ ଏବଂ ତୁମେ ଖରାପ ସ୍ୱପ୍ନ ମଧ ଦେଖିବ ନାହିଁ ।



ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୯ ମଇ ୨୦୨୩, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମମତାଙ୍କ ପ୍ରସ୍ତାବ ପରେ...

କର୍ଣ୍ଣାଟକରେ ସଦ୍ୟ ସମାପ୍ତ ନିର୍ବାଚନରେ କଂଗ୍ରେସର ବିଜୟ ବିରୋଧୀ ଦଳମାନଙ୍କୁ ଏକ ମେଣ୍ଟ ଗଠନ କରିବା ପାଇଁ ପୁଣିଥରେ ଏହା ଉପରେ ଭରସା କରିବାକୁ ଖୋରାକ ଯୋଗାଇଛି, ଯଦିଓ ଏହି ଦଳ ଏବେ ସୁଦ୍ଧା କ୍ଷମତା ପାଇଁ ଆଭ୍ୟନ୍ତରୀଣ ମତାନ୍ତର ସହିତ ଯୁଝୁଛି, ଯେଉଁଥିପାଇଁ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ହେବାକୁ ନେଇ ଅଙ୍କକଷା ଚାଲିଛି । ତେବେ ବିରୋଧୀ ଦଳମାନେ ୨୦୨୪ ଲୋକସଭା ନିର୍ବାଚନକୁ ଆଖି ଆଗରେ ରଖୁଛନ୍ତି, ଯେଉଁଥିରେ ସେମାନେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ଏବଂ ବିଜେପିକୁ ପରାଜିତ କରିବାର ଲକ୍ଷ୍ୟ କଂଗ୍ରେସର ଅଧ୍ୟକ୍ଷା ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତାଙ୍କ ପ୍ରସ୍ତାବ ବର୍ତ୍ତମାନ ସୂଚନା ଦେଉଛି ଯେ ଆଗରୁ ଯେଉଁସବୁ ଦଳ ମେଣ୍ଟ ପାଇଁ ଉଦ୍ୟମ କଲାବେଳେ କଂଗ୍ରେସ ଉପରେ ଆସ୍ଥା ରଖୁ ନଥିଲେ, ସେମାନେ କର୍ଣ୍ଣାଟକ ନିର୍ବାଚନରେ ଏହାର ବିଜୟ ବହନ କରୁଛନ୍ତି । ସେଥିପାଇଁ ନିକଟରେ ତୃଣମୂଳ ମମତା ବାନାର୍ଜୀ ପ୍ରସ୍ତାବ ଦେଇଛନ୍ତି ଯେ ଆଗାମୀ ଲୋକସଭା ନିର୍ବାଚନରେ କଂଗ୍ରେସ ତା'ର ଯେଉଁସବୁ ନିର୍ବାଚନ ମଣ୍ଡଳୀରେର ଜିତିବାର ସମ୍ଭାବନା ରହିଛି, ସେହିଭଳି ୨୦୦ ପାଖାପାଖି ଆସନରେ ପ୍ରାର୍ଥୀ ଦେଉ ଏବଂ ଅନ୍ୟ ଆସନଗୁଡ଼ିକରେ ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କୁ ସାହାଯ୍ୟ କରୁ, ଯେଉଁଗୁଡ଼ିକରେ ସେମାନଙ୍କର ଜିତିବାର ସମ୍ଭାବନା ରହିଛି । ଅର୍ଥାତ୍ ସୁଶ୍ରୀ ମମତାଙ୍କ ପ୍ରସ୍ତାବ ବର୍ତ୍ତମାନ ସୂଚନା ଦେଉଛି ଯେ ଆଗରୁ ଯେଉଁସବୁ ଦଳ ମେଣ୍ଟ ପାଇଁ ଉଦ୍ୟମ କଲାବେଳେ କଂଗ୍ରେସ ଉପରେ ଆସ୍ଥା ରଖୁ ନଥିଲେ, ସେମାନେ କର୍ଣ୍ଣାଟକ ନିର୍ବାଚନରେ ଏହାର ବିଜୟ ପରେ କଂଗ୍ରେସକୁ ନେଇ ବିଜେପି ବିରୁଦ୍ଧରେ ଏକ ସାଧାରଣ ମଞ୍ଚ ପ୍ରସ୍ତୁତ କରିବା କଥା ବିଚାର କରୁଛନ୍ତି । ଏଥିରେ ସନ୍ଦେହ ନାହିଁ ଯେ ପ୍ରତି ଲୋକସଭା ଆସନରେ ଏନ୍‌ଡିଏ ସାଙ୍ଗେ ଜଣକ-ସହିତ-ଜଣେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁନିଶ୍ଚିତ କରିବା ସାମ୍ପ୍ରତିକ ସମୟର ଏକ ଆବଶ୍ୟକତା, କିନ୍ତୁ ଶାସକ ମେଣ୍ଟକୁ କ୍ଷମତାରୁ ହଟାଇବା ନିମନ୍ତେ ବିରୋଧୀମାନଙ୍କ ଦ୍ୱାରା କରାଯାଉଥିବା ଏହି ଉଦ୍ୟମ ପର୍ଯ୍ୟାପ୍ତ ନୁହେଁ ଓ ତେବେ ବିଜୟ ନିମନ୍ତେ ଏହି ବିରୋଧୀ ଦଳମାନଙ୍କୁ ଲୋକମାନଙ୍କୁ ହୃଦ୍‌ବୋଧ କରାଇବାକୁ ପଡ଼ିବ ଯେ ଦେଶକୁ ଶାସନ କରିବା ପାଇଁ ସେମାନଙ୍କ ମେଣ୍ଟ ଏକ ସମନ୍ୱୟ ରକ୍ଷାକାରୀ ଶକ୍ତି ହେବ । କେବଳ ନରେନ୍ଦ୍ର ମୋଦୀ– ନେତୃତ୍ୱାଧୀନ ଏନ୍‌ଡିଏକୁ ହରାଇବାର ଏକକ-କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ବିରୋଧୀମାନଙ୍କ ପାଇଁ ପର୍ଯ୍ୟାପ୍ତ ହେବନାହିଁ । ଡିଏମ୍ ଦଳ, ଯାହା ନିଷ୍ପତ୍ତି ନେଇ ସାରିଛି ଯେ ଯଦି କିଛି ମେଣ୍ଟ ହୁଏ, ତା'ହେଲେ କଂଗ୍ରେସ ଏହାର କେନ୍ଦ୍ରରେ ରହିବା ଆବଶ୍ୟକ, ପରନ୍ତୁ, ଅନ୍ୟ କେତେକ ଦଳ ଯେପରି ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ତାଙ୍କ ନିଜ ରାଜ୍ୟରେ କଂଗ୍ରେସ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ, ଆଉ ସେଥିପାଇଁ କଂଗ୍ରେସ ସାମିଲ ହୋଇଥିବା ଏକ ମେଣ୍ଟକୁ ବିରୋଧ କରିବା ସ୍ୱାଭାବିକ । ସେମିତି ଆଉ କିଛି ଦଳ ମଧ୍ୟ ବାଡ଼ ଜଗିକି ବସିଲା ଭଳି ବସିଛନ୍ତି, ଯେମିତିକି ସମାଜବାଦୀ ପାର୍ଟି । ଏଯାଏଁ କଂଗ୍ରେସକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖି ଆସୁଥିବା ତୃଣମୂଳ କଂଗ୍ରେସ ନେତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ ବକ୍ତବ୍ୟ କିନ୍ତୁ ସୂଚାଉଛି ଯେ ମିଶନ୍ ୨୦୨୪ରେ କଂଗ୍ରେସ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ତାଙ୍କ ଦଳ ବିଶ୍ୱାସ କରିବାକୁ ଆରମ୍ଭ କରିଛି । ସୁଶ୍ରୀ ବାନାର୍ଜୀଙ୍କ ପରାମର୍ଶକୁ ଯଥାର୍ଥ ସାବ୍ୟସ୍ତ କରିବାକୁ ହେଲେ ନିହାତି କମ୍‌ରେ ଦୁଇଗୋଟି ପଦକ୍ଷେପ ନେବାକୁ ପଡ଼ିବ। ବିଭିନ୍ନ ବିରୋଧୀ ଦଳଙ୍କ ମଧ୍ୟରେ ରହିଥିବା ମତ ପାର୍ଥକ୍ୟକୁ ଦୂର କରି ସମସ୍ତଙ୍କୁ ଏକାଠି ଗୋଟିଏ ମଞ୍ଚକୁ ଆଣିବାକୁ ହେଲେ ବିରୋଧୀମାନଙ୍କ ମଧ୍ୟରୁ କାହାକୁ ଜଣକୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସହିତ କଠିନ ପରିଶ୍ରମ କରିବାକୁ ପଡ଼ିବ ଏ କାମ କରିବା ପାଇଁ । କେନ୍ଦ୍ରର ଏନ୍‌ଡିଏ ସରକାରକୁ ବିରୋଧ କରୁଥିବା କେତେକ ନେତାଙ୍କୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଯାଦବ ବେଶ୍ କେତେଦିନ ହେବ ସାକ୍ଷାତ ଆଲୋଚନା କରିବା ଆରମ୍ଭ କରି ଦେଇଛନ୍ତି । ଏସିପି ସଭାପତି ଶରଦ ପାୱାର, ଭାରତୀୟ ରାଜନୀତିର ଜଣେ ପୁରୁଖା ନେତା ମଧ୍ୟ ଘୋଷଣା କରି ସାରିଛନ୍ତି ଯେ ସେ ଏହି କାର୍ଯ୍ୟ ତୁଲାଇବାକୁ ଆଗ୍ରହୀ ଅଛନ୍ତି। ତେବେ ସବୁଠୁ ବଡ଼ ପ୍ରତିବନ୍ଧକ ହେଉଛି, କଂଗ୍ରେସକୁ ତା'ର ଉଚ୍ଚାଭିଳାଷର ଘୋଡ଼ା ପିଠିରୁ ଓହ୍ଲାଇବାକୁ ବୁଝାଇବା। ଏପରି କହିବାର କାରଣ, ସୁଶ୍ରୀ ମମତାଙ୍କ ପ୍ରସ୍ତାବ ପରେ ପରେ ତାଙ୍କ ରାଜ୍ୟରେ କଂଗ୍ରେସ ଦଳ ଯେଉଁ ପ୍ରଥମ ପ୍ରତିକ୍ରିୟାଟି ପ୍ରକାଶ କରିଛି, ତାହା ସୂଚାଉଛି ଯେ କଂଗ୍ରେସ ଉପରୋକ୍ତ କାର୍ଯ୍ୟ କରିବା ନିମନ୍ତେ ଏବେ ସୁଦ୍ଧା ପ୍ରସ୍ତୁତ ହୋଇନାହିଁ । ଦଳ ଯେଉଁଠି ତା'ର ବିଜୟର ଯଥେଷ୍ଟ ସମ୍ଭାବନା ଅଛି, ସେସବୁ ସ୍ଥାନରେ ନିଜେ ପ୍ରତିଦ୍ୱନ୍ଦ୍ୱିତା କରି ଅନ୍ୟ ସ୍ଥାନଗୁଡ଼ିକରେ ବିରୋଧୀ ଦଳମାନଙ୍କୁ ନିର୍ବାଚନ ଲଢ଼ିବାକୁ ଛାଡ଼ିଦେବା ସହିତ ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ହେବା ଉଚିତ । ଏହା ହୃଦୟଙ୍ଗମ କରିବା ଉଚିତ ଯେ କର୍ଣ୍ଣାଟକରେ ଏହାର ବିଜୟ ଅନ୍ୟ ବିରୋଧୀ ଦଳମାନଙ୍କୁ ଏହାକୁ ନେଇ ଏକ ସାଧାରଣ ସାମ୍ମୁଖ୍ୟ ଗଠନ କରିବାକୁ ଉତ୍ସାହିତ କରିଛି; ଏଥିରୁ ମୁହଁ ଫେରାଇ ନେବାକୁ ନୁହେଁ । ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ସୁଶ୍ରୀ ମମତା ବାନାର୍ଜୀଙ୍କ ପ୍ରସ୍ତାବ ଅନୁସାରେ ଏକ ସୁଚିନ୍ତିତ ଯୋଜନା ସହିତ ମେଣ୍ଟ ଗଠନ ହୋଇ ପାରିଲେ ହିଁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ଶାସନ ଗାଦିରୁ ହଟାଇବାର ବିରୋଧୀମାନଙ୍କ ସ୍ୱପ୍ନ ସାକାର ହୋଇ ପାରିବ, ଅନ୍ୟଥା କେବଳ ପାଣି ବାଡ଼େଇବା ଯାହା ସାର ହେବ ।

# ଓଡ଼ିଆ ସଙ୍ଗୀତର ଭଗୀରଥ – ସଙ୍ଗୀତ ସୁଧାକର


ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ
(୧୯୨୩-୧୯୯୩)

**ତପନ ରାୟ**

ଆଜ ହେଉଛି ସାବିତ୍ରୀ ଅମାବାସ୍ୟା, ଶହେ ବର୍ଷ ତଳେ ୧୯୨୩ ମସିହା ଆଜିର ଦିନରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଜନ୍ମ ଗ୍ରହଣ କରିଥିଲେ ପୁରୀ ଜିଲ୍ଲାର ବାଲକାଟି ଗ୍ରାମ ବସନ୍ତପେଡ଼ିସ୍ଥିତ ବ୍ରାହ୍ମଣ ଶାସନରେ। ପିତା ଦୀନବନ୍ଧୁ ଦାଶ ଓ ମାତା କମଳା ଦେବୀଙ୍କ କୋଳମଣ୍ଡନ କରିଥିଲେ ସେହି ଯୋଗଜନ୍ମା ପୁରୁଷ। ବାଲ୍ୟକାଳରେ ସେ ତାଙ୍କର ପିତାମାତାଙ୍କୁ ହରାଇଥିଲେ। ସେତେବେଳକୁ ସେ ଚାଟଶାଳୀ ଶିକ୍ଷା ସମାପ୍ତ କରିସାରିଥିଲେ। ପିଲାଦିନରୁ ସେ ଗୋଟିପୁଅ ନାଚ, ଗୀତ ଓ ଅଭିନୟ ଦେଖି ସଙ୍ଗୀତ ପ୍ରତି ଆକର୍ଷିତ ହୋଇଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାଦିନୁ ଭଜନ, ଜଣାଣ, ଛାନ୍ଦ, ଚମ୍ପୂ ଇତ୍ୟାଦି ଗାଇ ସେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲେ। ଗାଁରେ ଶିକ୍ଷା ସମାପ୍ତି ପରେ ଉଚ୍ଚଶିକ୍ଷା ପାଇଁ ସେ ଭୁବନେଶ୍ୱରକୁ ଆସିଲେ। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଖରେ ଥିବା ଏକ ସଂସ୍କୃତ ଟୋଲରେ ସେ ପ୍ରଥମା ଓ ମଧ୍ୟମାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲେ। ଅଧିକ ଅଧ୍ୟୟନ କରିବା ସମୟରେ ତାଙ୍କ ଗାଁର ଜନୈକ ରାଜନେତା ସତ୍ୟପ୍ରିୟ ମହାନ୍ତିଙ୍କ ସହ ଦେଖା ହୋଇଥିଲା। ସେ ବାଳକୃଷ୍ଣଙ୍କ କଣ୍ଠସ୍ୱର ଓ ଗାୟନ ଶୈଳୀରେ ମୁଗ୍ଧ ହୋଇ ତାଙ୍କୁ କଟକ ନେଇ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନଙ୍କ ସହିତ ପରିଚୟ କରାଇ ଦେଇଥିଲେ। ଶ୍ରୀଚନ୍ଦନଙ୍କଠାରୁ ସେ ଶାସ୍ତ୍ରୀୟ ରୀତିରେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଶିକ୍ଷାଲାଭ କଲେ। ତାଙ୍କଠାରୁ ଶିକ୍ଷା ସମାପ୍ତି କରି ସେ ଗୁରୁ କ୍ଷିତୀଶ ଚନ୍ଦ୍ର ମୈତ୍ରଙ୍କ ପାଖରେ ଦୁଇବର୍ଷ କାଳ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କଲେ, କିନ୍ତୁ ତାଙ୍କ ଭାଗ୍ୟରେ ସଙ୍ଗୀତ ମାର୍ଗ ଆହୁରି ପ୍ରଲମ୍ବିତ ଓ ଉଜ୍ଜ୍ୱଳ ଥିଲା। ତାଙ୍କ ପ୍ରତିଭାର ସମୁଚିତ ବିକାଶ ପାଇଁ ଗୁରୁ ଗୋକୁଳ ଚନ୍ଦ୍ର ଶ୍ରୀଚନ୍ଦନ ତାଙ୍କୁ କଲିକତାର ବିଖ୍ୟାତ ସଙ୍ଗୀତଜ୍ଞ ରାଇଚାନ୍ଦ ବରାଲଙ୍କ ନିକଟକୁ ନେଇ ଯାଇଥିଲେ। ତାହା ଥିଲା ୧୯୪୦ ମସିହାର ଘଟଣା। ରାଇଚାନ୍ଦ ବରାଲଙ୍କ ଘରେ ଅବସ୍ଥାନ କାଳରେ ସେଠାକୁ ଆସୁଥିବା ଅନେକ ଗୁଣୀଜ୍ଞାନୀ ତଥା ସଙ୍ଗୀତ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଥିଲେ। ସେଠାରେ ତାଙ୍କୁ ଭାରତବର୍ଷର ଖ୍ୟାତନାମା ଶାସ୍ତ୍ରୀୟ ସଙ୍ଗୀତଜ୍ଞ ବଡ଼େ ଗୁଲାମ ଅଲ୍ଲୀ ଖାନ୍‌ଙ୍କ ସହ ସାକ୍ଷାତର ଅପୂର୍ବ ସୁଯୋଗ ମିଳିଥିଲା। ବାଳକୃଷ୍ଣ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ତାଙ୍କଠାରୁ ଠୁମୁରୀ, ଦଦ୍‌ରା ଗଜଲ୍, ଖୟାଲ୍ ଆଦି ଶିକ୍ଷା ଲାଭ କରିବାର ସୁଯୋଗ ପାଇଲେ। ତାହା ଥିଲା ତାଙ୍କ ସଙ୍ଗୀତ ଜୀବନର ଏକ ପୂର୍ଣ୍ଣତାର ଉପଲବ୍ଧି। ରାଇଚାନ୍ଦ ବରାଲ୍ ସେ ସମୟରେ ହିନ୍ଦୀ ଓ ବଙ୍ଗଳା ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ଭାବରେ ସୁପରିଚିତ ଥିଲେ। ଚଳଚ୍ଚିତ୍ରରେ କିପରି ସଙ୍ଗୀତ ନିର୍ଦ୍ଦେଶନା ଦେବାକୁ ହୁଏ ସେସବୁ ସେ ତାଙ୍କଠାରୁ ଶିଖିଲେ, ଯାହା ତାଙ୍କୁ ପରବର୍ତ୍ତୀ କାଳରେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ ଅନେକ ସାହାଯ୍ୟ କରିଥିଲା। କଲିକତା ରହଣି କାଳରେ ୧୯୪୪ ମସିହାରେ ସେ କଲିକତା ଆକାଶବାଣୀ କେନ୍ଦ୍ରରେ ଗାୟକ ଭାବରେ ଯୋଗ ଦେଲେ। କଲିକତା ଆକାଶବାଣୀରୁ ପ୍ରସାରିତ ତାଙ୍କର ଓଡ଼ିଶୀ, ଭଜନ, ଛାନ୍ଦ ଇତ୍ୟାଦି ସେ ସମୟରେ ଓଡ଼ିଶାରେ ବେଶ୍ ଲୋକପ୍ରିୟ ହୋଇଥିଲା। ଏହାର ଚାରିବର୍ଷ ପରେ ୧୯୪୮ ମସିହାରେ କଟକ ଆକାଶବାଣୀ ପ୍ରତିଷ୍ଠା ହେଲା। ତେଣୁ ବାଳକୃଷ୍ଣ କଲିକତାରୁ ଫେରିଆସି କଟକ ଆକାଶବାଣୀର ଷ୍ଟାଫ୍ ଆର୍ଟିଷ୍ଟ ଭାବେ ଯୋଗଦେଲେ। ଚାଳିଶ ଦଶକର ଶେଷ ଭାଗରେ ଏଚ୍.ଏମ୍.ଭି କମ୍ପାନୀର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଭାବରେ ତାଙ୍କର ୭୮ ଜଚଗ ଜରମକୁକ୍ସ୍ୱୟ ବଜାରକୁ ଆସିବା ଆରମ୍ଭ ହୋଇଥିଲା। ତାଙ୍କ କଣ୍ଠସ୍ୱରରେ ଓଡ଼ିଶୀ, ଚମ୍ପୂ, ଛାନ୍ଦ, ଭଜନ, ଜଣାଣ, ପଲ୍ଲୀ ଓ ଆଧୁନିକ ଗୀତଗୁଡ଼ିକ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ ଲୋକପ୍ରିୟ କରିବାକୁ ଲାଗିଲା। ତା'ପରେ ସେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶନା ଦିଗରେ ମନ ବଳାଇଲେ। ୧୯୫୦ ମସିହାରେ ଓଡ଼ିଆ ଭାଷାରେ ନିର୍ମିତ ତୃତୀୟ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥ'ରେ ରଣଜିତ୍ ରାୟଙ୍କ ସହ ଯୁଗ୍ମ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ସେ ଯୋଗ ଦେଲେ। ସେଥିରେ ଥିବା ଦଶଟି ଗୀତ ମଧ୍ୟରୁ ତାଙ୍କଦ୍ୱାରା ସଂଯୋଜିତ ଦୁଇଟି ଗୀତ – 'ତୁମେ ଲେଉଟିଲ ନାହିଁ' ଏବଂ 'ପିୟାସୀରେ ନୀର ଖୋଜୁ କ୍ଷୀର ଦେବି ମୁହିଁ' ସେ ସମୟରେ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ତା'ପରେ ୧୯୫୪ରେ 'କେଦାର ଗୌରୀ' ଓ ୧୯୫୬ରେ 'ଭାଇଭାଇ' ଚଳଚ୍ଚିତ୍ରରେ ଭୁବନେଶ୍ୱର ମିଶ୍ର ଓ ବାଳକୃଷ୍ଣ ଦାଶ ମିଳିତ ଭାବେ 'ଭୁବନ କିଶନ୍' ନାମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ୧୯୬୦ ମସିହା ବାଳକୃଷ୍ଣ ଦାଶଙ୍କ ପାଇଁ ଏକ ଉଲ୍ଲେଖନୀୟ ବର୍ଷ ଥିଲା। ଏହି ବର୍ଷ ସେ ଏକାକୀ ଭାବେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କଲେ। ସେହି ଚଳଚ୍ଚିତ୍ରର ନାଁ ଥିଲା 'ଶ୍ରୀଲୋକନାଥ'। ଏହି ଚଳଚ୍ଚିତ୍ର ସଙ୍ଗୀତ କ୍ଷେତ୍ରରେ ଏକ ପରିବର୍ତ୍ତନର ସଙ୍କେତ ନେଇ ଆସିଥିଲା। ଏଥିରେ ଭରି ରହିଥିଲା ସରଳ, ଶ୍ରୁତିମଧୁର ସାବଲୀଳ ସ୍ୱର। ସେହି ସ୍ୱରରେ ଥିଲା ଓଡ଼ିଆମାଟିର ବାସ୍ନା, ଓଡ଼ିଆ ପାଣିପବନର ଝଙ୍କାର "ଫୁଲ ରସିଆରେ ମନ ମୋ ଛୁଇଁ ଛୁଇଁ ଯା ଯା" - ଏହି ଗୀତ ସାରା ଓଡ଼ିଶାର ଶ୍ରୋତାଙ୍କ ମନକୁ ଗଭୀର ଭାବରେ ଛୁଇଁଥିଲା ଓ ବାଳକୃଷ୍ଣ ଦାଶଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ଦେଇଥିଲା। ଏହା ଥିଲା ତାଙ୍କ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ କ୍ଷେତ୍ରରେ ଜୟଯାତ୍ରା। ତାପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି। ୧୯୫୦ ମସିହାରୁ ୧୯୮୭ ମସିହା ପର୍ଯ୍ୟନ୍ତ ଦୀର୍ଘ ଚାରି ଦଶନ୍ଧି ଧରି ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ କ୍ଷେତ୍ରରେ ଜଣେ ଅଦ୍ୱିତୀୟ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ତାଙ୍କର ଅମ୍ଳାନ ସ୍ମୃତି ଛାଡ଼ି ଯାଇଛନ୍ତି। ଲକ୍ଷ୍ମୀ, ନୂଆବୋଉ, ମାଣିକ ଯୋଡ଼ି, ଜୀବନ ସାଥୀ, ଅମଡ଼ା ବାଟ, ନବଜନ୍ମ, ଅଦିନ ମେଘ, ମଥୁରା ବିଜୟ ପରି ପ୍ରାୟ କୋଡ଼ିଏଟି ଚଳଚ୍ଚିତ୍ରରେ ସେ ନିଜର ଅନନ୍ୟ ସଙ୍ଗୀତ ପାରିଦର୍ଶିତା ପ୍ରଦର୍ଶନ କରି ଜନମାନସକୁ ବିମୋହିତ କରିପାରିଛନ୍ତି।

ତାଙ୍କର ସ୍ୱରମାଧୁରୀ ଦଶନ୍ଧି ଦଶନ୍ଧି ଧରି ଓଡ଼ିଆ ଶ୍ରୋତାମାନଙ୍କୁ ବିମୁଗ୍ଧ କରିଛି ଓ ଉଲ୍ଲସିତ କରିଛି। ତାଙ୍କର ଜୀବନୀ ଓ ସାଧନା ଓଡ଼ିଆ ସାଂସ୍କୃତିକ ପରମ୍ପରାର ଅର୍ଦ୍ଧଶତାବ୍ଦୀର ଇତିହାସ। ତାଙ୍କ କଣ୍ଠରେ ବାସ୍ତବରେ ଥିଲା ଓଡ଼ିଆ ମାଟିର ବାସ୍ନା, ତାଙ୍କ ସଙ୍ଗୀତର ଝଙ୍କାର ଥିଲା ଦିଗନ୍ତ ପ୍ରସାରୀ, ଜଗନ୍ନାଥଙ୍କ ଭଜନ ହେଉ, ଜଣାଣ ହେଉ, ଓଡ଼ିଶୀ ଛାନ୍ଦ ଚମ୍ପୂ ହେଉ, ଓଡ଼ିଶୀ ସଙ୍ଗୀତର ରାଗ ଅବା ଭାବ ହେଉ ବା ଗୀତ ଗୋବିନ୍ଦର ଅଷ୍ଟପଦୀ ହେଉ, ଚଳଚ୍ଚିତ୍ରଠାରୁ ଆରମ୍ଭ କରି ରାଗପ୍ରଧାନ ଆଧୁନିକ ଗୀତ ହେଉ, ଏ ସମସ୍ତରେ ତାଙ୍କର ଗାୟନ ଶୈଳୀ ଥିଲା ଅତ୍ୟନ୍ତ ମାଧୁର୍ଯ୍ୟପୂର୍ଣ୍ଣ ଓ ହୃଦୟସ୍ପର୍ଶୀ।

ଜଣେ ସର୍ବକାଳୀନ ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଭାବରେ ସଙ୍ଗୀତ ଜଗତକୁ ତାଙ୍କର ମହାର୍ଘ ଅବଦାନ ପାଇଁ ଓଡ଼ିଆ ଜନମାନସରେ ସେ ଚିରସ୍ମରଣୀୟ ରହିବେ, ଆଜି ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସେହି ମହାନ୍ ଆତ୍ମା ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

# ସାବିତ୍ରୀ ବ୍ରତର ମାହାତ୍ମ୍ୟ



**ପ୍ରଦୀପ୍ତ ଆଚାର୍ଯ୍ୟ**

ଭାରତବର୍ଷର ଅନେକାଂଶରେ ବିବାହିତା ହିନ୍ଦୁ ରମଣୀ ମାନେ ବହୁ ନିଷ୍ଠାର ସହିତ ସାବିତ୍ରୀ ବ୍ରତ ପାଳନ କରନ୍ତି। ବିଶେଷତଃ ନେପାଳ ତଥା ଭାରତୀୟ ରାଜ୍ୟ ମାନଙ୍କ ମଧ୍ୟରେ ବିହାର, ଉତ୍ତର ପ୍ରଦେଶ ଏବଂ ଓଡିଶାର ହିନ୍ଦୁ ରମଣୀ ମାନେ ଏହି ବ୍ରତକୁ ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥିରେ ପାଳନ କରନ୍ତି। କିନ୍ତୁ ପଶ୍ଚିମ ଭାରତର ମହାରଷ୍ଟ୍ର,ଗୋଆ,ଗୁଜୁରାଟ ଏବଂ କର୍ଣାଟକର ବିବାହିତା ରମଣୀ ମାନେ ଏହି ବ୍ରତକୁ ଜ୍ୟେଷ୍ଠ ମାସର ପୂର୍ଣମା ତିଥିରେ ଭାଟ-ପୂର୍ଣମା ରୂପେ ପାଳନ କରନ୍ତି। ସେମାନେ ଏହିଦିନ ଦିନସାରା ଉପବାସ ରହି ସ୍ୱାମୀଙ୍କର ମଙ୍ଗଳ ତଥା ଦୀର୍ଘ ଜୀବନ କାମନାର୍ଥେ ସାବିତ୍ରୀ ଦେବୀଙ୍କ ପୂଜା ଉପାସନା କରିଥାନ୍ତି।

ଏହି ବ୍ରତପାଳନର ପଶ୍ଚାତ ଭାଗରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଅଛି। ତାହା ହେଉଛି ମଦ୍ର ରାଜ୍ୟର ରାଜା, ଅଶ୍ୱପତିଙ୍କର ଅତୀବ ସୁନ୍ଦରୀ କନ୍ୟା ସାବିତ୍ରୀ, କୌଣସି ଏକ ଋଷି ଆଶ୍ରମରେ ପିତା ଦ୍ୟୁମତସେନ୍‌ଙ୍କ ସହିତ କାଳାତିପାତ କରୁଥିବା ସତ୍ୟବାନ ନାମକ ଏକ ରାଜକୁମାରଙ୍କୁ ଅଳ୍ପାୟୁ ଜାଣି ମଧ୍ୟ ସ୍ୱଇଚ୍ଛାରେ ପତି ରୂପେ ବରଣ କରିଥିଲେ। ପତିପ୍ରାଣା ସାବିତ୍ରୀ ସ୍ୱାମୀ ଏବଂ ଶ୍ୱଶୁରଙ୍କସେବାରେ ନିଜକୁ ନିୟୋଜିତ କରିବାର କାମନା ରଖି ତାଙ୍କ ସହିତ ବନବାସୀ ହୋଇଥିଲେ। ଏକଦା ରନ୍ଧନ କାର୍ଯ୍ୟ ପାଇଁ ଜାଳେଣି କାଷ୍ଠର ଆବଶ୍ୟକତା ଥିବାରୁ ସତ୍ୟବାନ ଏକ ବୃକ୍ଷାରୋହଣ କରି କାଷ୍ଠ ସଂଗ୍ରହ କରୁଥିଲେ। ତତ୍‌କ୍ଷଣାତ ଅସୁସ୍ଥତା ବଶତଃ ସେ ବୃକ୍ଷରୁ ଭୂପତିତ ହେବାରୁ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ମୃତ୍ୟୁ ଦେବତା ଯମରାଜ ସତ୍ୟବାନଙ୍କର ଆତ୍ମାକୁ ନେବାକୁ ଉଦ୍ୟତ ହୁଅନ୍ତେ, ସାବିତ୍ରୀ ତାଙ୍କୁ ତାଙ୍କ ସ୍ୱାମୀଙ୍କ ଜୀବନ ଫେରାଇ ଦେବା ପାଇଁ ବହୁ ଅନୁନୟ ବିନୟ ହୋଇ ଅନୁରୋଧ କରିଥିଲେ। ଯମରାଜ ସମସ୍ତ ଅନୁରୋଧକୁ ପ୍ରତ୍ୟାଖାନ କରି, ତାଙ୍କର ଆତ୍ମାକୁ ନେବା ସମୟରେ ସାବିତ୍ରୀ ଯମରାଜାଙ୍କର ପଶ୍ଚାତଧାବନ କରିଥିଲେ। ଯମରାଜ ସାବିତ୍ରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କାଳର ନିୟମକୁ ଉଲଘଂନ ନକରି, ସ୍ୱାମୀଙ୍କ ଜୀବନ ପ୍ରାପ୍ତି ବ୍ୟତୀତ, ଅନ୍ୟ କେତୋଟି ବର ଯାଚଞ୍ଚା କରିଥିଲେ। ତନ୍ମଧ୍ୟରୁ ସାବିତ୍ରୀ ଯମରାଜାଙ୍କୁ ପୁତ୍ରବତୀ ହେବାର ସୌଭାଗ୍ୟ ଅର୍ଜନ ନିମନ୍ତେ ଏକବର ପ୍ରାର୍ଥନା କରିଥିଲେ ଏବଂ ଯମରାଜା ମଧ୍ୟ ତାଙ୍କୁ ତଥାସ୍ତୁ ପ୍ରଦାନ କରିଥିଲେ। ତତ୍‌ପରେ ସାବିତ୍ରୀ ଯମରାଜାଙ୍କୁ ପ୍ରଶ୍ନ କରିଥିଲେ, ସ୍ୱାମୀଙ୍କ ଅବର୍ତମାନରେ ଜଣେ ସତୀନାରୀ ପୁତ୍ରବତୀ ହେବ ବା କିପରି? ଯମରାଜାଙ୍କର ଚୈତନ୍ୟ ଉଦୟ ହୋଇଥିଲା, ନିରୁପାୟ ହୋଇ ସେ ସତ୍ୟବାନଙ୍କୁ ଜୀବଦାନ୍ ଦେବା ପାଇଁ ବାଧ୍ୟ ହୋଥିଲେ।

ଜଣେ ସତୀ ନାରୀ ତାର ନିଷ୍ଠା ପରାକାଷ୍ଠା ବଳରେ ମୃତ୍ୟୁଲୋକରୁ ସ୍ୱାମୀଙ୍କ ଜୀବନ ଫେରାଇ ଆଣିବା କିମ୍ବଦନ୍ତୀରୁ ସାବିତ୍ରୀ ବ୍ରତର ଆରମ୍ଭ। ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ଏକ ସୁଖୀ ଦାମ୍ପତ୍ୟ ଜୀବନ ଏକାନ୍ତ ଆବଶ୍ୟକ। ପରଷ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ, ବିଶ୍ୱାସ ବୃଦ୍ଧି ସାବିତ୍ରୀ ବ୍ରତ ପାଳନର ଏକମାତ୍ର ଲକ୍ଷ୍ୟ। କିନ୍ତୁ ଆଜି ଆଧୁନିକ ସଭ୍ୟତାର ପ୍ରସାର ଏବଂ ପ୍ରଭାବରେ ସାବିତ୍ରୀ ବ୍ରତ ପାଳନ ଏକ ପରମ୍ପରା ତଥା ଲୌକିକତାରେ ସୀମିତ। ଭାବଶୁନ୍ୟ ଆନ୍ତରିକତା ବିହୀନ ପୂଜାରେ ସ୍ତ୍ରୀମାନେ ଦାମୀ ଅଳଙ୍କାର ଏବଂ ବସ୍ତ୍ର ପରିଧାନ ପୂର୍ବକ ସେମାନଙ୍କର ସ୍ୱାମୀ ମାନଙ୍କର ବୈଭବ ପ୍ରଦର୍ଶନ ପ୍ରତିଯୋଗିତାରେ ବ୍ୟସ୍ତ। ବହୁ ସ୍ଥାନରେ ଶାଢୀ କିଣାକୁ ନେଇ ମନାନ୍ତର ମତାନ୍ତର। ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ନାରୀ ଆଜି ବହୁ କ୍ଷେତ୍ରରେ ସ୍ୱାବଲମ୍ବୀ। ଉଗ୍ର ଆଧୁନିକତା ଯୋଗୁ ସେମାନେ ସ୍ୱାମୀ ମାନଙ୍କୁ ନ୍ୟୁନ ମନେ କରୁଛନ୍ତି। ସ୍ୱାମୀ ମନେ ମଧ୍ୟ ସ୍ତ୍ରୀମାନଙ୍କୁ ଦାସୀ କରି ରଖିବାର ପ୍ରାଚୀନ ମାନସିକତାରୁ ମୁକ୍ତି ପାଇପାରି ନାହାନ୍ତି। ଦାମ୍ପତ୍ୟ ଜୀବନରେ ସ୍ନେହ ଶ୍ରଦ୍ଧାର ରଜ୍ଜୁ ଶିଥିଳ ହୋଇ ଯାଉଥିବାରୁ, ଅସ୍ୱାଭାବିକ ଭାବରେ ପରକୀୟା ପ୍ରୀତି ଭଳି ରୁଗ୍‌ଣ ମାନସିକତାର ବୃଦ୍ଧି ଘଟୁଅଛି।

ପରଷ୍ପର ପ୍ରତି ଅସହିସ୍ନୁତା ଯୋଗୁ ସାମାନ୍ୟ ସାମାନ୍ୟ କଥାରେ କଳହର ତିବ୍ରତା ନ୍ୟାୟାଳୟ ପର୍ଯ୍ୟନ୍ତ ପହଂଚି ଯାଉଛି। ପ୍ରାଚୀନ କାଳରେ ପୁରୁଷ କୈନ୍ଦ୍ରିକ ସମାଜରେ ନାରୀ ମାନଙ୍କୁ ସ୍ୱାମୀ ଅନୁଗାମୀ କରାଇବା ପାଇଁ ଅତ୍ୟନ୍ତ କଠୋର ନିୟମ ପ୍ରଣୟନ କରାଯାଇଥିଲା। ଏପରିକି ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଲୋକମାନଙ୍କୁ ସ୍ୱାମୀଙ୍କ ଚିତାଗ୍ନୀରେ ଝାସ ଦେବାକୁ ବାଧ୍ୟ କରା ଯାଉଥିଲା। ବଂଚି ରହୁଥିବା ବିଧବାମାନଙ୍କୁ ଆମିଷ ଭକ୍ଷଣଠାରୁ ଆରମ୍ଭ କରି ସୁନ୍ଦର ଆଭୁଷଣ ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରା ଯାଇଥିଲା। ସଧବା ଥିବା ସମୟରେ ମଧ୍ୟ, ସ୍ୱାମୀ ମାନଙ୍କ ପଦ ଧୌତ ଜଳ ସେବନ, ସ୍ୱାମୀ ମାନଙ୍କ ଭୋଜନ ପରେ ଭୋଜନ ଏବଂ ସ୍ୱାମୀଙ୍କ ଉଚ୍ଛିଷ୍ଟ ଭକ୍ଷଣ ପରି ବହୁ ଅମାନବୀୟ ନିୟମ ମାନିବାକୁ ପଡୁଥିଲା। ଯାହାହେଉ ସମୟକ୍ରମେ କିଛି ସମାଜ ସଂସ୍କାରକ ମାନଙ୍କର ଆନ୍ତରିକ ପ୍ରଚେଷ୍ଟା ଫଳରେ, ନାରୀ ସମାଜ ଏ କୁସଂସ୍କାର ଏବଂ ମାନସିକ ନିର୍ଯ୍ୟାତନାରୁ ରକ୍ଷା ପାଇ ପାରିଛି। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ନାରୀ ଓ ପୁରୁଷ ପରଷ୍ପର ପରିପୁରକ। ଜଣଙ୍କ ବ୍ୟତୀରକେ ଅନ୍ୟ ଜଣଙ୍କ ଜୀବନ ଅଧୁରା ଏବଂ ଅପୂର୍ଣ। ତେଣୁ ଉଭୟେ ଗର୍ବ ଅହଂକାର ତ୍ୟାଗ କରି କେହି କାହାକୁ ଶ୍ରେଷ୍ଠ ବା କେହି କାହାକୁ ନ୍ୟୁନ ଚିନ୍ତନ ମନକୁ ଆଣିବା ଆଦୌ ସ୍ପୃହଣୀୟ ନୁହେଁ। ସୁସ୍ଥ ଗ୍ରାହ୍ୟସ୍ଥ ଜୀବନରେ ଏକ ଆଦର୍ଶ ପରିବାର ଗଠନ ପାଇଁ, ନାରୀ ଏବଂ ପୁରୁଷ ଉଭୟଙ୍କର ଭୁମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ସହନଶୀଳତା, ଧୈର୍ଯ୍ୟ ଓ ପ୍ରଗାଢ ବିଶ୍ୱାସ ପରି ସ୍ୱର୍ଗୀୟ ଗୁଣର ମୂଳଦୁଆ ଉପରେ ସୁଖୀ ଦାମ୍ପତ୍ୟ ଜୀବନ ପ୍ରତିଷ୍ଠିତ, ଯାହାକି ଆଜିର ପରିବାରରେ ବିଲୁପ୍ତ ପ୍ରାୟ। ପ୍ରକୃତରେ ନାରୀ ମାନେ ଯେ ସବୁ ସମୟରେ ପୁରୁଷ ମାନଙ୍କର ଆଜ୍ଞାଧୀନା ହୋଇ ସମସ୍ତ କାର୍ଯ୍ୟ ନିର୍ବାହ କରୁଥିବେ, ତାହା ସମ୍ପୂର୍ଣ ଭ୍ରମାତ୍ମକ। ପରିବର୍ତୀତ ସାମାଜିକ ବ୍ୟବସ୍ଥାରେ ପତି ମାନେ ମଧ୍ୟ ପତ୍ନୀ ମାନଙ୍କୁ ତାଙ୍କ କାର୍ଯ୍ୟରେ ସହଯୋଗ କରିବା ତଥା ଆନ୍ତରିକ ଶ୍ରଦ୍ଧା ଏବଂ ପୂର୍ଣ ବିଶ୍ୱାସ ସ୍ଥାପନ କରିବାର ଆବଶ୍ୟକତା ରହିଅଛି । ନାରୀ ମାନେ ସେବାର ମୂର୍ତୀମନ୍ତ ପ୍ରତୀକ। ଭଗ୍ନୀ ରୁପେ ଭ୍ରାତାର, ପତ୍ନୀ ରୁପେ ପତିର ଏବଂ ମାତା ରୂପେ ପୁତ୍ରର ଆନ୍ତରିକ ସେବାରେ ହିଁ ନାରୀର ଆତ୍ମତୃପ୍ତି। ଆଧୁନିକ ସଭ୍ୟତାର କୁପ୍ରଭାବରେ ଯଦି କେହି ପଥଭ୍ରଷ୍ଟ ହେବାକୁ ଚେଷ୍ଟା କରୁ ଅଛନ୍ତି, ତେବେ ଅନ୍ୟ ଜଣେ ଶ୍ରଦ୍ଧା, ଧୈର୍ଯ୍ୟ ଏବଂ ସହନଶୀଳତା ଆଚରଣ ପୂର୍ବକ ତାକୁ ଭୁଲ ବାଟରୁ ଫେରାଇ ଆଣିବାର ଶତ ପ୍ରତିଶତ ପ୍ରୟାସ ଜାରି ରଖିବା ଅପରିହାର୍ଯ୍ୟ। କ୍ରୁରତା ପ୍ରଦର୍ଶନ ଏ କ୍ଷେତ୍ରରେ ଆଦୌ ଗ୍ରହଣୀୟ ନୁହେଁ। ଉତମ ବ୍ୟବହାର ପ୍ରଦର୍ଶନ, ଅନେକ ଜଟିଳସମସ୍ୟାର ସହଜ ସମାଧାନରେ ସହାୟକ ହୋଇଥାଏ। ଆଧୁନିକ ଯୁଗରେ ନାରୀ ମାନଙ୍କ ଦ୍ୱାରା ପୁରୁଷ ମାନେ ନିର୍ଯ୍ୟାତିତ ହେଉଥିବା ନଜିର କଛି କମ ନାହିଁ। ତେଣୁ ବର୍ଷକରେ ଥରେ ସାବିତ୍ରୀ ବ୍ରତ ପାଳନ କରି, ସ୍ୱାମୀ ମାନଙ୍କୁ ମୁଣ୍ଡିଆ ମାରି, ଆଉ ବାକି ତିନି ଶହ ଚଉଷଠି ଦିନ କଳହ ଓ ମନୋମାଳିନ୍ୟରେ କାଳାତିପାତ କରିବା କେତେଦୁର ଯଥାର୍ଥ। ଆଜି ପ୍ରତ୍ୟେକ ଦମ୍ପତି ସେମାନଙ୍କର ଭବିଷ୍ୟତ ବଂଶଧରଙ୍କୁ ଆଦର୍ଶ ରୁପେ ଗଢିବା ନିମନ୍ତେ ତଥା ନିଜେ ସୁଖୀ ଜୀବନ ଯାପନ କରିବା ନିମନ୍ତେ, କ୍ରୋଧ, ଅସହିଷ୍ଣୁତାକୁ ସର୍ବାଗେ ପରିତ୍ୟାଗ କରି, ପରଷ୍ପର ପ୍ରତି ପ୍ରଗାଢ ବିଶ୍ୱାସ, ଆନ୍ତରିକତା, ସହନଶୀଳତା ସର୍ବୋପରି ନିସର୍ତ ପ୍ରେମ ପରି ସ୍ୱର୍ଗୀୟ ଗୁଣ ଗୁଡିକୁ ଆପଣାଇ, ବର୍ଷକୁ ଗୋଟିଏ ଦିନ ନୁହେଁ, ତିନିଶହ ପଂଚଷଠି ଦିନଯାକ ସାବିତ୍ରୀ ବ୍ରତ ପାଳନର ମାନସିକତାକୁ ବହନ କରି ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ପ୍ରୟାସ ଜାରି ରଖନ୍ତୁ।

ଈଶାଣୀ, ବ୍ରହ୍ମପୁର, କଟକ
ମୋ: ୬୩୭୧୫୯୩୨୨୦




## ମୁଁ ଆଉ ତୁମେ

**ଉମେଶ ଚନ୍ଦ୍ର ଯେନା**

ମୁଁ ଶବ
ତୁମେ ସାବିତ୍ରୀ

ମୁଁ ସତ୍ୟ
ତୁମେ ସତୀ

ମୁଁ ପ୍ରେତ
ତୁମେ ପ୍ରେମ

ମୁଁ ତୁମ ସିନ୍ଦୁର
ତୁମେ ମନ୍ଦିର

ମୁଁ ତୁମ ଶଙ୍ଖା
ତୁମେ ଏବେ ହୁଙ୍କା

ମୁଁ ଦେହ
ତୁମେ ଦାହ

ମୁଁ ମୃତ
ତୁମେ ଗୀତ

ମୁଁ ଶେଷ
ତୁମେ ଇତିହାସ

ମୁଁ ଜୁଇ
ତୁମେ ନଈ ।

କଲ୍ୟାଣ ପୁର, ବିଞ୍ଝାର ପୁର
ଯାଜପୁର
ମୋ :୯୯୩୮୩୧୬୭୩୨

## ସାବିତ୍ରୀ ଅମାବାସ୍ୟା

**ସୁନୀଲ କୁମାର ପ୍ରଧାନ**

ସାବିତ୍ରୀ ଓଷା ଆସିଛି ଭଉଣୀ
ପାଳନ ହେବ ନିଶ୍ଚୟ
ବାପା ଆମର ଭାର ଦେଇଥିବେ
ମନରେ ରଖି ଶ୍ରେୟ ।

ମାଆ ତ ଆମର ସାଇତି ରଖିଛି
ବାରିର ଆମ୍ବ ଫଳ
ତା ସାଙ୍ଗରେ ପୁଣି ଶଙ୍ଖା ସିନ୍ଦୁର
ପଣସ ସପୁରୀ ତାଳ

ଭାର ଧରି ଭାଇ ବାହାର ହୁଏ
ଯିବା ପାଇଁ ଭଗ୍ନି ଘର
ଭାଇର ଭାରକୁ ଜଗିଛି ଭଉଣୀ
ସମୟ ହେଲାଣି ଉଛୁର ।

ସତ୍ୟ ଯୁଗେ ଦେବୀ ସାବିତ୍ରୀ
ବୋଲିଣ
ରାଜା କନ୍ୟା ଏକ ଥିଲେ
ସ୍ୱାମୀର ଦୀର୍ଘ ଆୟୁଷ ନିମନ୍ତେ
ଏ ଓଷା ଆରମ୍ଭ କଲେ ।

ନିଜ ଶକ୍ତି ବଳେ ସାବିତ୍ରୀ ମାଆଟି
ସତ୍ୟବାନଙ୍କୁ କଲେ ଉଦ୍ଧାର
ଜଗତରେ ଏହା ଖ୍ୟାତି ରହିଗଲା
ପୂଜା ହୋଇଲା ସତ୍ୱର ।

ସ୍ୱାମୀ ଲାଗି ଏହି ପୂଜାଟି ଅଟେଇ
ମହତ୍ତ୍ୱର ଏକ ଦିନ
ସବୁ ନାରୀ ଗଣ ଏକତ୍ର ହୋଇଣ
ପାଳନ୍ତି କରନ୍ତି ଜାଣ ।

ସ୍ୱାମୀର ଆୟୁଷ କାମନା କରିଣ
ନାରୀ ରଖେ ଏହି ବ୍ରତ
ମନରେ ସାହାସ ବୋହିଣ ସମସ୍ତେ
ପାଳନ କରନ୍ତି ସତ ।

ଏହି ପରବକୁ ମନରେ ରଖିଣ
କରିବା ସ୍ୱାମୀର ପୂଜା
ସେ ପରା ଅଟନ୍ତି ଇହ ପରର
ଦେବତା
ମନରେ ବାନ୍ଧିବ ଧ୍ୱଜା ।

ଝାଟିପଦର, ପାଲୁରୁ, ଗଞ୍ଜାମ
ମୋ: ୭୬୦୯୯୩୪୩୬୬

## ପବିତ୍ର ସାବିତ୍ରୀ ଓଷା...

**ରାମଚନ୍ଦ୍ର ବେହେରା**



ଜ୍ୟେଷ୍ଠମାସ କୃଷ୍ଣ ଅମାବାସ୍ୟା ଦିନ
ହସଇ ସାରା ଜଗତ
ସଧବା ଗୃହିଣୀ ଶ୍ରଦ୍ଧାରେ ପାଳନ୍ତି
ପବିତ୍ର ସାବିତ୍ରୀ ବ୍ରତ।

ଯେ ପାଳେ ଏ ବ୍ରତ ଶୁଦ୍ଧ କରି ଚିତ୍ତ
ହୁଏ ପତିବ୍ରତା ସତୀ
ବୈଧବ୍ୟ ଦଶାରୁ ମିଳିଥାଏ ମୁକ୍ତି
ହୁଏ ସେ ସୌଭାଗ୍ୟବତୀ।

ଶଂଖା ଓ ସିନ୍ଦୁର ସଦା ରୁହେ ସ୍ଥିର
ନରୁହେ ମନରେ ଭୟ
ମାଆର କୋଳରେ ଶିଶୁ ଜନ୍ମ ନିଏ
ଧର୍ମ ପ୍ରତି ଥିଲେ ଲୟ।

ମଦ୍ର ରାଜରାଣୀ ପାଳିଲେ ଏ ବ୍ରତ
ପାଇଲେ କନ୍ୟା ରତନ
ରାଜା ଅଶ୍ୱପତି ହୋଇଲେ ପ୍ରସନ୍ନ
କୋଳରେ ପାଇ ସନ୍ତାନ।

କୌଶଲ୍ୟା ଦୁହିତା ସାବିତ୍ରୀ ନାମରେ
ଦୁନିଆଁରେ ହେଲା ଖ୍ୟାତ
ପ୍ରଭୁ ଜନ୍ତୁପତି ବରଦାନ ବଳେ
ପାଇଲା ସେ ଶତ ପୁତ୍ର।

ସଂକଟ କାଳରେ ପ୍ରଭୁଙ୍କୁ ଡାକିଲା
ପାଇଲା ସ୍ୱାମୀଙ୍କ ପ୍ରାଣ
ସାବିତ୍ରୀଙ୍କ ନାମେ ଏ ବ୍ରତ ପାଳିଲେ
ମିଳଇ ସହସ୍ର ପୁଣ୍ୟ।

ଶଂଖା ଓ ସିନ୍ଦୁର ନୂଆ ଶାଢ଼ୀ ପିନ୍ଧି
ଗୃହିଣୀ ପାଳନ୍ତି ବ୍ରତ
ନଡ଼ିଆ କଦଳୀ ଆମ୍ବ ଓ ପଣସ
ଲାଗଇ ଫଳ ପ୍ରସାଦ।

ସ୍ୱାମୀଙ୍କ ସମେତ ବରିଷ୍ଠ ଜନଙ୍କୁ
କରିଥାନ୍ତି ପ୍ରଣିପାତ
ସତ୍ୟନିଷ୍ଠ ଚିତ୍ତେ ଓଷା ପୂର୍ଣ୍ଣ କଲେ
ସୁଖ ମିଳେ ଅବିରତ।

ଶ୍ରଦ୍ଧାରେ ପୂଜନ୍ତି ଲକ୍ଷ୍ମୀ ନାରାୟଣ
ପୁଣ୍ୟ ସାବିତ୍ରୀ ଓଷାରେ
ସଧବା ନାରୀଙ୍କ ଉପବାସ ବ୍ରତ
ଖୁସି ଆଣେ ଜୀବନରେ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୬୩୫୫୬୩୪୩୪୬



# ବଲିଉଡ୍‌ରେ ପ୍ରତ୍ୟାଖ୍ୟାତ: ହଲିଉଡ୍‌ରେ ପ୍ରତିଷ୍ଠିତ

ଅଭିନୟ ଦୁନିଆ ଏଭଳି ଏକ ଇଲାକା ଯେଉଁଠି ଦର୍ଶକମାନଙ୍କ ପ୍ରଶଂସା ଜଣେ କଳାକାରକୁ ସ୍ୱର୍ଗସୁଖ ଦେଇଥାଏ ତ ବେଳେ ବେଳେ ସେମାନଙ୍କର ଆଡ଼ ଚାହାଣୀ ସେମାନଙ୍କ ପ୍ରିୟ ନାୟକ ବା ନାୟିକାଙ୍କୁ ରସାତଳଗାମୀ କରିଦେଇଥାଏ। ଏ ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ସଦ୍ୟ ଘୋଷଣା ପ୍ରଶଂସକମାନଙ୍କ ମନରେ ଆଲୋଡ଼ନ ଆଣିଛି। କଳୁଷିତ ରାଜନୀତି ତାଙ୍କୁ ବଲିଉଡ୍ ପରିତ୍ୟାଗ କରିବା ଲାଗି ବାଧ କରିଥିଲା ବୋଲି ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଭାରତୀୟ ଗ୍ଲାମର ଦୁନିଆରେ ରହିବା ଅବସରରେ ତାଙ୍କୁ ଜୀବନର ବିଭିନ୍ନ ସ୍ତରରେ ଲଗାତାର ପ୍ରତ୍ୟାଖ୍ୟାତ ହେଲା ପରି ଅନୁଭବ ହୋଇଥିଲା, ସୁତରାଂ ବଲିଉଡ୍‌ରୁ ମୁହଁ ଫେରାଇନେବା ଛଡ଼ା ତାଙ୍କ ପାଖରେ ଅନ୍ୟ ବିକଳ୍ପ ନ ଥିଲା ବୋଲି ସେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ସୌଭାଗ୍ୟବଶତଃ ହଲିଉଡ୍‌ରେ ପ୍ରବେଶ ପୂର୍ବକ ମିଳିଥିବା ଆନ୍ତର୍ଜାତିକ ପ୍ରତିଷ୍ଠା ତାଙ୍କର ଏକମାତ୍ର ଭରସା ପାଲଟିଛି। ଏକ ପତ୍ରିକାକୁ ଦେଇଥିବା ସାକ୍ଷାତକାରରେ ଏହି ୪୦ ବର୍ଷୀୟା ନାୟିକା ନିଜର ମନକଥା ପ୍ରକାଶ କରି ଆହୁରି କହିଛନ୍ତି ଯେ ବଲିଉଡ୍ ଛାଡ଼ିବା ଭଳି ପରିବେଶ ଅନେକ ଥର ସୃଷ୍ଟି ହୋଇଥିଲା। ସୁଟିଂ ସେଟ୍‌ରେ ମଧ ତାଙ୍କୁ ପ୍ରଖ୍ୟାଖ୍ୟାତ ହେଲା ପରି ମନେ ହେଉଥିଲା। ଏଭଳି ସ୍ଥିତିରେ ତାଙ୍କୁ ଆଉ ଅଧିକ ଦିନ ଧରି ବଲିଉଡ୍‌ରେ ତିଷ୍ଠି ରହିବା ସମ୍ଭବ ନ ଥିଲା ବୋଲି ସେ କହିଛନ୍ତି। ନିଜର ସଦ୍ୟତମ ଇଂରେଜୀ ସିନେମା 'ଲଭ୍ ଏଗେନ୍' ପାଇଁ ଚର୍ଚ୍ଚାରେ ରହିଥିବା ପ୍ରିୟଙ୍କା ତାଙ୍କର ପରବର୍ତ୍ତୀ ଇଂରେଜୀ ଫିଲ୍ମ 'ହେଡ୍‌ସ ଅଫ୍ ଷ୍ଟେଟ୍' ପାଇଁ ୟୁକେରେ ସୁଟିଂ ସ୍ଥିର କରିଥିବା ବେଳେ ଭାରତରେ ହିନ୍ଦୀ ଫିଲ୍ମ 'ଜି ଲେ ଜରା' ପାଇଁ ବ୍ୟସ୍ତ ରହିଛନ୍ତି। ନିକଟରେ ଦିଲ୍ଲୀଠାରେ ନିଜ ସମ୍ପର୍କୀୟା ଭଉଣୀ ପରିଣୀତି ଚୋପ୍ରାଙ୍କ ନିର୍ବନ୍ଧ ଉତ୍ସବରେ ଯୋଗଦେବାକୁ ଆସିଥିବା ଅବସରରେ ପ୍ରିୟଙ୍କା ଏପରି ଭାବେ ନିଜ ମନର କ୍ଷୋଭ ପ୍ରକାଶ କରିଛନ୍ତି।

# ଅନୁଷ୍କା ଓ ଅମିତାଭଙ୍କ ନାମରେ ଚାଲାଣ କାଟିଲା ମୁମ୍ବାଇ ପୁଲିସ



ଫଟୋ ଉଠାଇବା ପାଇଁ ହେଲମେଟ ନ ପିନ୍ଧିଲେ ବି ଯଦି ଟ୍ରାଫିକ୍ ନିୟମ ଭାଙ୍ଗୁଛନ୍ତି ତେବେ ଫାଇନ ଦେବାକୁ ହିଁ ପଡ଼ିବ । ବଲିଉଡ ଅଭିନେତା ଅମିତାଭ ବଚ୍ଚନ ଏବଂ ଅନୁଷ୍କା ଶର୍ମାଙ୍କ ନାମରେ ଚାଲାଣ କଟାଯିବା ପରେ ମୁମ୍ବାଇ ପୁଲିସ ଏହି ବାର୍ତ୍ତା ଦେଇଛି । ବାସ୍ତବରେ କିଛିଦିନ ତଳେ ହେଲମେଟ ନ ପିନ୍ଧି ଦୁଇ ଚକିଆ ଯାନ ପଛପଟେ ବସିଥିଲେ ଅମିତାଭ ଓ ଅନୁଷ୍କା । ଏନେଇ ଫଟୋ ଓ ଭିଡିଓ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା । ହେଲମେଟ ନ ପିନ୍ଧି ଦୁଇ ଚକିଆ ଯାନ ଚଲାଇବା ବା ବାଇକ ପଛପଟେ ବସିବା ମୋଟର ଯାନ ଅଧିନିୟମ ଅନୁଯାୟୀ ଅପରାଧ ହୋଇଥାଏ । ଆଉ ସୋସିଆଲ ମିଡିଆରେ ଏମାନଙ୍କର ଫଟୋ ଭାଇରାଲ ହେବା ପରେ ୟୁଜର୍ସମାନେ ପ୍ରଶ୍ନ କରିଥିଲେ ଯେ ସେଲିବ୍ରିଟିମାନେ ଆଇନଠାରୁ ଉର୍ଦ୍ଧ୍ୱରେ କି ? ତେବେ ମୁମ୍ବାଇ ପୁଲିସ ବୁଧବାର ଘୋଷଣା କରିଛି ଯେ ଉଭୟଙ୍କ ନାମରେ ଚାଲାଣ କଟାଯାଇଛି । ଉଭୟ ଅମିତାଭ ଏବଂ ଅନୁଷ୍କାଙ୍କ ନାମରେ ଚାଲାଣ କଟାଯାଇଛି । ମୁମ୍ବାଇ ଟ୍ରାଫିକ ପୁଲିସ ମଧ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଅଭିନେତା, ଅଭିନେତ୍ରୀଙ୍କୁ ଦିଆଯାଇଥିବା ଚାଲାଣର କପି ସେୟାର କରିଛି। ସେହିପରି ଯାହାଙ୍କ ବାଇକ ପଛପଟେ ବସି ଅନୁଷ୍କା ଯାଉଥିଲେ ତାଙ୍କ ନାମରେ ୧୦,୫୦୦ ଟଙ୍କାର ଜରିମାନା ରସିଦ କଟାଯାଇଛି। ମୁମ୍ବାଇ ପୁଲିସ କହିଛି ଯେ ମୋଟର ଯାନ ଅଧିନିୟମର ଧାରା ୧୨୯/୧୯୪ (ଡ), ଧାରା ୫/୧୮୦ ଏବଂ ଧାରା ୩ (୧) ୧୮୧ ଅନୁଯାୟୀ ଚାଲାଣ କଟାଯାଇଛି ।



# ମହାକାଳ ମନ୍ଦିରର ଗର୍ଭଗୃହକୁ ହ୍ୟାଣ୍ଡବ୍ୟାଗ୍ ନେଇ ଯିବାରୁ ଟ୍ରୋଲ ହେଲେ ଗୋବିନ୍ଦାଙ୍କ ପତ୍ନୀ

ବଲିଉଡର ହିରୋ ନମ୍ବର ୱାନ୍ ଗୋବିନ୍ଦାଙ୍କ ପତ୍ନୀ ସୁନୀତା ଆହୁଜା ଏବେ ବିବାଦରେ। ନିକଟରେ ସେ ଦର୍ଶନ ପାଇଁ ଉଜେ ?ନର ମହାକାଳ ମନ୍ଦିରରେ ପହଞ୍ଚିଥିଲେ, ଯାହାର ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଫଟୋଗୁଡ଼ିକରେ ସୁନୀତା ମନ୍ଦିରର ଗର୍ଭଗୃହକୁ ଏକ ହ୍ୟାଣ୍ଡବ୍ୟାଗ ନେଇଥିବାର ନଜର ଆସିଥିଲେ। ଯେଉଁଥିପାଇଁ ବର୍ତ୍ତମାନ ତାଙ୍କୁ ଟ୍ରୋଲ କରାଯାଉଛି। ମନ୍ଦିର ଭିତରକୁ ପର୍ସ ବା ହ୍ୟାଣ୍ଡବ୍ୟାଗ୍ ଭଳି ଜିନିଷ ନେବା ଉପରେ ନିଷେଧାଦେଶ ଲାଗିଥିବା ବେଳେ ସୁନୀତା କିଭଳି ନିଜର ହ୍ୟାଣ୍ଡବ୍ୟାଗ୍ ନେଇ ଭିତରକୁ ଗଲେ ଏବେ ସେ ନେଇ ପ୍ରଶ୍ନ କରାଯାଉଛି। ସୂଚନା ମୁତାବକ, ସୁନୀତା ଅହୁଜା ମେ' ୧୫ରେ ଉଜେ ?ନର ମହାକାଳ ମନ୍ଦିରରେ ପହଞ୍ଚିଥିଲେ। ସେ ମନ୍ଦିର ଭିତରେ ପୂଜା କରୁଥିବା ବେଳେ ତାଙ୍କ ହାତରେ ଏକ ହ୍ୟାଣ୍ଡବ୍ୟାଗ ଥିବା ଦେଖିବାକୁ ମିଳିଥିଲା, ଯାହା ଉପରେ ନିଷେଧାଦେଶ ଲଗାଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି ମନ୍ଦିର କମିଟିର କୌଣସି ସଦସ୍ୟ ସୁନୀତାଙ୍କ ଏହି କାମ ପ୍ରତି ଧ୍ୟାନ ଦେଇନାହାଁନ୍ତି। ଅନ୍ୟପକ୍ଷରେ, ଯେତେବେଳେ ଏହି ମାମଲା ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଲା ସେତେବେଳେ ମନ୍ଦିରର ପ୍ରଶାସକ କହିଥିଲେ ଯେ ବ୍ୟାଗକୁ ଭିତରକୁ ନେବା ପାଇଁ କିପରି ଅନୁମତି ଦିଆଗଲା ଏହାର ଫୁଟେଜ ଦେଖିବା ପରେ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦେଶଦ୍ରୋହୀଙ୍କ ବିରୋଧରେ କହିବାରୁ ବର୍ଷକୁ ୩୦-୪୦ କୋଟି ହରାଇଥିଲି: କଙ୍ଗନା



ଅଭିନେତ୍ରୀ କଙ୍ଗନା ରାଣାବତ ବୁଧବାର ନିଜର ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଦାବି କରିଛନ୍ତି ଯେ, ଦେଶଦ୍ରୋହୀଙ୍କ ବିରୋଧରେ ମୁହଁ ଖୋଲିବା ଯୋଗୁ ତାଙ୍କୁ ୨୫ଟି ବ୍ରାଣ୍ଡ୍ ବିଜ୍ଞାପନ ହରାଇବାକୁ ପଡ଼ିଥିଲା। ସେଥିଲାଗି ତାଙ୍କୁ ବିଭିନ୍ନ ପ୍ରକଳ୍ପରୁ ବାଦ୍ ଦିଆଯାଇଥିଲା, ଯେଉଁଥିପାଇଁ ତାଙ୍କୁ ବର୍ଷକୁ ପ୍ରାୟ ୩୦ରୁ ୪୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା। କଙ୍ଗନା ଏଲନ ମସ୍କଙ୍କର ନିକଟରେ ନିଆଯାଇଥିବା ଏକ ସାକ୍ଷାତକାରର ସ୍କ୍ରିନସଟ୍ ସେୟାର କରି ତାଙ୍କୁ ପ୍ରଶଂସା କରିଛନ୍ତି। ଏଲନ ମସ୍କ କହିଥିଲେ- 'ମୁଁ ଯାହା ଚାହିବି କହିବି। ସେଥିପାଇଁ ମୋତେ ଆର୍ଥିକ କ୍ଷତି ସହିବାକୁ ପଡ଼ୁ ପଛେ।' କଙ୍ଗନା କହିଛନ୍ତି, ଏହା ହେଉଛି ଚରିତ୍ର, ବାସ୍ତବ ସ୍ୱାଧୀନତା ଓ ସଫଳତା। ହିନ୍ଦୁଧର୍ମ ସପକ୍ଷରେ ଏବଂ ରାଜନେତା, ଦେଶଦ୍ରୋହୀ ଓ ଟୁକଡ଼େ ଟୁକଡ଼େ ଗ୍ୟାଙ୍ଗ୍ ବିପକ୍ଷରେ କହିବା ଯୋଗୁ ତାଙ୍କୁ ୨୦-୨୫ଟି ବ୍ରାଣ୍ଡ୍ ଏଣ୍ଡୋର୍ସମେଣ୍ଟରୁ ବଞ୍ଚିତ କରାଯାଇଥିଲା। ରାତାରାତି ପ୍ରକଳ୍ପଗୁଡ଼ିକରୁ ତାଙ୍କ ନାଁ କାଟି ଦିଆଗଲା। ସେଥିପାଇଁ ବର୍ଷକୁ ତାଙ୍କୁ ୩୦ରୁ ୪୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

# ତ୍ରିପୁରା ମିଶ୍ର ପାଇଲେ 'ପରୀକ୍ଷିତ ଜେନା ବାଣୀଚିତ୍ର ସମ୍ମାନ'




ଓଡ଼ିଶାର ଅନ୍ୟତମ ମାସିକ ପତ୍ରିକା 'ବାଣୀଚିତ୍ର' ର ୫୫ତମ ବାର୍ଷିକ ଉତ୍ସବ ଅବସରରେ ଆଜି ରବୀନ୍ଦ୍ର ମଣ୍ଡପରେ 'ପରିକ୍ଷୀତ ଜେନା ବାଣୀଚିତ୍ର ସମ୍ମାନ-୨୦୨୩' ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ତ୍ରିପୁରା ମିଶ୍ରଙ୍କୁ ଏହି ଅବସରରେ 'ପରୀକ୍ଷିତ ଜେନା ବାଣୀଚିତ୍ର ସମ୍ମାନ-୨୦୨୩'ରେ ସମ୍ବର୍ଦ୍ଧିତ କରାଯାଇଛି।

କାର୍ଯ୍ୟକ୍ରମର ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରଫୁଲ୍ଲ ସାମଲ, ପିପିଏଲ୍‌ର କର୍ପୋରେଟ୍ ବ୍ୟାପାର ଅଧିକାରୀ ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ। କଳା, ସଂସ୍କୃତି, ନୃତ୍ୟ, ସଂଗୀତ, ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୩ଜଣ ବ୍ୟକ୍ତିତ୍ୱଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ୨୦୨୨ ମସିହାରେ ମୁକ୍ତିଲାଭ କରିଥିବା ବିଭିନ୍ନ ଚଳଚ୍ଚିତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପ୍ରତିକ୍ଷା'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ଲିଖିତ 'ପ୍ରତିକ୍ଷା'କୁ ଶ୍ରେଷ୍ଠ କାହାଣୀ ପୁରସ୍କାର ମଧ ମିଳିଥିଲା ଏବଂ ଅନୁପମଙ୍କୁ ଏଥିପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ଦିଆଯାଇଥିଲା। ସେହିଭଳି 'ଦମନ' ସିନେମା ପାଇଁ ଶ୍ରେଷ୍ଠ ପ୍ରଯୋଜକ ଭାବେ ଦୀପେନ୍ଦ୍ର ସାମଲ, 'ସମାପାଳୁର ରଘୁ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ (ଜୁରି) ଚିନ୍ମୟ ମିଶ୍ର, 'ଦମନ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଲୋକପ୍ରିୟ ନିର୍ଦ୍ଦେଶକ ବିଶାଲ୍ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା, ଶ୍ରେଷ୍ଠ ପ୍ରଯୋଜକ ରମେଶ ବାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିଭଳି ବବି ମିଶ୍ରଙ୍କୁ ଶ୍ରେଷ୍ଠ ଖଳନାୟକ (ରୁଦ୍ରାଣୀ), ଦ୍ୱୀପାନ୍ୱିତ ଦାସମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା (ପ୍ରତିକ୍ଷା), ପୁନମ୍ ମିଶ୍ରଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ (ମହାବାହୁ), ଶୁଭାଶିଷ ଶର୍ମାଙ୍କୁ ଶ୍ରେଷ୍ଠ ଅଭିନେତା (ରୁଦ୍ରାଣୀ), ଝିଲିକ୍ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ(ରୁଦ୍ରାଣୀ) ସମ୍ମାନ ପ୍ରଦାନ କରାଯାଇଥିଲା। 'ଶେଷରାତି'ଓ 'ଆସ୍ତିକ ନାସ୍ତିକ'ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତା (ଜୁରି) ଦେବାଶିଷ ପାତ୍ର ଓ ବୁଦ୍ଧାଦିତ୍ୟ ମହାନ୍ତି, 'ଶେଷରାତି' ଓ 'ସମାପାଳୁର ରଘୁ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତ୍ରୀ (ଜୁରି) ଭାବେ ରିୟା ଦେ ଓ ସୂର୍ଯ୍ୟମୟୀ ମହାପାତ୍ର, 'ମହାବାହୁ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ଭାବେ ଉଷସୀ ମିଶ୍ର ଓ ସହ ଅଭିନେତା ଭାବେ ଶ୍ରୀତମ୍ ଦାସ, 'ଲାଗେ ପ୍ରେମ ନଜର'ର ସଂଗୀତ ପାଇଁ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଭାବେ ବୈଦ୍ୟନାଥ ଦାଶ, 'ଦମନ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ କଣ୍ଠଶିଳ୍ପୀ (ପୁରୁଷ) ଅନୁରାଗ ଦାସ, 'ଦିଲ୍ ମୋର ମାନେନା' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ କଣ୍ଠଶିଳ୍ପୀ (ମହିଳା) ପ୍ରତିଭା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପତ୍ରିକାର ସଂପାଦକ ଭାସ୍କର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମଳ କିରଣ, ଅନସୂୟା ସାହୁ ଓ 'ଶୁଭମ୍ ଇଭେଣ୍ଟ ମୁଖ୍ୟ ବିକ୍ରମାଦିତ୍ୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଶଂସକଙ୍କୁ ଜୋରରେ ଧକ୍କା ଦେଲେ ରଶ୍ମିକାଙ୍କ ଅଙ୍ଗରକ୍ଷୀ: ଟ୍ରୋଲ କଲେ ଲୋକେ

ପ୍ରଶଂସକଙ୍କୁ ଜୋରରେ ଧକ୍କା ଦେଲେ ରଶ୍ମିକାଙ୍କ ବାଉନ୍ସର। ଟ୍ରୋଲ କଲେ ଲୋକେ। ସାଉଥ ସିନେମାର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ, ରଶ୍ମିକା ତାଙ୍କ ଅଙ୍ଗରକ୍ଷୀଙ୍କ ସହ ଏକ ଇଭେଣ୍ଟକୁ ଯାଉଥିବା ବେଳେ ଯେଉଁ ଘଟଣା ଘଟିଥିଲା, ତାହା ଦେଖିବାକୁ ମିଳିଛି। ଭାଇରାଲ ଭିଡିଓରେ ରଶ୍ମିକାଙ୍କ ଅଙ୍ଗରକ୍ଷୀ ଜଣେ ଯୁବକଙ୍କୁ ଜୋରରେ ଟାଣି କଡ଼କୁ ଠେଲି ଦେଉଛନ୍ତି। ରଶ୍ମିକା ସେହି ସମୟରେ ତାଙ୍କ ଅଙ୍ଗରକ୍ଷୀଙ୍କୁ ଅଟକାଇଥିବାର ନଜର ଆସିଛନ୍ତି। ତେବେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ଏବେ ଲୋକେ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ତେବେ ରଶ୍ମିକାଙ୍କୁ ନୁହେଁ ତାଙ୍କ ଅଙ୍ଗରକ୍ଷୀ ଓ ସେଲଫି ନେବାକୁ ଚେଷ୍ଟା କରୁଥିବା ଯୁବକଙ୍କୁ ଲୋକେ ଟ୍ରୋଲ କରୁଛନ୍ତି। ଜଣେ ଇନଷ୍ଟା ବ୍ୟବହାରକାରୀ ଲେଖିଛନ୍ତି- ମୁଁ ପ୍ରକୃତରେ ବୁଝିପାରୁ ନାହିଁ ଯେ ଏସବୁ କରି କଳାକାରମାନଙ୍କ ସହିତ ସେଲଫି ନେଲେ କ'ଣ ବଦଳିଯାଏ ? ଅନ୍ୟ ଜଣେ ଲେଖିଛନ୍ତି- ଯେତେବେଳେ ଅଭିନେତ୍ରୀଙ୍କର କୌଣସି ଅସୁବିଧା ନାହିଁ, ତା'ହେଲେ ତାଙ୍କ ପାଇଁ କାମ କରୁଥିବା ଏହି ଅଙ୍ଗରକ୍ଷୀମାନେ ପ୍ରଶଂସକଙ୍କ ସହ ଏଭଳି ବ୍ୟବହାର କାହିଁକି କରୁଛନ୍ତି।

# କେନାଲ ପାଣି ଅଭାବରୁ ରବି ଚାଷ ପ୍ରଭାବିତ : ୧୦ ହଜାର ବଦଳରେ ମାତ୍ର ୧୭ ଶହ ହେକ୍ଟର ହେଉଛି ଚାଷ

ମାଲକାନଗିରି , ୧୮/୦୫ (ନି.ପ୍ର): ଗତ ତିନି ବର୍ଷ ଧରି ବର୍ଷ ରବି ଫସଲ ଅମଳ ବେଳେ କେନାଲ ପାଣି ଅଭାବରୁ ରବି ଫସଲ ଅମଳ ହୋଇପାରୁ ନଥିବା ବେଳେ ଚାଷୀଙ୍କ ଜୀବନ ଜିବିକାରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି । ରବି ଚାଷ ବେଳେ ପୂର୍ବରୁ ୧୦ ହଜାର ହେକ୍ଟର ଚାଷ ଜମିରେ ଫସଲ କରାଯାଉଥିବା ବେଳେ ବର୍ତ୍ତମାନ ଏହା ୧୭ ଶହ ହେକ୍ଟରକୁ ଖସି ଆସିଛି । ଯାହା ମାଲାକନଗିରି ଜିଲ୍ଲା ପଡିଆ କୃଷି ବିଭାଗ ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ଚାଷୀକୂଳର ବାସ୍ତବ ଚିତ୍ରକୁ ଦର୍ଶାଉଛି । ସୂଚନା ମୁତାବକ ପଡିଆ ଗୋଷ୍ଠୀ କୃଷି କାର୍ଯ୍ୟାଳୟ ଅନ୍ତର୍ଗତ ୧୦ ଟି ପଂଚାୟତରେ ଖରିଫ ଋତୁରେ ପ୍ରାୟ ୧୭ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଚାଷ କରାଯାଉଥିବା ବେଳେ ରବି ଋତୁରେ ପ୍ରାୟ ୧୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଚାଷ ହୋଇଥାଏ । ଗତ ତିନିବର୍ଷ ଧରି କେନାଲ ପାଣି ଅଭାବରୁ ରବି ଚାଷ ଜମି କ୍ଷେତ୍ର କମିଯାଇ ୧୭ ଶହ ହେକ୍ଟର କୁ ଖସି ଆସିଥିବା ଜଣାପଡ଼ିଛି । ଅନ୍ୟପଟେ ଚଳିତ ବର୍ଷ ରବି ଋତୁରେ ପଡିଆ ଲ୍ୟାମ୍ପ ପକ୍ଷରୁ ଜଣେ ବି ଚାଷୀ ତାଲିକାଭୁକ୍ତ କରାଇନଥିବାରୁ ବାଦାମ କିଣାଯାଇ ପାରିନାହିଁ । ଯାହା ରବି ଋତୁ ରେ ଚାଷୀଙ୍କ ଅବସ୍ଥାକୁ ସ୍ପଷ୍ଟ କରୁଛି । ଯାହାଫଳରେ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟରେ ଦାଦନ ଖଟି ଦାନା ସଂଗ୍ରହ କରିବାକୁ ବାଧ ହେଉଛନ୍ତି । କୋଟି କୋଟି ଟଙ୍କା ଖର୍ଚ୍ଚ ବ୍ୟୟରେ ବାଲିମେଳା ଜଳ ଭଣ୍ଡାର ଉପରେ ନିର୍ମିତ ଗମ୍ପାକୋଣ୍ଡା ମୁଖ୍ୟ କେନାଲ ୭୬ କିଲୋମିଟର ଲମ୍ବି ରହିଥିବା ବେଳେ ସବ୍ କେନାଲ ଗୁଡିକ ଶତାଧିକ କିଲୋମିଟର ଲମ୍ବି ପଡିଆ ଓ କାଲିମେଳା ବ୍ଲକର ପ୍ରାୟ ୨୪ ଟି ପଂଚାୟତର ହଜାର ହଜାର ଚାଷୀଙ୍କ ଚାଷଜମିରେ ଜଳ ସେଚନ କରାଯାଇଛି । ତେବେ ଉପଯୁକ୍ତ ସମୟରେ ଚାଷୀ ପାଣି ପାଇବାରୁ ବଂଚିତ ହୋଇ ରହିବା ସହ ପଡିଆ ବ୍ଲକର ଆଠଟି ପଂଚାୟତରେ ପାଣି ପହଂଚି ପାରୁ ନଥିବାରୁ ଚାଷୀ ଏବେ ଆନ୍ଧ୍ର ମୁହାଁ ହୋଇ ଦାଦନ ପାଲଟିଲେଣି । ପ୍ରତ୍ୟକ ବର୍ଷ ଜଳ କର ସଂଗ୍ରହ କରାଯାଉଥିଲେ ମଧ ଚାଷୀ ପାଣି ପାଇବାରୁ ବଂଚିତ ହେବା ଚାଷୀଙ୍କ ମଧରେ ଅସନ୍ତୋଷ ଭାବ ସୃଷ୍ଟି କରୁଥିବା ବେଳେ ଆଗାମୀ ଦିନରେ ଏହା ଏକ ବଡ ଧରଣର ଆନ୍ଦୋଳନର ବସା ବାନ୍ଧିବ ବୋଲି ସାଧାରଣରେ କୁହାଯାଉଛି । ଅନ୍ୟପଟେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରତ୍ୟକ ବର୍ଷ କେନାଲ ନିର୍ମାଣ ଓ ମରାମତି କାର୍ଯ୍ୟ ଚାଲୁଥିଲେ ମଧ ସଠିକ ସମୟରେ ଚାଷ ଜମିରେ ପାଣି ପହଂଚି ନପାରିବା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ସ୍ଥିତିରେ ପଡିଆ କୃଷି ବିଭାଗ ଅଧୀନସ୍ଥ ବିଭିନ୍ନ ପଂଚାୟତରେ ଥିବା ଚାଷ ଜମିରେ ତୁରନ୍ତ ଜଳ ସେଚନ ବ୍ୟବସ୍ଥା କରିବା ପାଇଁ ଚାଷୀକୂଳ ଦାବି କରିଛନ୍ତି ।

## କେନ୍ଦ୍ରାପଡା ବ୍ଲକ ଉପାଧକ୍ଷ ଦୁର୍ଘଟଣା ଗ୍ରସ୍ତ

କେନ୍ଦ୍ରାପଡ଼ା, ୧୮/୦୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର ଅପରାହ୍ନରେ ନିଜ ଘରୁ କେନ୍ଦ୍ରାପଡା ସହର ଅଭିମୁଖେ ଆସୁଥିବା ସମୟରେ ସାମନାରୁ ଏକ ବାଇକ ଧକ୍କା ଦେବା ଫଳରେ ସେ ଭାରସ୍ୟାମ ହରାଇ ସେ ତଳେ ପଡି ଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା । ତାଙ୍କର ଡାଣ ହାତ ଭାଙ୍ଗି ଯାଇଛି । ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି ।

# ଚମ୍ପୁଆ ଏନଏସିରେ ଚାରୋଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଚମ୍ପୁଆ, ୧୮/୦୫ (ନି.ପ୍ର): ଚଳିତ ଗ୍ରୀଷ୍ମ ଋତୁରେ ଲୋକଙ୍କ ବିଶୁଦ୍ଧ ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଚମ୍ପୁଆ ଏନ୍‌ଏସି ତରଫରୁ ଚାରୋଟି ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ର ଉଦଘାଟନ କରାଯାଇଛି । ଚମ୍ପୁଆ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁ, ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁ, ଏନ୍‌ଏସି ସହକାରୀ ଯନ୍ତ୍ରୀ ସୁଧାକର ଦାସ ପ୍ରମୁଖ ଯୋଗ ଦେଇ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ ଉଦଘାଟନ କରିଥିଲେ । ସୂଚନା ଯୋଗ୍ୟ କି ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ଜନସାଧାରଣ ଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଚମ୍ପୁଆ ଏନ୍‌ଏସି ତରଫରୁ ଚମ୍ପୁଆ କୋର୍ଟ, ମହାବୀର ଛକ, ବସ ଷ୍ଟାଣ୍ଡ ଓ ରାମଲା ଛକ ଆଦି ଚାରୋଟି ସ୍ଥାନରେ ଥଣ୍ଡା ପାନୀୟ ଜଳ ଯୋଗାଇବା ଯନ୍ତ୍ର (ଫ୍ରିଜ୍) ସ୍ଥାପନ କରଯାଇଥିଲା । ସେଗୁଡିକୁ ଆଜି ଉଦଘାଟନ କରାଯାଇ ଲୋକାର୍ପିତ କରାଯାଇଛି । ଆଜି ର ଏହି କାର୍ଯ୍ୟକ୍ରମ ରେ ଚମ୍ପୁଆ ଏନ୍‌ଏସି ର ସମସ୍ତ କାଉନସିଲର, କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ସମେତ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳନ ଅବସରରେ କିଟ୍ ପକ୍ଷରୁ ସାହାଯ୍ୟକାରୀଙ୍କୁ ସମ୍ବର୍ଦ୍ଧନା

ଫୁଲବାଣୀ, ୧୮/୦୫ (ନି.ପ୍ର): ଆଜି କୀଟ ଓ କିସ ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡାଃ ଅଚ୍ୟୁତ ସାମନ୍ତଙ୍କ ନିଜସ୍ୱ କାର୍ଯ୍ୟ କ୍ରମ ୧୦ମ ଆର୍ଟ ଅଫ ଗିଭିଙ୍ଗ କନ୍ଧମାଳ ର ପ୍ରତି ବ୍ଲକ ସହ ଫୁଲବାଣୀ ପୌର ପରିଷଦ ରେ ପାଳିତ ହୋଇଯାଇଛି । ଯେଉଁ ମାନେ ପ୍ରତିଦିନ ସମାଜକୁ କୁ ସାହାଯ୍ୟ କରୁଛନ୍ତି ସେମାଙ୍କୁ ସାହାଯ୍ୟ କରିବା ଆଜିର କାର୍ଯ୍ୟ କ୍ରମର ଆହ୍ୱାନ ଥିଲା । ସେହି କ୍ରମରେ ଆଜି ସକାଳୁ ପ୍ରଥମେ ଭିକ୍ଷୁକମାନଙ୍କ ଠାରୁ ଆରମ୍ଭ କରି ମାନ୍ୟବର କନ୍ଧମାଳ ସାଂସଦ ଙ୍କ ଦ୍ୱାରା ପଠାଯାଇଥିବା ଉପହାର ପ୍ରଦାନ କରଯାଇଥିଲା । ପରେ ଅଟୋ ଡ୍ରାଇଭର , ବାରିକ , ଅଙ୍ଗନବାଡି କର୍ମୀ, ଆଶା କର୍ମୀ , ୧୦୮ ସେବା ଓ ଏମ୍ବୁଲେନ୍ସ ଡ୍ରାଇଭର ଓ କୋଭିଡ ବେଳେ ଜୀବନକୁ ବାଜି ଲଗାଇ କୋବିଦ ରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ କନ୍ଧମାଳ ସାଂସଦ ପଠାଇଥିବା ଉପହାର ଦିଆଯାଇଥିଲା । ଆଜି ସଂନ୍ଧ୍ୟା ରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ଠାରେ ଆର୍ଟ ଓଫ ଗିଭିଙ୍ଗ ଦିବସ କୁ ପାଳନ କରଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଓ ଉପ ଜିଲ୍ଲାପାଳ ଶେଷଦେବ ମିଶ୍ର , ଡ଼ିଏସପି ପ୍ରଶାନ୍ତ କୁମାର ଦାସ ,ସମ୍ମାନିତ ଅତିଥି ଭାବେ ଏବଂ କନ୍ଧମାଳ ଆର୍ଟ ଓଫ ଗିଭିଙ୍ଗ ର ସଭାପତି ଜଳନ୍ଧର ବେହେରା ଓ କିସ୍‌ର ଜିଲ୍ଲା ସଂଯୋଜକ ଭାଗୀରଥୀ ସେଠୀ ଉପସ୍ଥିତ ଥିଲେ । ଅନ୍ୟ କୁ ଖୁସି କରିବା ପାଇଁ ଦାନ ଏହି ମହତ କାର୍ଯ୍ୟ କ୍ରମ ର ଉଦେଶ୍ୟ , ଏହି କାର୍ଯ୍ୟକ୍ରମ କୁ କନ୍ଧମାଳ ରେ କାର୍ଯ୍ୟରତ କିସ ର କର୍ମଚାରୀ ମାନେ ସହଯୋଗ ଓ ପରିଚାଳନା କରିଥିଲେ ।

## ପ୍ରାଥମିକ ଶିକ୍ଷକ ସଂଘର ବୈଠକ

କେନ୍ଦ୍ରାପଡ଼ା, ୧୮/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ନିଖିଳ ଓଡିଶା ପ୍ରାଥମିକ ଶିକ୍ଷକ ଫେଡେରେଶନର ଉପଦେଷ୍ଟା ଭ୍ରମର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜଗତସିଂହପୁର ଜିଲ୍ଲା ସଂଘର ସଂପାଦକ ସୁଧିର କୁମାର ବିଶ୍ୱାଳ, ସଭାପତି ହିମାଂଶୁ ଶେଖର ସାମଲ, ଅକ୍ଷୟ କୁମାର ରାଉତ, ଉମେଶ ଚନ୍ଦ୍ର ଦାସ, କେନ୍ଦ୍ରାପଡା ଜିଲ୍ଲା ସଂଘର ସଭାପତି ସୁଶାନ୍ତ କୁମାର ବେହୁରା, ସଂପାଦକ ଭାଗ୍ୟଧର ସ୍ୱାଇଁ, ହିରଣ୍ୟ ବାରିକ, ମାଧବ ଚରଣ ବାରିକ, ପ୍ରକାଶ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ହୋଇ ୨ଟି ଜିଲ୍ଲାର ଶିକ୍ଷକ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଥିଲା ।

# ବିପଦପୂର୍ଣ୍ଣ ଭାବେ ପୋଟେରୁ ନଦୀରେ କେନ୍ଦୁପତ୍ର ପାର କରୁଛନ୍ତି ଗ୍ରାମବାସୀ

ମାଲକାନଗିରି, ୧୮/୦୫ (ନି.ପ୍ର): ଗ୍ରୀଷ୍ମ ଋତୁ ବେଳେ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ୯୦ ଶତକଡ଼ାରୁ ଉର୍ଦ୍ଧ୍ୱ ଅଂଚଳରେ କେନ୍ଦୁପତ୍ର ତୋଳି ବିକ୍ରିକରି ଦାନା ସଂଗ୍ରହ କରିଥାନ୍ତି ସ୍ଥାନିୟ ଆଦିବାସୀ । ଏଥିପାଇଁ କେନ୍ଦୁପତ୍ର ତୋଳାଳୀ ମାନେ ବଡ଼ି ଭୋରରୁ କେନ୍ଦୁପତ୍ର ତୋଳି ଅପରାହ୍ନ ସମୟରେ ଏହାକୁ ଗଣତି କରି ବିଡ଼ା ବାନ୍ଧି ସ୍ଥାନୀୟ ଫଡ଼ିରେ ବିକ୍ରି କରିଥାନ୍ତି । ଚଳିତ ବର୍ଷ ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ହଜାର ହଜାର ସଂଖ୍ୟାରେ କେନ୍ଦୁପତ୍ର ବସ୍ତା କିଣାଯାଉଥିବା ବେଳେ କେତେକ ସ୍ଥାନରେ ଏବେବି କେନ୍ଦୁପତ୍ର ଗଚ୍ଛିତ ରହିଥିବାରୁ ତୋଳାଳୀ ଏହାକୁ ଜେଣତେଣ ପ୍ରକାରେ ବିକ୍ରି କରିବାକୁ ପଛାଉ ନାହାଁନ୍ତି । ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଦୁର୍ଗମ ଗୌରଖ ପଲ୍ଲୀ ଗ୍ରାମ ନିକଟସ୍ଥ ପୋଟେରୁ ନଦୀ ଘାଟରେ । ସ୍ଥାନୀୟ ଅଂଚଳରେ ବିଭାଗ କିମ୍ୱା ପଂଚାୟତ ପକ୍ଷରୁ କେନ୍ଦୁପତ୍ର କିଣାଯିବାର ପ୍ରକ୍ରିୟା ବନ୍ଦ ରହିବାରୁ ଲୋକେ ଘରେ ଗଚ୍ଛିତ କରି ରଖିଥିବା କେନ୍ଦୁପତ୍ରକୁ ବିକ୍ରି କରିବା ନେଇ ଦିଗହରା ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଯାହାଫଳରେ ଏହାର ସୁଯୋଗ ନେଇ କିଛି ବ୍ୟବସାୟୀ ଅତ୍ୟନ୍ତ କମ୍ ଦରରେ କେନ୍ଦୁପତ୍ର କିଣୁଥିବା ବେଳେ ସ୍ଥାନୀୟ ଅଂଚଳର କେନ୍ଦୁପତ୍ର ତୋଳାଳୀ ମାନେ ଅସହାୟ ହୋଇ ପୋଟେରୁ ନଦୀରେ ବିପଦପୂର୍ଣ୍ଣ ଭାବେ ପାର ହୋଇ ପଡୋଶୀ କାଲିମେଳା ବ୍ଲକର ତାଣ୍ଡବାଇ ଓ ପୁସୁଗୁଡା ପଂଚାୟତରେ ଥିବା ଫଡ଼ିରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଏଥିପାଇଁ କୁନିକୁନି ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ଓ ବୃଦ୍ଧା ମାନେ କେନ୍ଦୁପତ୍ର ବସ୍ତା ଧରି କିମ୍ୱା ଟ୍ରାକ୍ଟର ଓ ଅନ୍ୟାନ୍ୟ ଗାଡି ଯୋଗେ ବିପଦପୂର୍ଣ୍ଣ ଭାବେ ଏହି ନଦୀ ପାର ହେଉଥିବା ଦେଖିବାକୁ ମିଳୁଛି । ଏପରିକି ନଦୀରେ ପଥର ବ୍ୟବହାର କରି କୃତ୍ରିମ ରାସ୍ତା କରି ବହିଯାଉଥିବା ଜଳରାଶି ମଧରେ ବିପଦପୂର୍ଣ୍ଣ ଭାବେ ଏହି କେନ୍ଦୁପତ୍ର ପାର କରିବାକୁ ପଛାଉ ନାହାଁନ୍ତି । ଏ ବାବଦରେ ନଦୀ କୂଳରେ କେନ୍ଦୁପତ୍ର ବସ୍ତା ଧରି ଛିଡା ହୋଇଥିବା ଲୋକଙ୍କୁ ପଚାରିବାରୁ ସେମାନେ ଅତ୍ୟନ୍ତ ଅସହାୟ ଗଳାରେ ପେଟପାଇଁ ଦାନା ଯୋଗାଡ କରିବାକୁ ଏଭଳି ନଦୀ ପାର କରୁଥିବା କହିଛନ୍ତି । କେନ୍ଦୁପତ୍ରର ଦର କେରୀ ବିଡା ପିଛା ୪ ଟଙ୍କା କିମ୍ୱା ତଦୁର୍ଦ୍ଧ ରହିଥିବା ବେଳେ ଶିମିଳିବାଞ୍ଚା ପଂଚାୟତରେ ବିଭିନ୍ନ ଗ୍ରାମରେ ଏହାର ଦର କମ୍ ରହିବାରୁ ଲୋକେ ବାଧ ହୋଇ ଏହାର ଉପଯୁକ୍ତ ଦର ଆଶା କରି ନଦୀ ପାର କରୁଥିବା କହିଛନ୍ତି । ସରକାରଙ୍କ ପକ୍ଷରୁ ଲୋକେ କେନ୍ଦୁପତ୍ରର ଉଚିତ ମୂଲ୍ୟ ପାଇବା ପାଇଁ ପଂଚାୟତରେ ଖୋଲା ବଜାର ବ୍ୟବସ୍ଥା କରାଯାଇ ଥିଲେ ମଧ ଚଳିତ ବର୍ଷର କୋହଲା ପାଗ ଓ ବ୍ୟବସାୟୀ ମାନେ ମୁହଁ ଫେରାଇ ନେବାରୁ ଏଭଳି ପରିସ୍ଥିତି ଦେଖା ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏପରି ସ୍ଥିତିରେ ସ୍ଥାନୀୟ ଅଂଚଳରେ କେନ୍ଦୁପତ୍ର ଚାଲାଣ ସହ ତୋଳାଳୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

# ପାତ୍ରପୁଟ ଗାଁକୁ କେବେ ପହଂଚିବ ବିକାଶ ?

ମାଲକାନଗିରି, ୧୮/୦୫ (ନି.ପ୍ର): ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ମୌଳିକ ସୁବିଧାଠାରୁ ମାଇଲ ମାଇଲ ଦୂରରେ ଘାଟି ମଣିଷ । ପାହାଡି ଇଲାକା ଗାଁ ପାତ୍ରପୁଟ । ଏଠି ସୁଯୋଗ ନାହିଁ କି ପ୍ରଶାସନର ପ୍ରତିଛବି ନାହିଁ । ଗାଁରେ ଅଧିକାରୀଙ୍କ ପାଦ ପଡୁଛି ହେଲେ ପାହାଡି ଗାଁର ପରିସ୍ଥିତିକୁ ବଦଳାଇ ପାରୁନାହାନ୍ତି ସରକାରୀ ବାବୁ । ଶେଷରେ ବ୍ଲକ ଅଧକ୍ଷଙ୍କୁ ଗାଁକୁ ଡାକି ଦୁଃଖର ପସରା ଖୋଲିଲେ ଘାଟି ମଣିଷ ।ଏହାସହ ବର୍ଷ ବର୍ଷର ସମସ୍ୟାକୁ ନେଇ ବ୍ଲକ ଅଧକ୍ଷଙ୍କୁ କୈଫତ୍ ମାଗିଛନ୍ତି ଗ୍ରାମବାସୀ ।ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ଭଳି ମୌଳିକ ସବିଧାଠୁ ବହୁ ଦୂରରେ ପାହାଡି ଘାଟି ମଣିଷ । ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡା ପାହାଡି ଇଲାକାରେ କିଏ ନାଳ ପାଣି ପିଇ ପ୍ରାଣ ହରାଉଛି ତ ଆଉ ଆଉ କିଏ ସ୍ୱାସ୍ଥ୍ୟକେନ୍ଦ୍ର ପହଂଚି ନପାରି ମୃତ୍ୟୁମୁଖରେ ପଡୁଛି । ବିକାଶର ଆଢୁଆଳ ରେ ଅଣ୍ଡ୍ରାହଲ ପଂଚାୟତର ପାତ୍ରପୁଟ ଗାଁ ଲୋକେ । ଗାଁରେ ସ୍କୁଲ ଅଛି କିନ୍ତୁ କେବେ ବି ଆସନ୍ତି ନାହିଁ ଶିକ୍ଷକ । ସମସ୍ୟା ଭିତରେ ଘାଣ୍ଟି ହୋଇ ଅଣନିଶ୍ୱାସୀ ହେବା ପରେ ଖଇରପୁଟ ବ୍ଲକ ଅଧକ୍ଷଙ୍କୁ ଡାକି କୈଫତ୍ ମାଗିଛନ୍ତି ଘାଟି ମଣିଷ । ପାନୀୟ ଜଳ. ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନର ବାଟ କେବେ ଫିଟିବ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ । ଏମିତି ପ୍ରଶ୍ନର ଉତ୍ତର ମାଗିଛନ୍ତି ପାତ୍ରପୁଟ ଗାଁ ଲୋକେ । ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀଙ୍କୁ ପାଖରେ ପାଇ ପ୍ରଶ୍ନବାଣରେ ଘାଇଲା କରିଛନ୍ତି ଗ୍ରାମବାସୀ । ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ଦାବି ଉପସ୍ଥାପନା କରିବା ପରେ ମଧ କୌଣସି ସମାଧାନ ହେଉନଥିବା ଅଭିଯୋଗ କରୁଛନ୍ତି ଅଣ୍ଡ୍ରାହଲର ପୂର୍ବତନ ସରପଂଚସୋମନାଥ ଶିଶା । ଗାଁ ଲୋକଙ୍କ ପ୍ରଶ୍ନ ବାବଦରେ ଜିଲ୍ଲାସ୍ତରର ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ । ରାଜ୍ୟ ସରକାରଙ୍କ ତରଫରୁ ବଣ୍ଡାଘାଟିରେ ସ୍ୱତନ୍ତ୍ର ଫୋକସ ଦେବାକୁ ବିଭିନ୍ନ ଉନ୍ନୟନ ସଂସ୍ଥା କାମ କରୁଛି । ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ସୁବିଧା ଠାରୁ ବହୁ ଦୂରରେ ଘାଟି ମଣିଷ ।

# ବଲାଙ୍ଗୀରରେ ଶୀତଳଷଷ୍ଠୀ ଯାତ୍ରାର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୧୮/୦୫ (ନି.ପ୍ର): ବଲାଙ୍ଗିରରେ ଆସନ୍ତା ଶୀତଳଷଷ୍ଠୀ ଯାତ୍ରାର ସୁପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ପୌର ପରିଷଦର ଅଧକ୍ଷା ଲିକା ସାହୁ ବଲାଙ୍ଗିର ଉପ ଜିଲ୍ଲାପାଳ କୁମାର ନାଗଭୂଷଣ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ତୋଫାନ ବାଗ, ବଲାଙ୍ଗୀର ତହସିଲଦାର ଡ଼ ପୁଷ୍ପାଞ୍ଜଳି ପଣ୍ଡା ,ଡିଏସପି ଡିଆଇବି ତପନ କୁମାର ରଥ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତଙ୍କ ସମେତ ବିଦ୍ୟୁତ, ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ପୌର ନିର୍ବାହୀ ଅଧିକାରୀ,ସମ୍ପୃକ୍ତ ବିଭାଗର ଅଧିକାରୀ ଓ ବଲାଙ୍ଗିର ସହରର ବିଭିନ୍ନ ଶୀତଳଷଷ୍ଠୀ କମିଟିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧରୁଆ ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ଯେପରି ଶାନ୍ତି ଶୃଙ୍ଖଳା ଓ ସୁଚାରୁରୂପେ ସମାପନ ହେବ ସେଥିନିମନ୍ତେ ବିଭିନ୍ନ ଶୀତଳଷଷ୍ଠୀ କମିଟି ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସମନ୍ୱୟ ଓ ସହଯୋଗ କାମନା କରିଥିଲେ । ପୌର ପରିଷଦର ଅଧକ୍ଷା ଶ୍ରୀମତୀ ସାହୁ ସମସ୍ତଙ୍କର ସହଯୋଗ ପୂର୍ବକ ଶାନ୍ତି ଶୃଙ୍ଖଳାର ସହ ଶୀତଳଷଷ୍ଠୀ ଯାତ୍ରା ସମାପନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ବଲାଙ୍ଗିର ଉପ –ଜିଲ୍ଲାପାଳ ଶ୍ରୀ ନାଗଭୂଷଣ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ଚଳିତ ବର୍ଷ ଶୀତଳଷଷ୍ଠୀ ଯାତ୍ରା ତା ୨୩/ ୦୫/ ୨୦୨୩ ରିଖ ଠାରୁ ୨୬/ ୦୫/ ୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ତେଣୁ ଏହା କିପରି ସୁଚାରୁରୂପେ ସମାପନ ହେବ ସେ ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ଶୀତଳଷଷ୍ଠୀ ଯାତ୍ରା ସମୟରେ ସହରରେ ବିଦ୍ୟୁତ ସରବରାହ ଯେପରି ବ୍ୟାଘାତ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବିଦ୍ୟୁତ ବିଭାଗ ର ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ଶୀତଳଷଷ୍ଠୀ ଯାତ୍ରା ସମୟରେ ସହରର ସ୍ଥାନେ ସ୍ଥାନେ ବିଶେଷ କରି ଯେଉଁ ସ୍ଥାନ ମାନଙ୍କରେ ଯାତ୍ରା ଅନୁଷ୍ଠିତ ହେଉଛି ସେଠାରେ ପାନୀୟ ଜଳର ସୁବନ୍ଦୋବସ୍ତ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଥିଲା । ଶୀତଳଷଷ୍ଠୀ ଯାତ୍ରା ସମୟରେ ବଲାଙ୍ଗିର ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ବ୍ୟବସ୍ଥା କୁ ସୁଚାରୁରୂପେ ନିୟନ୍ତ୍ରଣ କରିବା ଓ ରାସ୍ତା ସାରଣୀ ଅନୁସାରେ ଶୋଭାଯାତ୍ରା କୁ ସମ୍ପନ୍ନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା । ଏଥିନିମନ୍ତେ ସମସ୍ତ କମିଟି ରାସ୍ତା ସାରଣୀ ଓ ଶୋଭାଯାତ୍ରା ର ସମୟ ପ୍ରଦାନ କରିବାକୁ କମିଟି ର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଥିଲା । ଶୀତଳଷଷ୍ଠୀ ଯାତ୍ରା ସମୟରେ ବଲାଙ୍ଗିର ସହରରେ ଆକସ୍ମିକ ଅଗ୍ନି ନିର୍ବାପନ ନିମନ୍ତେ ତତ୍ପର ରହିବାକୁ ଅଗ୍ନିଶମ ଅଧିକାରୀ ଙ୍କୁ ଅନୁରୋଧ କରାଯାଇଥିଲା । ଶୀତଳଷଷ୍ଠୀ ଯାତ୍ରା ସମୟରେ ଯାତ୍ରା ସ୍ଥଳୀ ମାନଙ୍କରେ ଜନସମାଗମ କୁ ଦୃଷ୍ଟି ରେ ରଖି ଆଶୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଏବଂ ଔଷଧ ସହ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଅନୁରୋଧ କରାଯାଇଥିଲା । ଏତଦ ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା ।

# ବସ ଓ ପିକଅପ ମୁହାଁମୁହିଁ ଧକ୍କା: ୧ ଗୁରୁତର, ୪ ଆହତ

ବୌଦ୍ଧ, ୧୮/୦୫ (ନି.ପ୍ର): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ହରଭଙ୍ଗା ତହସିଲ ଅଫିସ ସମ୍ମୁଖରେ ବସ-ପିକଅପ ମୁହାଁମୁହିଁ ଧକ୍କା ହେବା କାରଣରୁ ଚାରି ଜଣ ଆହତହୋଇଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଦୁର୍ଘଟଣାରେ ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଛନ୍ତି । ଆହତଙ୍କୁ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତରଙ୍କୁ ବୌଦ୍ଧ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଏକ ଘରୋଇ ବସ ଭୁବନେଶ୍ୱର ରୁ ବୌଦ୍ଧ ଅଭିମୁଖେ ଆସୁଥିବା ବେଳେ ବେଳେ ବିପରୀତ ଦିଗରୁ ଆସୁଥିବା ପିଅକପ ସହ ଚାରିଛକ ସ୍ଥିତ ହରଭଙ୍ଗା ତହସିଲ କାର୍ଯ୍ୟାଳୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ପିକଅପରେ ଥିବା ହେଲ୍ପର ଗୁରୁତର ହୋଇଥିବା ବେଳେ ଡ୍ରାଇଭର ଓ ବସରେ ଥିବା ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଂଚି ଆହତଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଛି । ଉଭୟଗାଡି ଜାତୀୟ ରାଜପଥରେ ଦୁର୍ଘଟଣା ହେବାରୁ ପ୍ରାୟ ୩ ଘଣ୍ଟା ରାସ୍ତା ବନ୍ଦ ହୋଇଯାଇଥିଲା । ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ରାସ୍ତାରୁ ଦୁର୍ଘଟଣା ଗାଡି ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ପୋଲିସ ଅଧିକ ତଦନ୍ତ କରୁଛି ।

# ପଣ୍ଡ୍ରାପିଟା ବନ ସୁରକ୍ଷା ସମିତି ରେ ଏକ ସଫଳ ଛତୁ ଚାଷ ତାଲିମ କାର୍ଯ୍ୟକ୍ରମର ସମାପନ

ବଲାଙ୍ଗିର , ୧୮/୦୫ (ନି.ପ୍ର): ଆରଏସଇଟିଆଇ ବଲାଙ୍ଗୀର, ଆମ ଜଙ୍ଗଲ ଯୋଜନା ଟିମ୍ ସଦସ୍ୟଙ୍କ ସହଯୋଗରେ, ନିକଟରେ ବଲାଙ୍ଗୀର ଏଫ୍ ଏମ ୟୁ ଅଧୀନରେ ପଣ୍ଡ୍ରାପିଟା ବନ ସୁରକ୍ଷା ସମିତି ରେ ଏକ ସଫଳ ଛତୁ ଚାଷ ତାଲିମ କାର୍ଯ୍ୟକ୍ରମ ସମାପ୍ତ ହୋଇଛି । ୧୦ ଦିନିଆ କାର୍ଯ୍ୟକ୍ରମରେ ୩୫ ଟି ପ୍ରଶିକ୍ଷାର୍ଥୀଙ୍କୁ ଛତୁ ଚାଷରେ ଅତ୍ୟାବଶ୍ୟକ କୌଶଳ ଏବଂ ଜ୍ଞାନ ସହିତ ସଜାଇବା ପାଇଁ ଲକ୍ଷ୍ୟ ରଖିଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ବିସ୍ତୃତ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରି ଉଭୟ ତତ୍ତ୍ୱଗତ ଏବଂ ବ୍ୟବହାରିକ ଅଧିବେଶନକୁ ଅନ୍ତର୍ଭୁକ୍ତ କରିଥିଲା । ଏହି କାର୍ଯ୍ୟକ୍ରମର ଉଦଘାଟନ, ଆରଏସଇଟିଆଇ ନିର୍ଦ୍ଦେଶକ ବଲାଙ୍ଗୀରଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ର ସମ୍ମାନିତ ସଦସ୍ୟଙ୍କ ଉପସ୍ଥିତି ଦେଖିଥିଲେ । ଅଂଶଗ୍ରହଣକାରୀଙ୍କ ବୁଝାମଣା ଏବଂ ବ୍ୟବହାରିକ କୌଶଳ ବଢାଇବାକୁ, ଅକୁବିକୁ ଫାର୍ମକୁ ଏକ ସମୃଦ୍ଧ କ୍ଷେତ୍ର ଯାତ୍ରା ଆୟୋଜନ କରାଯାଇଥିଲା । ଏହି ପରିଦର୍ଶନ ଅଭ୍ୟାସରେ ସଫଳ ଛତୁ ଚାଷ କୌଶଳ ପ୍ରଦାନ କରିଥିଲା । ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ସକ୍ରିୟ ଯୋଗଦାନ ଏବଂ ତାଲିମ କାର୍ଯ୍ୟକ୍ରମରେ ଶିକ୍ଷା ପାଇଁ ଅଦମ୍ୟ ପ୍ରତିବଦ୍ଧତା ପାଇଁ ଆମେ ଆମର ହୃଦୟରୁ କୃତଜ୍ଞତା ଜଣାଉଛୁ । ଶେଷ ରେ, ଆମେ ଆମ ଜଙ୍ଗଲ ଯୋଜନା ଟିମ୍ ସଦସ୍ୟଙ୍କ ଅମୂଲ୍ୟ ସମର୍ଥନ ଏବଂ ସହଯୋଗକୁ ସ୍ୱୀକାର କରୁଛୁ, ଯାହାର ପ୍ରୟାସ ଏହି କାର୍ଯ୍ୟକ୍ରମର ସଫଳତା ନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

# ୯ମ ଭୀମପାହାଡ଼ ମହୋତ୍ସବ ମଶାଲ ଶୋଭାଯାତ୍ରାରେ ସାମିଲ ହେଲେ ଭକ୍ତ ସମୂହ

ବଲାଙ୍ଗୀର, ୧୮/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଂଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀରେ ଆଜିଠାରୁ ୯ମ ଭୀମପାହାଡ ମହୋତ୍ସବ ଆରମ୍ଭ ହୋଇଯାଇଛି । ଆଜି ସକାଳୁ ଦେଓଗାଁ ବ୍ଲକର ଜରାସିଂହାର ପାଟଖଣ୍ଡାପୀଠ ଓ କୁମୁରିଆ ଗାଁରୁ ସୁଲିଆପୀଠରୁ ଦୁଇଟି ମଶାଲକୁ ଶୋଭାଯାତ୍ରାରେ ଅଣାଯାଇଥିଲା । ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଦୁଇ ମଶାଳ ଭୀମଡୁଙ୍ଗୁରୀଠାରେ ପହଂଚିଲା ପରେ ମହୋତ୍ସବ କମିଟିର ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, କମିଟିର ସଭାପତି ପ୍ରମୋଦ ବହିଦାର(କୁନୁ) ଓ କୋଷାଧକ୍ଷ ଅଭିମନ୍ୟୁ ମାଝୀ ସେହି ମଶାଲକୁ ଗ୍ରହଣ କରିଥିଲେ । ସେମାନଙ୍କଠାରୁ ମଶାଲକୁ ଗ୍ରହଣ କରି ଆଦିବାସୀ ନେତ୍ରୀ ତଥା ବଲାଙ୍ଗିର ଜିଲ୍ଲାପରିଷଦର ଉପାଧକ୍ଷା ମିଥିଲା ମାଝୀ ପୂଜାର୍ଚ୍ଚନା କରି ମହୋତ୍ସବସ୍ଥଳୀରେ ସ୍ଥାପନ କରିଥିଲେ । ଜରାସିଂହାର ପାଟଖଣ୍ଡା ଦେବୀପୀଠରୁ ଅଣାଯାଇଥିବା ମଶାଳକୁ ପାଟଖଣ୍ଡାଙ୍କ ପୂଜକ ସନ୍ତୋଷ ଥନାପତି ତଥା ବ୍ରଜେନ୍ଦ୍ର ନାରାୟଣ ଆଥ୍‌ଲେଟିକ ଆସୋସିଏସନର ସନ୍ତୋଷ ସାହୁ, ନନ୍ଦିକିଶୋର ନାଏକ, ପ୍ରଶାନ୍ତ ଥନାପତି, ହଳଧର କୁଅଁର, ଚିନ୍ତାନମଣୀ ଭୋଇ, ବିଟୁ କର୍ତ୍ତି, କମ୍ପ ସେଠ ପ୍ରମୁଖ ନେଇ ଆସିଥିଲେ । ରାସ୍ତାରେ ମଶାଳକୁ କୁଲିଆବାହାଲ, ବଡଡୁଙ୍ଗୁରିପାଲି, ପାଣ୍ଡେଲ, ମହଲେଇ, ଉପରଝର, ରୁଗୁଡିପାଲି ଗ୍ରାମରେ ଭବ୍ୟସ୍ୱାଗତ କରାଯାଇଥିଲା । ସେହିପରି କୁମୁରିଆ ସୁଲିଆବୁଢା ପୀଠରୁ ମୁଖ୍ୟପୂଜକ ହରିହର ଝାଙ୍କର, ମାନଧାତା ଝାଙ୍କର, ହେମନ୍ତ କୁଅଁର, ହେମାନ୍ତ ମାଝୀ ଓ ତାଙ୍କ ସାଥୀମାନେ ମଶାଳକୁ ଏକ ଶୋଭାଯାତ୍ରାରେ ଆଣିଥିଲେ । କୁମୁରିଆର ଶହ ଶହ ସଂଖ୍ୟାରେ ଆଦିବାସୀମାନେ ତାଙ୍କର ପାରଂମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବାଜା ବଜାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଭୀମଡୁଙ୍ଗୁରୀର ପାହାଡ ତଳେ ଏକ ସଭା ହୋଇଥିଲା । ସେଠାରେ ମହୋତ୍ସବର ବିଷୟରେ କମିଟିର ଅଧକ୍ଷ ଲକ୍ଷ୍ମଣ କୁମାର ମେହେର କହିଥିବା ବେଳେ ମୁଖ୍ୟଅତିଥି ଥିବା ଜିଲ୍ଲାପରିଷଦ ଉପାଧକ୍ଷା ମିଥିଲା ମାଝୀ ଏହି ମହୋତ୍ସବ ଭୀମପାହାଡକୁ ପରିଚୟ ଦେଇଛି ଓ ଆଦିବାସୀଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।

# କାଗଜ କଳ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଦୁର୍ଦ୍ଦଶା

ଜୟପୁର, ୧୮/୦୫ (ନି.ପ୍ର): କାଗଜ କଳରୁ ଉତ୍ପାଦନ ହେଉଛି ଏବଂ ମାସକୁ କୋଟି କୋଟି ଟଙ୍କାର କାଗଜ ବିକ୍ରି ହେଉଛି । କିନ୍ତୁ ଶ୍ରମିକ ମାନଙ୍କ ଦୁର୍ଦ୍ଦଶା ଦୂର ହେଉନାହିଁ । ଆଜି ପର୍ଯ୍ୟନ୍ତ ପି ଏଫ୍ ପେନସନ ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ହେଲା ନାହିଁ । ୟୁନିଟ୍ ହେଡ୍ ବାସଭବନ ଆଗରେ ପ୍ରତୀକ ଧାରଣା ଗତ ଜାନୁଆରୀ ମାସ ୦୩ ତାରିଖରୁ ଆରମ୍ଭ ହୋଇଛି । ଆଜି ମୃତ ଶ୍ରମିକ ସ୍ୱର୍ଗତ ରବିନ୍ଦ୍ର ନାଥ ସୈ ।ରାଙ୍କ ବିଧବା ପତ୍ନୀ ଧାରଣା ରେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶ୍ରମିକ ଜୟରାମ ପ୍ରସାଦ ଯିଏକି ୧୯୮୫ ରୁ ବିହାର ରାଜ୍ୟରୁ ଆସି କାଗଜ କଳ ରେ ଫିନିସିୟର ଭାବେ କାମ କରୁଥିଲେ ସେ ୨୦୨୦ ଫେବୃଆରୀ ରେ ଅବସର ଗ୍ରହଣ କରିଥିଲେ । ତାଙ୍କର ଗ୍ରାଚ୍ୟୁଇଟି ବକେୟା ପାଉଣା ପେନସନ ମିଳିଲେ ଘରଭଡ଼ା ଓ ରେସନ ଦୋକାନ ବାକି ସୁଝି ଗାଁ କୁ ଯିବେ ବୋଲି ରହିଛନ୍ତି । ବର୍ତ୍ତମାନ କିଛି ମାସ ହେବ କାଗଜ କଳକୁ ଯାଇ ଠିକାଦାର ପାଖରେ କାମ କରୁଥିଲେ ଜୀବନ ବଂଚେଇବା ପାଇଁ । ଗତ ଦୁଇ ଦିନ ତଳେ ଷ୍ଟ୍ରୋକ ଆସି ପଡ଼ିଗଲା ପରେ କୋରାପୁଟ ମେଡିକାଲ କଲେଜ ରେ ଚିକିତ୍ସା ନେଇ ଫେରିଛନ୍ତି । ବାମ ହାତ ଉଠୁନି , ନିଜେ ମଧ ଚାଲି ପାରୁ ନାହାଁନ୍ତି । ଶ୍ରମ ବିଭାଗ ଅଧିକାରୀ ଙ୍କୁ ଗୁହାରି କରିବା ପରେ ସେ କାଗଜ କଳ ମ୍ୟାନେଜମେଣ୍ଟ କୁ ଫୋନ୍ ଯୋଗେ ଏଭଳି ରୋଗଗ୍ରସ୍ତ ଏବଂ ମୃତ ଶ୍ରମିକଙ୍କୁ ତୁରନ୍ତ ସେମାନଙ୍କ ବକେୟା ପାଉଣା ଦେଇ ସମସ୍ୟା ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶ ଯୋଗ୍ୟ ଯେ ଗତ ୨୦୨୦ ରୁ ଏ କାରଖାନାକୁ ମଦର ଆର୍ଥ କମ୍ପାନୀ ହାତକୁ ନେଇଛି । ୨୦୨୨ରୁ ଉତ୍ପାଦନ ଆରମ୍ଭ ହୋଇଥିଲେ ମଧ ଶ୍ରମିକ ମାନଙ୍କ ସମସ୍ୟା ଦୂର କରିବାକୁ କୌଣସି ପଦକ୍ଷେପ ନେଉ ନାହିଁ । ଆସନ୍ତା କାଲି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କୁ ଜୋରଦାର କରାଯିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

# ଗ୍ରୀଷ୍ମ ପ୍ରବାହ ଓ ବଙ୍ଗୋପସାଗରରେ ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାକୁ ପ୍ରତିହତ କରିବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି, ୧୮/୦୫ (ନି.ପ୍ର): ଆଜି ଅପରାହ୍ନରେ ଆଭାସି ମାଧମରେ ଚଳିତ ଗ୍ରୀଷ୍ମ ପ୍ରବାହ ଓ ବଙ୍ଗୋପସାଗରରେ ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାକୁ ପ୍ରତିହତ କରିବା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ଗ୍ରୀଷ୍ମ ପ୍ରବାହ ଏବଂ ସମ୍ଭାବ୍ୟ ଗ୍ରୀଷ୍ମ କାଳୀନ ବାତ୍ୟା ପରିସ୍ଥିତି ରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମହେଶ୍ୱର ଚନ୍ଦ୍ର ନାଏକ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଠାରୁ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ବିଭାଗକୁ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ କାଳୀନ ବାତ୍ୟା ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ତଥା ବ୍ଲକ ସ୍ତରୀୟ ଚିକିତ୍ସାଳୟ ମାନଙ୍କରେ କଂଟ୍ରୋଲ ରୁମ୍ ଗ୍ରୀଷ୍ମ ପ୍ରବାହ ସମୟରୁ କାର୍ଯ୍ୟକ୍ଷମ ହୋଇଅଛି । କୌଣସି ଅଂଚଳରେ ଆପତକାଳୀନ ପରିସ୍ଥିତି ସୃଷ୍ଟି ହେଲେ ତତ କ୍ଷଣାତ୍ ତାହା ପ୍ରତି ଦୃଷ୍ଟିପାତ କରାଯିବ ଓ ଗର୍ଭବତୀ ମହିଳା ମାନଙ୍କୁ ଚିହ୍ନଟ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ ମା ଗୃହ କୁ ସ୍ଥାନାନ୍ତରଣ କରାଯିବ ଓ ସେହିପରି ଜିଲ୍ଲା ରେ ରାପିଡ୍ ରେସପନସ ଟିମ୍ ମଧ ସକ୍ରିୟ ରହିଛି ଏବଂ ମୋବାଇଲ ଭ୍ୟାନ ମଧ କାର୍ଯ୍ୟକ୍ଷମ ରହିଛି ଓ ଆବଶ୍ୟକୀୟ ପରିମାଣର ଔଷଧ, ଓ. ଆର୍ଏସ୍., ସାପ କାମୁଡ଼ା ଭାକସିନ ମହଜୁଦ ରଖିବାକୁ କୁହାଯାଇଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ପଶୁପକ୍ଷୀ ମାନଙ୍କ ନିମନ୍ତେ ଆବଶ୍ୟକ ପରିମାଣରେ ଔଷଧ, ଭାକସିନ୍, ଗୋ ଖାଦ୍ୟ ଆଦି ମହଜୁଦ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବାତ୍ୟା ପରିସ୍ଥିତି ଉପୁଜିଲେ ପଶୁ ପକ୍ଷୀମାନଙ୍କୁ ମଧ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବାର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି । ଜିଲ୍ଲା ରେ ଆବଶ୍ୟକୀୟ ପରିମାଣ ରେ କିରୋସିନ୍, ଶୁଖିଲା ଖାଦ୍ୟ ଯଥା- ଚୁଡ଼ା, ଗୁଡ଼ ଆଦି ମହଜୁଦ ରଖିବା ପାଇଁ ଜିଲ୍ଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବାତ୍ୟା ସମୟରେ କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଧାନ ଫସଲ ତଥା ଫଳ ଓ ପନିପରିବା ଚାଷ ଗୁଡ଼ିକର କିଭଳି ଭାବେ ଯତ୍ନ ନିଆଯିବ ଓ କିଭଳି ଫସଲ ରେ ରୋଗ ପୋକ ଦମନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଛି ଓ ବାତ୍ୟା ପରିସ୍ଥିତି ସମୟ ରେ ବିଶୁଦ୍ଧ ପାନୀୟ ଜଳ ର ବ୍ୟବସ୍ଥା, ପାଇପ୍ ଜଳ ଯୋଗାଣ, ବ୍ଲିଚିଂ ପାଉଡର ବଂଟନ, ଜଳ ନିଷ୍କାସନ ଆଦି ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଯୋଗାଣ ନେଇ ଜନସାଧାରଣଙ୍କୁ ପାୱାର ବାକ୍ଅପ୍ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଜିଲ୍ଲା ଅଗ୍ନିଶମ ତଥା ଓଡ୍ରାଫ୍ ଟିମ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରପାତି ଆଦି ମହଜୁଦ ରଖିବା ପାଇଁ କୁହାଯାଇଛି ଏବଂ କୌଣସି ଅଂଚଳରେ ବିପର୍ଯ୍ୟୟ ଯୋଗୁ ରାସ୍ତାଘାଟ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲେ କିମ୍ବା ଘର ଆଦି ଭାଙ୍ଗି ଥିଲେ ତତ୍ କ୍ଷଣାତ୍ ତାହା ପ୍ରତି ଦୃଷ୍ଟିପାତ କରିବା, ସ୍ଥାନାନ୍ତରଣ ପ୍ରକ୍ରିୟା ଆଦି ଉପରେ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି ଓ ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲିଟି ତଥା ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ବିପର୍ଯ୍ୟୟର ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ପୁରୀ-ହାୱଡ଼ା 'ବନ୍ଦେ ଭାରତ ଏକପ୍ରେସ'କୁ ବାଲେଶ୍ୱରରେ ସ୍ୱାଗତ



ବାଲେଶ୍ୱର, ୧୮/୦୫ (ନି.ପ୍ର): ପ୍ରଥମ ପୁରୀ-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳ ଶୁଭାରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡ଼ରେ ଏହି ଅତ୍ୟାଧୁନିକ ସେମି ହାଇସ୍ପିଡ୍ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ ଚଳାଚଳ ଶୁଭାରମ୍ଭକୁ ସ୍ୱାଗତ କରି ଓଡ଼ିଶାର ୫୭ଟି ସ୍ଥାନରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଷ୍ଟେସନଗୁଡ଼ିକରେ ଉଦଘାଟନୀ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଜନସାଧାରଣଙ୍କ ନିମନ୍ତେ ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା। ଏହିକ୍ରମରେ ବାଲେଶ୍ୱର ରେଳ ଷ୍ଟେସନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ମହା-ନୀରିକ୍ଷକ ତଥା ଦକ୍ଷିଣପୂର୍ବ ରେଳପଥର ମୁଖ୍ୟ ସୁରକ୍ଷା ଆୟୁକ୍ତ ଡି ବି କସର, ଖଡ଼ଗପୁର ରେଳ ଡିଭିଜନର ଉପ-ମହାପ୍ରବନ୍ଧକ ଏମଏସ ହାସମି, ଉପ-ବ୍ୟବସାୟିକ ପ୍ରବନ୍ଧକ ରାଜେଶ କୁମାର ପ୍ରମୁଖ ଯୋଗଦେଇ ବନ୍ଦେ ଭାରତ ଟ୍ରେନକୁ ସ୍ୱାଗତ କରିଥିଲେ । ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଉଦଘାଟନ ସହିତ ପ୍ରଧାନମନ୍ତ୍ରୀ ୮ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ବନ୍ଦେ ଭାରତ ଏକ୍ସପ୍ରେସ ଚାଲିଲେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ। ଏହି ଟ୍ରେନରେ ଯାତ୍ରୀମାନଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି । ଯାହାଦ୍ୱାରା ଯାତ୍ରା ଆରାମଦାୟକ ହେବା ସହ କମ୍ ସମୟ ମଧ୍ୟରେ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ ବୋଲି ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଥିଲେ । ପୁରୀରୁ ଏହି ଟ୍ରେନ ଅପରାହ୍ଣ ୧ଟା ୫୦ରେ ଛାଡ଼ିବ ଓ ରାତି ୮ଟା ୩୦ରେ ହାୱଡାରେ ପହଞ୍ଚିବ। ସେହିଭଳି ହାୱଡ଼ାରୁ ସକାଳ ୬ଟା ୧୦ରେ ହାୱଡ଼ା ଷ୍ଟେସନରୁ ବାହାରି ୧୨ଟା ୩୫ରେ ପୁରୀରେ ପହଞ୍ଚିବ। ପୁରୀରୁ ଟ୍ରେନ୍ ଛାଡ଼ିଲେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, କଟକ, ଯାଜପୁର ରୋଡ଼, ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର ପ୍ରଭୃତି ଷ୍ଟେସନରେ ରହିବ । ପୁରୀକୁ ଗଲା ବେଳେ ବାଲେଶ୍ୱର ଷ୍ଟେସନରେ ବନ୍ଦେ ଭାରତ ସକାଳ ୯ଟା ୩ରେ ପହଞ୍ଚି ୯ଟା୫ରେ ଛାଡିବ ଓ ପୁରୀରୁ ହାଉଡ଼ାକୁ ଗଲାବେଳେ ସନ୍ଧ୍ୟା ୫ଟା ୧୩ରେ ପହଞ୍ଚି ୫ଟା ୧୫ରେ ଛାଡିବ ବୋଲି ଜଣାପଡ଼ିଛି। ଚେନ୍ନାଇ ପେରାମ୍ବୁର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ବନ୍ଦେ ଭାରତ ଏକ୍ସପ୍ରେସରେ ୧୬ଟି କୋଚ୍ ରହିଛି । ଏହା ଘଣ୍ଟାପ୍ରତି ୧୮୦ କିମି ବେଗରେ ଚାଲିବ । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଥିରେ ଲାଗିଛି ଅଟୋମେଟେଡ୍ କ୍ଲୋଜିଂ ଡୋର୍ସ । ଟ୍ରେନ୍ ଚାଲୁଥିବା ଅବସ୍ଥାରେ ଡୋର୍ ଖୋଲିବ ନାହିଁ କିମ୍ବା ଡୋର ବନ୍ଦ ନ ହେବା ଯାଏଁ ଟ୍ରେନ ମଧ ଚାଲିବ ନାହିଁ । ପ୍ରତ୍ୟେକ କୋଚ୍‌ରେ ୪ଟି ଲେଖାଏଁ ଏମର୍ଜେନ୍ସି ୱିଣ୍ଡୋ ଓ ୪ଟି ଲେଖାଏଁ ସିସିଟିଭି କ୍ୟାମେରା ଖଞ୍ଜାଯାଇଥିବା ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପୁରୀରୁ ଛାଡ଼ିଥିବା ଏହି ଟ୍ରେନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱରରେ ଷ୍ଟେସନରେ ହତ ହଲାଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଲେଶ୍ୱର ରେଳ ଷ୍ଟେସନରୁ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଂସଦ ଶ୍ରୀ ଷଡ଼ଙ୍ଗୀ ଓ ରେଳ ବିଭାଗ ଅଧିକାରୀଙ୍କ ସମେତ ବହୁ ସାମ୍ବାଦିକ ଏହି ଟ୍ରେନରେ ଯାତ୍ରା କରିଛନ୍ତି।

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

ନୀଳଗିରି, ୧୮/୦୫ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ରଥ ନିର୍ମାଣ ଏବଂ ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ପୂର୍ବାହ୍ନ ୯ଘଟିକାରେ ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ରଷଡ଼ଙ୍ଗୀ, ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ପଂଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଠାକୁରମାହାଲ ର ଆଜୀବନ ଟ୍ରଷ୍ଟବୋର୍ଡ ସଦସ୍ୟା ମନୋଜା ମଞ୍ଜରୀ ଦେବୀ, ତହସିଲଦାର ରଂଜନ ବେହେରା ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ଶୁଭେଚ୍ଛା ଜଣାଇବା ପରେ ଅଧକ୍ଷ ଶ୍ରୀଯୁକ୍ତ ମହାଲିକ ଗତ ବର୍ଷର ବିବରଣୀ ଅନୁଯାୟୀ ଆଲୋଚନାକରିଥିଲେ । ମୁଖ୍ୟତଃ ରଥ ନିର୍ମାଣରେ କାଠର ଆବଶ୍ୟକତା, ରଥଟଣା ସମୟରେ ଶାନ୍ତିଶୃଙ୍ଖଳା, ରଥ ଉପରେ ପ୍ରବଚନ, ଜନସମାଗମକୁ ଦୃଷ୍ଟିରେ ରଖି ପାନୀୟ ଜଳ ବ୍ୟବସ୍ଥା, ଅସ୍ଥାୟୀ ପରିସ୍ରାଗାର, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର, ଅହୋରହ ବିଦ୍ୟୁତ୍ ବ୍ୟବସ୍ଥା, ଯାନବାହନ ନିୟନ୍ତ୍ରଣ, ସାଇକେଲ , ଟିଭିଓ ଟ୍ରେକର ଷ୍ଟାଣ୍ଡ, ରଥଯାତ୍ରାଓ ବାହୁଡ଼ା ଯାତ୍ରା ସମୟରେ ମଦ ଦୋକାନ ବନ୍ଦ, ଏତଦ୍‌ବ୍ୟତିତ ଭକ୍ତମାନଙ୍କ ମନୋରଂଜନ ନିମନ୍ତେ ପାଲା, ଦାସକାଠିଆ, ସହିତ ଉପଖଣ୍ଡସ୍ତରୀୟ ପ୍ରଦର୍ଶନୀ ଆୟୋଜନ ପାଇଁ ବୈଠକରେ ସ୍ଥିର କରାଗଲା।

## ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ: ବାଲେଶ୍ୱରରେ ଉତ୍ତୀର୍ଣ୍ଣ ହାର ୯୬.୦୫ ପ୍ରତିଶତ

ବାଲେଶ୍ୱର, ୧୮/୦୫ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ସମଗ୍ର ରାଜ୍ୟରେ ପାସ ହାସ ୯୬.୪୦ ପ୍ରତିଶତ ହୋଇଥିବା ବେଳେ ବାଲେଶ୍ୱର ଜିଲାର ପାସହାର ୯୬.୦୫ ପ୍ରତିଶତ ଛୁଇଁବା ସହ ସମଗ୍ର ରାଜ୍ୟରେ ୨୨ନଂ ସ୍ଥାନରେ ରହିଛି । ପରିଷଦର କଟକ ମୁଖ୍ୟାଳୟରୁ ସକାଳ ୧୦ଟାରେ ଆନୁଷ୍ଠାନିକ ଭାବେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ପରେ ଏହା ୱେବସାଇଟରେ ଉପଲବ୍ଧ ହୋଇଥିଲା। ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ କମ୍ପ୍ୟୁଟର ଏବଂ ମୋବାଇଲ ଜରିଆରେ ଜାଣିବାକୁ ପାଇଥିଲେ। ଚଳିତ ବର୍ଷ ବାଲେଶ୍ୱର ଜିଲାରେ ମୋଟ ୫୨୦ ଟି ବିଦ୍ୟାଳୟରୁ ୧୬୮ ଟି କେନ୍ଦ୍ରରେ ମୋଟ ୩୦ ହଜାର ୪୭୦ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୨୯ହଜାର ୨୬୭ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ଏଥିରେ ଏ-୧ବର୍ଗରେ ୭୫୦, ଏ-୨ରେ ୪୦୫୫, ବି-୧ରେ ୬୨୨୩, ବି-୨ରେ ୬୦୭୮, ସି-ରେ ୫୨୭୭, ଡି-ବର୍ଗରେ ୪୧୨୪ ଏବଂ ଇ -ବର୍ଗରେ ୨୭୬୦ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ବେଳେ ୩୫୬ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି ବୋଲି ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ସୂଚନା ଦେଇଛନ୍ତି। ୯୬.୦୫ ପ୍ରତିଶତ ପାସହାରରେ ବାଲେଶ୍ୱର ଜଲା ୨୨ନଂ ସ୍ଥାନରେ ରହିଥିଲେ ହେଁ ଏ-୧, ଏ-୨ ଓ ବି-୧ ବର୍ଗରେ ଉତ୍ତୀର୍ଣ୍ଣ ସଂଖ୍ୟାରେ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ତେବେ ଚଳିତ ବର୍ଷ ପରୀକ୍ଷା ଫଳାଫଳକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ସନ୍ତୋଷ ପରିଲକ୍ଷିତ ହୋଇଛି। ବାଲେଶ୍ୱର ଜିଲ୍ଲାରେ ଶିକ୍ଷାର ମାନ ଅକ୍ଷୁର୍ଣ୍ଣ ସହ ପୂର୍ବ ଫଳହାରକୁ ବଜାୟ ରଖିବା ପାଇଁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ପାଇଁ ଉଦ୍ୟମ ଜାରିର ରହିଛି ବୋଲି ଡିଇଓ ଶ୍ରୀ ସୂତାର କହଛନ୍ତି।

# ମୟୁରଭଞ୍ଜ ଜିଲ୍ଲାର ଆର୍ଟ ଅଫ ଗିଭିଂ ଦିବସ ପାଳିତ




ବାରିପଦା , ୧୮/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲୋର କିଟ୍, କିସ ଏବଂ କଳିଙ୍ଗ ଟିଭି ପକ୍ଷରୁ ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳନ ହୋଇଛି । ଚଳିତବର୍ଷ ଥିମ ରହିଛି ହେଲପିଙ୍ଗ ଦା ହେଲ୍ପ । ବୁଧବାର ଦଶମ ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ । ସମାଜେର ପରଷ୍ପର ମଧେର ସାହାଯ୍ୟ, ସହେଯାଗ, ଶାନ୍ତି, ମୈତ୍ରୀ ବାଣ୍ଟିବା ପାଇଁ ୨୦୧୩ମସିହା ମେ ୧୭ତାରିଖ ଦିନ ଶିକ୍ଷାବିତ ତଥା ସମାଜେସବୀ ଡ଼ଃ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉକ୍ତ ଦିବସ ଆରମ୍ଭ ହୋଇଥିଲା । ଆଜି ସମଗ୍ର ବିଶ୍ୱେର ଆଦୃତ ଲାଭ କରିଛି, ଆର୍ଟ ଅଫ ଗିଭିଂ ଦିବସ । ଏହି ଅବସରେର ସମାଜର ପୁରୁଦ୍ଧା ସାଜିଥିବା ବ୍ୟକ୍ତିବିେଶଷ କେରାନା ମହାମାରୀ ସମୟେର ନିଜ ଜୀବନକୁ ଉତ୍ସର୍ଗ କରି ଅନ୍ୟକୁ ଜୀବନ ଦାନ କରିଥିବା ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଆମ୍ବୁଲାନ୍ସ ଡ୍ରାଇଭର, ଅଟୋ ଡ୍ରାଇଭର, ସେଫଇ କମର୍ଚାରୀ ଆଦି ସମ୍ବର୍ଦ୍ଧିତ କରାଯିବା ସହିତ ଉପହାର ପ୍ରଦାନ କରାଯାଇଛି । ଏଥି ସହିତ ବାରିପଦା ସ୍ଥିର ଷ୍ଟାଡିୟମ ସମ୍ମିଳନୀ କକ୍ଷେର ଡ଼ଃ ସାମନ୍ତଙ୍କ ଏହି ଆର୍ଟ ଅଫ ଗିଭିଂ ଦେବାର କଳାର ତାତ୍ପର୍ଯ୍ୟ ବାବଦେର ଆେଲାକପାତ କରିବା ପାଇଁ ଅନୁଷ୍ଠିତ ହୋଇଛି ସାଧାରଣ ସଭା । କାର୍ଯ୍ୟକ୍ରମେର ଅତିଥି ଭୋବ ଜିଲ୍ଲା ପରିଷଦ ସଭାପତି ଭାରତୀ ହାନ୍ସଦା, ଡେପୁଟି କେଲକ୍ଟର ସୁଜୟ କୁମାର ପତି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ ପ୍ରମୁଖ ଯୋଗ ଦେଇ ପ୍ରତିଟି ମଣିଷ ସମାଜେର ପରଷ୍ପରକୁ ସାହାଯ୍ୟ ଓ ସହେଯାଗର ହାତ ବଢ଼ାଇବା ଜରୁରୀ ବୋଲି ମତପ୍ରକାଶ କରିଛନ୍ତି । ଏହି ଆର୍ଟ ଅଫ ଗିଭିଂ ମାଧମେର ଅଧିକରୁ ଅଧିକ ଲୋକ ଯୋଡି ହୋଇ ସମାଜକୁ ଆଗକୁ ନେବା ନିତ୍ୟନ୍ତ ଜରୁରୀ ବୋଲି କହିଛନ୍ତି । ବାରିପଦା ଆଦାନୀ କିସ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗେଣଶ ମିଶ୍ର ସ୍ୱଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିବୋବେଳ ଶେଷେର ସତ୍ୟଜିତ ସୋମ ଧନ୍ୟବାଦ ଅପର୍ଣ କରିଛନ୍ତି । କାର୍ଯ୍ୟକ୍ରମ କୁ ବାରିପଦା କିସ ଆବାସିକ ବିଦ୍ୟାଳୟର ନୋଡାଲ ଅଧିକାରୀ ସତ୍ୟବ୍ରତ ଦାସ, ଅତିରିକ୍ତ ନୋଡାଲ ଅଧିକାରୀ ଜାଗ୍ରତ ସାହୁ, ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ ପ୍ରମୁଖ ପରିଚାଳନା କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ପୁରୀରୁ ଗଡ଼ିଲା ବନ୍ଦେ....

ଏବେ ଏହି ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଛି। ଓଡ଼ିଶାରେ ଶତ ପ୍ରତିଶତ ରେଳ ବିଦ୍ୟୁତକରଣ କାର୍ଯ୍ୟ ସଂପନ୍ନ ହୋଇଛି। ଖଣିଜ ସଂପଦରେ ଭର୍ତ୍ତି ଓଡ଼ିଶାକୁ ଏହା ଦ୍ୱାରା ଫାଇଦା ମିଳିବ। ବିଦ୍ୟୁତକରଣ ଦ୍ୱାରା ଡିଜେଲରୁ ସୃଷ୍ଟି ପ୍ରଦୂଷଣରୁ ଓଡ଼ିଶାକୁ ମୁକ୍ତି ମିଳିବ। ବନ୍ଦେ ଭାରତ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଭର୍ଚୁଆଲ ମୋଡରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଦାବି ଦୋହରାଇଥିଲେ। ଆଗାମୀ ୩/୪ ବର୍ଷ ଭିତରେ ଏୟାରପୋର୍ଟ କାମ ସରିବା ବୋଲି ସେ ଆଶା କରୁଥିବା କହିଥିଲେ। ନିଜେ ପ୍ରଧାନମନ୍ତ୍ରୀ ପୁରୀ ଆସି ଏହାକୁ ଲୋକାର୍ପଣ କରିବେ ବୋଲି କହିଥିଲେ ନବୀନ। ଏହା ସହିତ ରାଜ୍ୟ ପାଇଁ ଆଉ ୨ଟି ବନ୍ଦେ ଭାରତ ଦାବି କରିଥିଲେ ମୁଖ୍ୟମନ୍ତ୍ରୀ। ପୁରୀରୁ ରାଉରକେଲା ଓ ଭୁବନେଶ୍ୱରରୁ ହାଇଦ୍ରାବାଦକୁ ବନ୍ଦେ ଭାରତ ଏକ୍ସପ୍ରେସ ଚଲାଇବା ପାଇଁ ସେ ଦାବି କରିଥିଲେ। ଏହା ସହିତ ଅନୁଗୋଳ-ସୁକିନ୍ଦା ଓ ପାରାଦୀପ-ହରିଦାସପୁର ଲାଇନରେ ପାସେଞ୍ଜର ଟ୍ରେନ୍ ଚଲାଇବାକୁ ସେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦେ ଭାରତ ଏକ୍ସପ୍ରେସ କେବଳ ଗୁରୁବାରକୁ ଛାଡ଼ି ସପ୍ତାହର ଅନ୍ୟ ସବୁ ଦିନ ଚାଲିବ। ପୁରୀରୁ ଏହି ଟ୍ରେନ୍ ଦିନ ୧ଟା ୫୦ରେ ଛାଡ଼ିବ ଓ ସନ୍ଧ୍ୟା ସାଢ଼େ ୮ଟାରେ ହାୱଡାରେ ପହଞ୍ଚିବ। ସେହିଭଳି ହାୱଡ଼ାରୁ ସକାଳ ୬ଟା ୧୦ରେ ବାହାରି ୧୨ଟା ୩୫ରେ ପୁରୀରେ ପହଞ୍ଚିବ।

## ୫ ଏସ୍‌ପିଙ୍କ ସମେତ...

ବଲାଙ୍ଗୀରରୁ ନୀତିନ କୁଶଲକରଙ୍କୁ କେନ୍ଦୁଝର ଓ ମୟୂରଭଂଜରୁ ଋଷିକେଶ ଖିଲାରୀଙ୍କୁ ବଲାଙ୍ଗୀରରେ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ ଅଧିକାରୀ ଏ.ଏମ୍ ପ୍ରସାଦଙ୍କୁ ସ୍ୱତନ୍ତ୍ର ଡିଜି ଏଚ୍‌ଆରପିସି ପଦବିରେ ନିଯୁକ୍ତି ଦେଇଛନ୍ତି। ସେହିଭଳି ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଅଗ୍ନିଶମ ଓ ହୋମଗାର୍ଡ ଡିଜି, ରାଧାକୃଷ୍ଣ ଶର୍ମାଙ୍କୁ ଏଡିଜି ମୁଖ୍ୟାଳୟ, ସଂଜୟ କୁମାରଙ୍କୁ ଏଡିଜି ଆଇନଶୃଙ୍ଖଳା ଓ କମ୍ୟୁନିକେସନ, ଅମିତାଭ ଠାକୁରଙ୍କୁ ପରିବହନ କମିସନର, ସୁରେଶ ଦେବଦତ୍ତ ସିଂହଙ୍କୁ ଏଡିଜି ଅପରେସନ, ରାଜେଶ କୁମାରଙ୍କୁ ଏଡିଜି ଆଧୁନିକୀକରଣ, ନରସିଂହ ଭୋଳଙ୍କୁ ଅବକାରୀ କମିସନର, ଆଶିଷ ସିଂହଙ୍କୁ କେନ୍ଦ୍ରାଞ୍ଚଳ ଆଇଜି, ରାଜେଶ ପଣ୍ଡିତଙ୍କୁ ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜି, ଅଖିଳେଶ୍ୱର ସିଂହଙ୍କୁ ଡିଆଇଜି ଏସ୍‌ଆଇଡବ୍ଲୁ ଓ ଚରଣ ସିଂହ ମୀନାଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଭାବେ ଅବସ୍ଥାପିତ କରିଛନ୍ତି।

## ରାଜ୍ୟର ଆଉ....

ଅଧିକ ବସ୍ ଚଳାଚଳ ଦ୍ୱାରା ଯାତ୍ରୀମାନେ ସୁବିଧା ପାଇ ପାରିବେ ବୋଲି କହିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗଂଜାମ, ଝାରସୁଗୁଡ଼ା ଓ ସମ୍ବଲପୁରକୁ ସଂପ୍ରସାରିତ ହେଲା ପରେ 'ମୋ ବସ୍' ସହରାଞ୍ଚଳର ୧୧,୬୧,୦୦୦ ଲୋକଙ୍କୁ ପରିବହନ ସେବା ଦେବ। ୨୦୧୮ ନଭେମ୍ବର ୬ ତାରିଖରେ ଆରମ୍ଭ ହୋଇଥିବା 'ମୋ ବସ୍' ଖୋର୍ଦ୍ଧା, କଟକ ଓ ପୁରୀ ଜିଲ୍ଲାରେ ୩୯୦ଟି ବସ୍ ମାଧ୍ୟମରେ ୨.୩ ଲକ୍ଷ ଲୋକଙ୍କୁ ସେବା ଯୋଗାଉଛି। ସାଧାରଣ ଜନତାଙ୍କ ପାଇଁ ଏହି ସେବା ଲାଭଦାୟକ ହୋଇପାରିଛି। ଆର୍ଥିକ ଓ ସୁରକ୍ଷା ଦୃଷ୍ଟିରୁ ସହରାଞ୍ଚଳରେ ଲୋକେ 'ମୋ ବସ୍'କୁ ପସନ୍ଦ କରୁଛନ୍ତି। ପୁରୁଷ ହକି ବିଶ୍ୱକପ ସମୟରେ ସୁନ୍ଦରଗଡ଼ ଜିଲ୍ଲାରେ 'ମୋ ବସ୍' ସେବା ଆରମ୍ଭ କରାଯାଇଥିଲା। ରାଉରକେଲା-ବୀରମିତ୍ରପୁର-ରାଜଗାଙ୍ଗପୁରକୁ ନେଇ ମାଷ୍ଟର ପ୍ଲାନ କରାଯାଇଥିଲା। ଏଠାରେ ୧୦୦ ବସ୍‌ରେ ଦୈନିକ ୨୭ ହଜାର ଲୋକ ଯାତାୟତ କରୁଛନ୍ତି। ସହରାଞ୍ଚଳର ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସରକାର ସମ୍ବଲପୁର, ଝାରସୁଗୁଡ଼ା ଓ ଗଂଜାମ ଜିଲ୍ଲାରେ 'ମୋ ବସ୍' ସେବା ଆରମ୍ଭ କରୁଛନ୍ତି।

## ପ୍ରକାଶ ପାଇଲା ....

କଟକ ଓ ଜଗତସିଂହପୁର ଜିଲ୍ଲାରେ ପାସ୍‌ହାର ସର୍ବାଧିକ ୯୭.୯୯% ରହିଛି। ମାଲକାନଗିରି ଜିଲ୍ଲାରେ ସବୁଠାରୁ କମ୍ ରେଜଲ୍ଟ ହୋଇଛି। ଏଠାରେ ପାସ୍ ହାର ୯୨.୬୩ % ରହିଛି। ମାଟ୍ରିକ ପରୀକ୍ଷା ଫଳାଫଳ ସଂପର୍କିତ ତଥ୍ୟ **www. bseodisha.ac.in** ରେ ରେଜଲ୍ଟ ଉପଲବ୍ଧ ହେଉଛି। ପରୀକ୍ଷା ଫଳକୁ ନେଇ ଯଦି ପରୀକ୍ଷାର୍ଥୀଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଗୋଟିଏ ମାସ ମଧ୍ୟରେ ଛାତ୍ରଛାତ୍ରୀମାନେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇପାରିବେ। ସେଥିପାଇଁ ବୋର୍ଡ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୧-୨୪୧୫୪୬୦ ଜାରି କରାଯାଇଛି। ଗତ ବର୍ଷ ସପ୍ଲିମେଣ୍ଟାରୀ ପରୀକ୍ଷା ହୋଇପାରି ନଥିବା ବେଳେ ଚଳିତ ବର୍ଷ ହେବ ସପ୍ଲିମେଣ୍ଟାରୀ ପରୀକ୍ଷା ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ଫେଲ୍ ତଥା ଡ୍ରପଆଉଟ୍ ହୋଇଥିବା ପିଲାଙ୍କ ପାଇଁ ଏହି ପରୀକ୍ଷା ହେବ। ଏନେଇ ଖୁବଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ପଶ୍ଚିମବଙ୍ଗରୁ ହଟିଲା...

ଏହାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଫିଲ୍ମର ନିର୍ମାତା । ଏଥିସହ କୋର୍ଟ ରାଜ୍ୟର ସମସ୍ତ ଥିଏଟରର ସୁରକ୍ଷା ଉପରେ ଧ୍ୟାନ ଦେବାକୁ ମଧ ମମତା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ବୁଧବାର ଫିଲ୍ମର ପ୍ରଦର୍ଶନ ବନ୍ଦ ହେବା ନେଇ କୋର୍ଟରେ ନିଜ ପକ୍ଷ ରଖିଥିଲେ ତାମିଲନାଡୁ ସରକାର । ରାଜ୍ୟ ସରକାର କହିଥିଲେ ତାମିଲନାଡୁରେ ଫିଲ୍ମକୁ ବ୍ୟାନ କରାଯାଇନି । ଦର୍ଶକଙ୍କୁ ଫିଲ୍ମର କାହାଣୀ ପସନ୍ଦ ଆସୁନି । ତେଣୁ ଡିଷ୍ଟ୍ରିବିଟ୍ୟୁର ଓ ହଲମାଲିକ ଏହାର ପ୍ରଦର୍ଶନ ବନ୍ଦ କରିଛନ୍ତି ।

## ୫ ଦିନ ତାତିରୁ ....

ଗଞ୍ଜାମ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ନୟାଗଡ । ସେପଟେ ଗୁରୁବାର ଦିନ ୨ଟା ୩୦ ସୁଦ୍ଧା ସମ୍ବଲପୁର ଓ ହୀରାକୁଦରେ ତାପମାତ୍ରା ୪୩.୨ ଡ଼ିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଝାରସୁଗୁଡାରେ ୪୦.୨ ଡ଼ିଗ୍ରୀ ଚାନ୍ଦବାଲିରେ ୩୯.୨ ଡ଼ିଗ୍ରୀ, ଭୁବନେଶ୍ୱରରେ ୩୬.୪ ଡ଼ିଗ୍ରୀ, ବାଲେଶ୍ୱରରେ ୩୬.୦ ଡ଼ିଗ୍ରୀ, ପୁରୀରେ ୩୪.୦ ଡ଼ିଗ୍ରୀ, ଗୋପାଳପୁରରେ ୩୩.୨ ଡ଼ିଗ୍ରୀ, ପାରାଦୀପରେ ୩୨.୮ ଡ଼ିଗ୍ରୀ ଏବଂ କେନ୍ଦୁଝରରେ ୨୫.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## ଅଗଷ୍ଟ ୨୪ ....

ମାମଲା ସହ ଜଡିତ ପ୍ରତ୍ୟେକ ବିନ୍ଦୁକୁ ତନ୍ନ ତନ୍ନ କରି ଯାଂଚର ଆବଶ୍ୟକ ରହିଛି ଓ ଏହା ସମୟସାପେକ୍ଷ । ତଦନ୍ତର ରିପୋର୍ଟ କେବଳ ଆଦାନୀ ଓ ହିଣ୍ଡେନବର୍ଗ ଉପରେ ପ୍ରଭାବ ପକାଇବ ନାହିଁ ବଂର ନିବେଶକ, ବଜାର ଉପରେ ପଡିବା ଆଶଙ୍କା ରହିଛି । ତେଣୁ ଆମୁଳଚୂଳ ତଦନ୍ତବିନା କୌଣସି ନିଷ୍କର୍ସରେ ପହଁଚିବା ଉଚିତ ମନେ ହେଉନି । ଆମେରିକା ରିସର୍ଚ୍ଚ ଫାର୍ମ ହିଣ୍ଡେନବର୍ଗ ଭାରତର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଉପରେ ସଂଗୀନ ଅଭିଯୋଗ ଆଣି ଏକ ରିପୋର୍ଟ ପ୍ରକାଶ କରିଥିଲା । ଅଭିଯୋଗ ଉପରେ ତଦନ୍ତ ଆରମ୍ଭ କରିଥିଲା ସେବି । ଏହାକୁ ଖଣ୍ଡନ କରି ଆଦାନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ମାମଲାର ଆଗାମୀ ଶୁଣାଣୀ ଜୁଲାଇ ୧୧ରେ କରିବେ କୋର୍ଟ ।

# ପି.ସି. ଏବଂ ପି.ଏନ୍.ଡି.ଟି ପାଇଁ ଜିଲ୍ଲା ଉପଦେଷ୍ଟା କମିଟି ବୈଠକ



ଭଦ୍ରକ, ୧୮/୦୫ (ନି.ପ୍ର): ଘରୋଇ ଭାବେ କାର୍ଯ୍ୟ କରୁଥିବା ଭଦ୍ରକ ଜିଲ୍ଲାର ଅଲଟ୍ରା ସାଉଣ୍ଡ ୟୁନିଟ୍ ଗୁଡ଼ିକର ପଞ୍ଜିକରଣ, ନବୀକରଣ କରାଯିବା ଓ ନୂତନ ଭାବେ ପଞ୍ଜିକରଣ ପାଇଁ କରିଥିବା ଆବେଦନ ଗୁଡ଼ିକୁ ଅନୁମୋଦନ ପାଇଁ ପୁଙ୍ଖାନୁ ପୁଙ୍ଖ ଆଲୋଚନା ଓ ସମୀକ୍ଷା କରାଯିବା ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପି.ସି. ଏବଂ ପି.ଏନ୍.ଡ଼ି.ଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସି.ଡ଼ି.ଏମ୍.ଓ. ଡ଼ା. ସନ୍ତୋଷ କୁମାର ପାତ୍ର ଏ.ଡ଼ି.ପି.ଏଚ୍.ଓ ଡା. ଜୟନ୍ତ କୁମାର ପଣ୍ଡା, ଏ.ଡ଼ି.ଏମ୍. ଓ ଡା. ସନ୍ତୋଷ କୁମାର ଜେନା ପ୍ରମୁଖଙ୍କ ସହ ସମାଜ ସେବୀ ଚାଇଲଡ୍ ଲାଇନ୍ ନିର୍ଦ୍ଦେଶକ ସୋଫିଆ ସେକ୍, ସମାଜ ସେବୀ ସୀତାକାନ୍ତ ଦାସ ଓ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଅଲଟ୍ରା ସାଉଣ୍ଡ ପାଇଁ ବେହେରା କ୍ଲିନିକ୍‌କୁ କମିଟି ଅନୁମୋଦନ କରିଥିଲା। ସ୍ମୃତି ମଦର କେୟାର ଅଲଟ୍ରା ସାଉଣ୍ଡ ୟୁନିଟ୍‌କୁ ଆବଶ୍ୟକ କାଗଜାଦି ଦେବା ପାଇଁ କମିଟି ପରାମର୍ଶ ପ୍ରଦାନ କରିଛି। ସୂଚନା ଯୋଗ୍ୟକି ଭଦ୍ରକ ଜିଲ୍ଲାରେ ୧୫ଟି ଅଲଟ୍ରା ସାଉଣ୍ଡ ୟୁନିଟ୍ କାର୍ଯ୍ୟ କରୁଛି। ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରି ସମସ୍ତ ୟୁନିଟ୍ ନିୟମ ମୁତାବକ ଚାଲୁଛି କି ନାହିଁ, ସର୍ତ୍ତ ଅନୁଯାୟୀ ସମସ୍ତ ସୁବିଧା ଉପଲବ୍ଧ କି ନାହିଁ ନିୟମିତ ତଦାରଖ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

ଶୁକ୍ରବାର, ମଇ ୧୯, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ତେଜୁଛି ବାମପଦା ଛକ ଓଭର ବ୍ରିଜ ନିର୍ମାଣ ଦାବି

ବାଲେଶ୍ୱର, ୧୮/୦୫ (ନି.ପ୍ର): ୧୬ ନଂ ଜାତୀୟ ରାଜପଥର ବାମପଦା ଛକଠାରେ ବଢୁଥିବା ଦୁର୍ଘଘଟଣା ଓ ଜୀବନହାନିର ସ୍ଥାୟୀ ପ୍ରତିକାର ତଥା ଅନ୍ୟାନ୍ୟ ଦାବି ନେଇ ଜିଲାପାଳଙ୍କଠାରେ ଗୁରୁବାର ଫେରାଦ ହୋଇଛି ବାମପଦା ସୁରକ୍ଷା ମଞ୍ଚ। ସଭାପତି ବିଶ୍ୱଜିତ ଘୋଷ, ସମ୍ପାଦକ ଅନଙ୍ଗ କୁମାର ପଟ୍ଟନାୟକ, ସରସ୍ୱତୀପୁର ସରପଞ୍ଚ କୈଳାସ ଚନ୍ଦ୍ର ସ୍ୱାଇଁ, ସୁତେଇ ସରପଞ୍ଚ କବିତା ମହାନ୍ତି, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିପିନ ମାରାଣ୍ଡି ଓ ସୀତାରାମ ପଣ୍ଡା, ଧୀରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ବାମପଦା ସୁରକ୍ଷା ମଞ୍ଚର ପ୍ରତିନିଧି ଦଳ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ସାକ୍ଷାତ ସହ ୧୬ ନଂ ଜାତୀୟ ରାଜପଥର ବାମପଦା ରେଳ ଲେଭେଲ କ୍ରସିଂ ଓଭର ବ୍ରିଜ ନିର୍ମାଣ ସମ୍ପର୍କିତ ପ୍ରତିଶ୍ରୁତି କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଦିନକୁ ଦିନ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଏହି ବାମପଦା ଛକ ଏବେ ଏକ ବିପଦପୂର୍ଣ୍ଣ ଡେଥ ଜୋନ ପାଲଟିଥିବା ମଞ୍ଚର ପ୍ରତିନିଧିମାନେ କହିଥିଲେ। ରେଳ କର୍ତ୍ତୃପକ୍ଷ ଓ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ପ୍ରତିନିଧିଙ୍କ ସହ ହୋଇଥିବା ତ୍ରିପାକ୍ଷିକ ଆଲୋଚନା ବୈଠକକୁ ଦୀର୍ଘ ଦିନ ବିତି ଯାଇଥିଲେ ବି ଜାତୀୟ ରାଜପଥର ବାମପଦା ଛକ ସ୍ଥିତ ରେଳ ଲେଭେଲ କ୍ରସିଂ ଉପରେ ବ୍ରିଜ ନିର୍ମାଣ ନିଷ୍ପତି କାର୍ଯ୍ୟକାରୀ ବାବଦରେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ୧୬ ନଂର ଜାତୀୟ ରାଜପଥର ସେରଗଡ଼ରୁ ନହରପାଟଣା ମଧ୍ୟରେ ରାସ୍ତା କ୍ରମଶଃ ଖରାପ ହୋଇ ଚାଲିଥିବା ବେଳେ ଏହାର ମରାମତି ଓ ଡ୍ରେନେଜ ବ୍ୟବସ୍ଥା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପକ୍ଷରେ ବାମପଦା ଛକଠାରେ ନିର୍ମାଣଧୀନ କଲଭର୍ଟର ମନ୍ଥର କାର୍ଯ୍ୟ ଦୁର୍ଘଟଣାର ଅନ୍ୟଏକ କାରଣ ହୋଇଛି ବୋଲି ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ କହିଛନ୍ତି। ତୁରନ୍ତ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ, ଶେରଗଡ଼ରୁ ନହରପାଟଣା ପର୍ଯ୍ୟନ୍ତ ଡ୍ରେନେଜ ସହ ରାଜପଥ ମରାମତି ଓ ନିର୍ମାଣଧୀନ କଲଭର୍ଟ କାର୍ଯ୍ୟ ଶେଷ କରା ନଗଲେ ଆସନ୍ତା ଜୁନ ମାସ ୧୯ ତାରିଖରେ ବାମପଦା ଛକଠାରେ ବିକ୍ଷୋଭ ସହ ରାଜପଥ ରୋକ କରାଯିବ ବୋଲି ମଞ୍ଚର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ବାଲ୍ୟ ବିବାହ ରୋକିବା ନେଇ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ




ଭଦ୍ରକ, ୧୮/୦୫ (ନି.ପ୍ର): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆବାହକତ୍ୱରେ ଭଦ୍ରକ ଜିଲ୍ଲା ସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏ.ଏସ୍.ପି. ବିଜୟ ରଞ୍ଜନ କେରକେଟା, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ଶିଶୁ ସୁରକ୍ଷା ନେଇ ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା, ଶିଶୁ ଚାଲାଣ, ବାଲ୍ୟବିବାହ, ବେଟି ବଚାଓ ବେଟି ପଢ଼ାଓ ଆଦି କ୍ଷେତ୍ରରେ ଭଦ୍ରକ ଜିଲ୍ଲାପାଇଁ ସଂପୃକ୍ତ ବିଭାଗ, ଅନୁଷ୍ଠାନ ମାନଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବାଲ୍ୟବିବାହ ନିଷେଧ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅସିମ ଅମିତାଭ ଦାସ ୨୦୨୨ରେ ୪୪ଟି ଓ ୨୦୨୩ରେ ଅଦ୍ୟାବଧି ୧୪ ଟି ବାଲ୍ୟବିବାହ ଘଟଣାକୁ ରୋକାଯାଇ ପାରିଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାର ସମୁଦାୟ ୨୧୮ ପଞ୍ଚାୟତ ମଧ୍ୟରୁ ୧୯୩ ପଞ୍ଚାୟତରେ ଶିଶୁ ସୁରକ୍ଷା କମିଟି ଗଠିତ ହୋଇ ସାରିଥିବା ନେଇ ମଧ ସେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ସମୟରେ ଜିଲ୍ଲା, ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା ନେଇ ଆୟୋଜିତ ହୋଇଥିବା ସଚେତନତା ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ ଆଲୋଚନା କରାଯାଇଥିଲା। ବିଭାଗର କାର୍ଯ୍ୟ ସମ୍ପନ୍ନ ହେଉଥିବା ଜିଲ୍ଲାର ମନ୍ଦିର ମାନଙ୍କରୁ ୧୨/୧୩ ଟିରେ ବାଲ୍ୟ ବିବାହ ମୁକ୍ତ ମନ୍ଦିର ବୋଲି ମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱତଃପ୍ରବୃତ୍ତ ଭାବେ ଲେଖାଯାଇଛି ଏବଂ ବାକିଥିବା ମନ୍ଦିର ମାନଙ୍କରେ ବିଭାଗ ତରଫରୁ ଲେଖିବା ପାଇଁ ପ୍ରସ୍ତାବ ଦିଆଗଲା। ବାଲ୍ୟ ବିବାହ ରୋକିବା ଦିଗରେ ଆଇ.ସି.ଡ଼ି.ଏସ୍. ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ପ୍ରକାଶ କରିବା ସହିତ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟିର ଧରପଗଡ଼ କାର୍ଯ୍ୟକ୍ରମକୁ ସକ୍ରିୟ କରାଯିବା ସହ ବ୍ଲକ ସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପଞ୍ଚାୟତ ସ୍ତରରେ ସରପଞ୍ଚ ମାନଙ୍କୁ ବାଲ୍ୟବିବାହ ମୁକ୍ତ ପଞ୍ଚାୟତ ଘୋଷଣା ନେଇ ସଚେତେନ କରାଯିବାକୁ ମଧ ପରାମର୍ଶ ପ୍ରଦାନ କରିଥିଲେ। ଡ୍ରପ୍ ଆଉଟ୍ ପିଲାଙ୍କ ପାଖରେ ପହଞ୍ଚି ପାରିଲେ ବାଲ୍ୟ ବିବାହ ରୋକିବା ସହଜ ହୋଇପାରିବ ବୋଲି ମଧ ସେ ପ୍ରକାଶ କରିଥିଲେ। ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ଶିଶୁ ଶ୍ରମିକ ମାନଙ୍କୁ ଚିହ୍ନଟ କରାଯାଇ ଉଦ୍ଧାର କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ସେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପୋଲିସ୍ ବିଭାଗ ସହ ଅନ୍ୟ ସଂପୃକ୍ତ ସମସ୍ତ ବିଭାଗୀୟ ସମନ୍ୱୟତା ଓ ସହଯୋଗରେ ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହ ମୁକ୍ତ ଭଦ୍ରକ ଜିଲ୍ଲା ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଚାଇଲଡ୍ ଲାଇନ୍‌ର ନିର୍ଦ୍ଦେଶକ ସେକ୍ ସୋଫିଆ, ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ପ୍ରମୁଖ ମଧ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଦୁଧହଂସାରେ ବୈଶାଖି ପର୍ବ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବସ୍ତା , ୧୮/୦୫ (ନି.ପ୍ର): ଅତୀତର ସ୍ମୃତି କୁ ଉଦ୍ଦୀପିତ କରେ ମହୋତ୍ସବ । ପରସ୍ପର ମଧ୍ୟରେ ବନ୍ଧୁତା ସ୍ଥାପନ କରିବାର ମାଧ୍ୟମ ସାଜେ ବୈଶାଖୀ ପର୍ବ । ଇଚ୍ଛାଶକ୍ତି ପ୍ରତ୍ୟେକ କାର୍ଯ୍ୟକୁ ସଫଳତାରେ ପରିଣତ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜୀବନକୁ ଆନନ୍ଦମୟ କରେ । ବସ୍ତାବ୍ଲକ ଦୁଧହଂସା ପଞ୍ଚାୟତ ରେ ଦିର୍ଘ ୫ଦିନଧରି ବୈଶାଖି ପର୍ବ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍ଯାପିତ ହୋଇଯାଇଅଛି । ଆମ ଗାଁ ଚେରୀଟେବୁଲ ଟ୍ରଷ୍ଟ'ପକ୍ଷରୁ ନୂତନ ପଞ୍ଚୁଲିଙ୍ଗେଶ୍ୱର ଶିବମନ୍ଦିର, ମା ଭଗବତୀ ମନ୍ଦିର ନିର୍ମାଣ ସାଙ୍ଗକୁ ମୂର୍ତ୍ତି ସ୍ଥାପନା ବୈଶାଖିପର୍ବ ପାଳନ ଆରମ୍ଭ ହୋଇଛି । ଏଥି ସହିତ ମୀନାବଜାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା, ସମ୍ବର୍ଦ୍ଧନା, ପ୍ରସାଦ ସେବନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆମ ଗାଁ ଚେରୀଟେବୁଲ ଟ୍ରଷ୍ଟି'ର ଅଧ୍ୟକ୍ଷ ତଥା ସୁଲଗ୍ନା ଗ୍ରୁପର ଚେୟାରମ୍ୟାନ ଡ଼ଃ ଘନଶ୍ୟାମ ବିଶ୍ୱାଳଙ୍କ ପୌରହିତରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାଶିନୀ ଜେନା ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ,ସମ୍ମାନିତ ଅତିଥି ଭାବେ ବସ୍ତା ତହସିଲଦାର ଅତନୁ ପ୍ରଧାନ,ବସ୍ତା ଏସ୍ ?ଡ଼ିପିଓ ଜଳନ୍ଧର ଜାଲି.ଡ଼ଃ.ବିଶ୍ୱନାଥ ପ୍ରଧାନ,ବରିଷ୍ଟ ,ଦୈନିକ 'ଅପରାହ୍ନ' ର ସମ୍ପାଦକ ବଂଶୀଧର ଜେନା, ଦୁଧହଂସା ପଂଚାୟତର ସରପଂଚ ବନିତା ବିଶ୍ୱାଳ, ଯୁବ ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ଜେନା,ବିଜେଡିବ୍ଲକ ସଭାପତି ଅନୀଲକୁମାର ମହାନ୍ତି , କୁନି ଅତିଥି ଭାବେ ସୁଲଗ୍ନା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଥିଲେ। ଯୁବ ସମାଜ ସେବୀ ସୁମନ୍ତକୁମାର ଜେନାଙ୍କୁ ୨୦୨୩ ସେବାଶ୍ରୀ ସମ୍ମାନ ରେ ସମ୍ମାନୀତ କରାଯାଇଥିଲା । ଦୁଧହଂସା ଚେରୀଟେବୁଲ କମିଟିର ସଦସ୍ୟ ଶ୍ରୀହରୀ ପ୍ରଧାନ, ଗୌରାଙ୍ଗ ସାହୁ,ଚନ୍ଦନ ନାୟକ,ମୃତ୍ୟୁଞ୍ଜୟ ବିଶ୍ୱାଳ,ସନ୍ୟାସୀ ବିଶ୍ୱାଳ,ମୃତ୍ୟୁଞ୍ଜୟ ସାହୁ, ସଞ୍ଜୟ ପ୍ରଧାନ,ବିଶ୍ୱରଂଜନ ବେଜ୍,ରମେଶ ବେହେରା,ବାବାଜୀ ବେହେରା,ପୁରୁଷୋତମ ଆଚାର୍ଯ୍ୟ,ଦୀନବନ୍ଧୁ ବିଶ୍ୱାଳ,ରାମକୃଷ୍ଣ ବେହେରା,ପ୍ରାଣକୃଷ୍ଣ ସାହୁ,ପ୍ରାଣ କୃଷ୍ଣ ବିଶ୍ୱାଳ,ସନ୍ତୋଷ କୁମାର ବେହେରା, ହରେକୃଷ୍ଣ ବେହେରା,ମନୋରଂଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରି ଉତ୍ସବକୁ ସାଫଲ୍ୟ କରାଇଥିଲେ ।

# ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଯୁବକ ମୃତ

ନୀଳଗିରି, ୧୮/୦୫ (ନି.ପ୍ର): ନୀଳଗିରି ବ୍ଲକ ଭଉଁରିଆବାଡ ପଞ୍ଚାୟତ ତୁଳସିଡିହା ଛକ ନିକଟରେ ମର୍ମନ୍ତୁତ ସଡକ ଦୁର୍ଘଟଣା । ବରହମପୁର ସିନ୍ଦୁରଗୌରା ରାସ୍ତାର ତୁଳସିଡିହା ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ରାସ୍ତା ପାର୍ଶ୍ୱ ପଥରରେ ପିଟି ହେଲା ବାଇକ,ଦୀର୍ଘ ସମୟର ଯନ୍ତଣା ପରେ ଗଲା ଯୁବକଙ୍କ ଜୀବନ। ସୂଚନା ଯୋଗ୍ୟ କି ମୃତ ଯୁବକ ଜଣକ ପଞ୍ଚଲିଙ୍ଗେଶ୍ୱର ଗୁଡିସାହି ଗ୍ରାମର ଗୋପିଆ ଦାସଙ୍କ ପୁତ୍ର ରାମଚନ୍ଦ୍ର ଦାସ(୨୮)। ପାରିବାରିକ କଳହ କାରଣରୁ କିଛି ଦିନ ହେବ ସ୍ତ୍ରୀ ନିଜ ବାପ ଘର କେଶୁରା ବଡ଼ବିଲ୍ ଯାଇଥିବା ବେଳେ ରାମଚନ୍ଦ୍ର ଝିଅ କୁ ଶ୍ୱଶୁର ଘରକୁ ଛାଡ଼ି ବାକୁ ଯାଇ ଫେରୁଥିଲେ। ହେଲେ ଫେରୁଥିବା ସମୟରେ ତୁଳସୀଡିହା ଛକ ନିକଟରେ ଭାରସାମ୍ୟ ହରାଇ ଗଛକୁ ବାଡ଼ାଇବା ପରେ ପାର୍ଶ୍ୱରେ ପଡିଥିବା ପଥରରେ ମୁଣ୍ଡ ପିଟିହେବା ଯୋଗୁ ଯୁବକ ଜଣଙ୍କର ମୃତ୍ୟୁ ହୋଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ତେବେ ଅଯୋଧା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଚଲାଇଛନ୍ତି।

## ବାଲିଆପାଳ ବ୍ଲକରେ ଚାଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୧୯୫ ଜଣ ଏ୧ ରେ ପାସ: ଆୟୁଷ ଜେନା ପ୍ରଥମ

ଲଙ୍ଗଳେଶ୍ୱର , ୧୮/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୧୯୫ ଜଣ ଏ ୧ ରେ କୃତକାର୍ଯ୍ୟ ହୋଇଥିବା ବେଳେ ଆୟୁଷ ଜେନା ପ୍ରଥମ ସ୍ଥାନ ହାସଲ କରିଛନ୍ତି।ଶ୍ରୀହରିଚରଣ ହାଇସ୍କୁଲ ଦେଭୋଗର ଆୟୁଷ ଜେନା ସର୍ବୋଚ୍ଚ ୫୮୦ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୀର୍ତ୍ତି ଚନ୍ଦ୍ର ହାଇସ୍କୁଲ ନାରାୟଣପୁରର ସାଇ ଗୋପାଳ କୁହ୍ଲାରୀ , ଶିଖା ହାଜିରା ଏବଂ ଆର ପି ହାଇସ୍କୁଲ ଚଉମୁଖର ବିଭୂତି ଭୂଷଣ ଦାସ ୫୭୯ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। । ତୃତୀୟ ସ୍ଥାନରେ କୀର୍ତ୍ତି ଚନ୍ଦ୍ର ହାଇସ୍କୁଲ ନାରାୟଣପୁର ଜଗତଜିତ କୁହ୍ଲାରୀ ଏବଂ ଶ୍ରୀହରିଚରଣ ହାଇସ୍କୁଲ ଦେଭୋଗର ଦିବ୍ୟଜ୍ୟୋତି ପ୍ରଧାନ ଉଭୟ ୫୭୭ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି।

# ଅବସର ପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ




ବାଲିଆପାଳ , ୧୮/୦୫ (ନି.ପ୍ର): ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବାଲିଆପାଳ ଶାଖା ପକ୍ଷରୁ କେତେ ଗୁଡିଏ ଦାବୀ ପୂରଣ ନେଇ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି।ମୁଖ୍ୟ ଦାବୀ ଗୁଡିକ ହେଉଛି ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା ପ୍ରଦାନ , ପେନସନ ବିଭାଗ ପୁନଃ ସ୍ଥାପନ, ନ ' ହଜାର ଟଙ୍କା ସର୍ବ ନିମ୍ନ ପେନସନ ପ୍ରଦାନ କରିବା,୬୫ ବର୍ଷରୁ ଅତିରିକ୍ତ ପେନସନ ପ୍ରଦାନ,ପେନସନ ନିର୍ଦ୍ଧାରଣ ରେ ଥିବା ଅସଂଗତି ଓ ତ୍ରୁଟି ର ଦୂରୀକରଣ, ମୋ ବସ ଭଳି ସବୁ ବସ ରେ ୫୦ ପ୍ରତି ଶତ ରିହାତି ପ୍ରଦାନ, ରେଳ ଯାତ୍ରାରେ ରିହାତି ର ପୁନଃ ପ୍ରଚଳନ, ବ୍ୟାଙ୍କ ଋଣ ରେ ସୁଧ ହାର ହ୍ରାସ ଓ ଜମା ରେ ସୁଧ ହାର ବୃଦ୍ଧି ଓ ପୂରା ପେନସନ ପାଇଁ ୨୫ ବର୍ଷ ପରିବର୍ତ୍ତେ ୨୦ବର୍ଷ କମ୍ୟୁଟେସନ ଦେୟର ୧୨ ବର୍ଷ କୁ ହ୍ରାସ।ସଂଘ ର ସଭାପତି ଶ୍ରୀକାନ୍ତ ଜେନା, ସାଧାରଣ ସମ୍ପାଦକ ରାଖାଲ ଚନ୍ଦ୍ର ଦାସ,ଜଗନ୍ନାଥ ମହାନ୍ତି ,ଜଗନ୍ନାଥ ସାହୁ,ନଗେନ୍ଦ୍ର ଦଣ୍ଡପାଟ ପ୍ରମୁଖ ଦାବୀ ପତ୍ର ଟିକୁ ବି ଡ଼ି ଓ ବିନୋଦ ଚନ୍ଦ୍ର ପଣ୍ଡା ଙ୍କୁ ପ୍ରଦାନ କରିଥିଲେ।

# ବଜ୍ରକାପ୍ତା ବିକ୍ରି ପାଇଁ ଡିଲ ବେଳେ ପୋଲିସର ଚଢ଼ାଉ

## ଜୀବନ୍ତ ବଜ୍ରକାପ୍ତା ସହ ୩ ବାଇକ ଜବଦ: ବନପାଳ ସହ ୬ଗିରଫ



ବାରିପଦା, ୧୮/୦୫ (ନି.ପ୍ର): ଜିଲ୍ଲାରେ ବନ୍ୟଜନ୍ତୁ ଶିକାର ଏବଂ ଚୋରା ଚାଲାଣ ଥମିବାର ନାମ ଧରୁନି। ବନ ବିଭାଗ ପକ୍ଷରୁ ଯେତେ କଡାକଡି ପେଟ୍ରୋଲିଙ୍ଗ କରାଗଲେ ମଧ ଶିକାରୀ ଏବଂ ବନ୍ୟଜନ୍ତୁ ତସ୍କର ମାନେ ବିରଳ ବନ୍ୟଜନ୍ତୁ ବେପାର ଯେଯା ବାଟରେ ଚଲାଇଛନ୍ତି. ତେବେ ଘଟଣାରେ ବନବିଭାଗ କର୍ମଚାରୀଙ୍କ ସମ୍ପୃକ୍ତିକୁ ବେଶ ଲଜ୍ୟା ଜନକ ଘଟଣା. ସୂଚନା ମୁତାବକ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ବଡ଼ଝାଡ଼ ଗ୍ରାମ ନିକଟରୁ ବଜ୍ରକାପ୍ତା ବିକ୍ରି ନିମନ୍ତେ ଡ଼ିଲ ଚାଲିଥିବା ନେଇ କପ୍ତିପଦା ପୋଲିସ ଖବର ପାଇ ଥାନା ଅଧିକାରୀ ବିକ୍ରମ କେଶରୀ ଜେନାଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରିଥିବା ବେଳେ ବନପାଳ ସମେତ ୬ଜଣକୁ ଗିରଫ କରିଥିବାର ଜଣାଯାଇଛି। ଏହି ଚଢ଼ାଉରେ ୩ଫୁଟ ଲମ୍ବ ଓ ୩କେଜି ଓଜନର ଏକ ଜୀବନ୍ତ ବଜ୍ରକାପ୍ତା ସହ ୩ଗୋଟି ମଟର ସାଇକେଲ ଜବତ କରିଯାଇଛି । ଗିରଫ ମାନେ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜର ଅଯୋଧା ଅଞ୍ଚଳର ବନପାଳ ରାମଚନ୍ଦ୍ର ମାରାଣ୍ଡି (୩୬), ଦେଉଳି ଗ୍ରାମର ସନ୍ତୋଷ ସିଂ(୪୮), ଭଣ୍ଡାରୀପାଳ ଗ୍ରାମର ସାହେବ ମାରାଣ୍ଡି(୩୨), ଜେଏସକା ମୁଡିବନ୍ଧ ପଂଚାୟତର ବିଶେଶ୍ୱର ମାରାଣ୍ଡି(୫୦), ବାରିପଦା ଡ଼ଙ୍ଗୀରିସାହି ଅଞ୍ଚଳର ରମେଶ ଚନ୍ଦ୍ର ସିଂ(୪୫), ବେତନଟୀର ଛୋଟରାୟପୁର ଅଞ୍ଚଳର ଗଗନ ବେହେରା (୨୪)ଙ୍କୁ ଗିରଫ କରାଯାଇ ତଦନ୍ତ ନେଇ ପଚରାଉଚରା ଜାରି ରହିଛି। ଉଦଳା ଏସଡିପିଓ ସାର୍ଥକ ରାୟ, ରେଞ୍ଜ ଅଫିସର ଅଚ୍ୟୁତାନନ୍ଦ ଦାସ, ବନପାଳ ଅଭିନାଶ ଗିରି ପ୍ରମୁଖ ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି । ବଜ୍ରକାପ୍ତା ଟି ୫ ଲକ୍ଷ ଟଙ୍କାରେ ବିକ୍ରି ହେବା ନିମନ୍ତେ ଡିଲ ଚାଲିଥିଲା।

# ନୀଳଗିରି ବ୍ଲକ ଯୁଗ୍ମ ଟପ୍ପର ହେଲେ ବିନ୍ଦୁସ୍ମିତା ଓ ଜଗତ୍‌ଜ୍ୟୋତି, ଔପଦା ବ୍ଲକ ଟପ୍ପର ଆରାଧନା



ନୀଳଗିରି, ୧୮/୦୫ (ନି.ପ୍ର): ଚଳିତବର୍ଷ ମାଟ୍ରିକ ରେଜାଲ୍ଟ ୧୮ତାରିଖରେ ପ୍ରକାଶ ପାଇଛି । ସକାଳ ୧୦ଟା ବେଳେ ବୋର୍ଡ ୱେବସାଇଟରେ ଫଳ ପ୍ରକାଶ ପରେ ନୀଳଗିରିରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରେଜାଲ୍ଟ ଜାଣିବା ପାଇଁ ତତ୍ପରତା ପ୍ରକାଶ ପାଇଥିଲା । ବ୍ଲକରେ ୨ଜଣ ଛାତ୍ରଛାତ୍ରୀ ଯୁଗ୍ମ ଭାବେ ୫୬୭ ନମ୍ବର ରଖି ଟପ୍ପର ହୋଇଥିବା ସୂଚନା ମିଳିଛି । ଅଯୋଧା ମାରିଚି ବାଳିକା ବିଦ୍ୟା ମନ୍ଦିରର ଛାତ୍ରୀ ବିନ୍ଦୁସ୍ମିତା ଓ ନୀଳଗିରି କେ.ସି.ହାଇସ୍କୁଲର ଛାତ୍ର ଜଗତ୍‌ଜ୍ୟୋତି ନାୟକ ଉଭୟ ୫୬୭ ନମ୍ବର ରଖି ଯୁଗ୍ମ ଟପ୍ପର ହୋଇଥିବା ବେଳେ ସଜନାଗଡ଼ ଭୂଧାରଚଣ୍ଡୀ ହାଇସ୍କୁଲର ଛାତ୍ରୀ ସସ୍ମିତା ସ ୫୬୬ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ନୀଳଗିରି କେ.ସି.ହାଇସ୍କୁଲ ର ଛାତ୍ର ତୁଷାର ଷଡ଼ଙ୍ଗୀ ୫୬୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଫଳ ପ୍ରକାଶ ପରେ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡା କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଦେଇଥିବା ବେଳେ ପରୀକ୍ଷାରେ ସମସ୍ତ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଦେବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭ କାମନାଦେଇଛନ୍ତି । ସେହିପରି ଔପଦା ବ୍ଲକର ଇଶ୍ୱରପୁର ହାଇସ୍କୁଲର ଆରାଧନା ପାତ୍ର ୫୫୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ଜଣାପଡ଼ିଛି ।

## ରତ୍ନାକର ଟାଉନ୍ ହାଇସ୍କୁଲର ଟପ୍ପର ହେଲେ ଆଦିତ୍ୟ

ନୀଳଗିର, ୧୮/୦୫ (ନି.ପ୍ର): ନୀଳଗିରି ବାଲିଗୋହିରୀ ସ୍ଥିତ ରତ୍ନାକର ଟାଉନ ହାଇସ୍କୁଲର ଆଦିତ୍ୟ ମହଲ ୫୫୫ ନମ୍ବର ରଖି ହାଇସ୍କୁଲର ଟପ୍ପର ହୋଇଥିବା ଜଣାପଡ଼ିଛି ।ନୀଳଗିରି ବ୍ଲକର ଷଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ବାପା ମାଆଙ୍କର ଆଶିର୍ବାଦ ହିଁ ମୋତେ ସଫଳତା ଆଣିଛି ବୋଲି ଆଦିତ୍ୟ ମହଲ ପ୍ରକାଶ କରିଛନ୍ତି ।ନୀଳଗିରି ଏନ.ଏ.ସି.ର ସିମୁଳିଆ ଗ୍ରାମର ଭରତ ଚନ୍ଦ୍ର ମହଲ ଓ ପୁଷ୍ପଲତା ମହଲଙ୍କର ଜ୍ୟେଷ୍ଠ ପୁତ୍ର ବୋଲି ଜଣାପଡ଼ିଛି । ସେ ଭବିଷ୍ୟତରେ ଡାକ୍ତର ହେବାର ଆଶା ରଖିଥିବା କହିଛନ୍ତି ।

# ବନ୍ଦେ ଭାରତ ଟ୍ରେନର ଶୁଭ ଉଦ୍‌ଘାଟନ : ରୂପସାରେ ସ୍ୱାଗତ ସମାରୋହ




ରୂପସା, ୧୮/୦୫ (ନି.ପ୍ର): ଖଡ଼ଗପୁର ରେଳ ଡିଭିଜନ ଅନ୍ତର୍ଗତ ରୂପସା ରେଳ ଜଙ୍କସନ ଠାରେ ଗୁରୁବାର ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ର ଶୁଭ ଉଦଘାଟନ ଅବସରରେ ଏକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହ ରେ ଚିପ ଗୁଡ଼ସ ସୁପରଭାଇଜର ରଶ୍ମିରଂଜନ କର ପୌରହିତ୍ୟ କରି ଏହି ଟ୍ରେନ ଚଳାଚଳ ଦ୍ୱାରା ଯାତ୍ରୀଙ୍କ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଖଡ଼ଗପୁର ଡିଭିଜନ ର ଏଡିଏନ ଲଲିତେଶ କୁମାର, ଡିଭିଜନାଲ ଟ୍ରାଫିକ ଇନ୍ସପେକ୍ଟର ଦେବେନ୍ଦ୍ର ମହାକୁଡ଼,ଷ୍ଟେସନ ମ୍ୟାନେଜର ସରୋଜ କୁମାର ପାଢ଼ୀ, କମର୍ଷିଆଲ ସୁପରିଟେଣ୍ଡେଣ୍ଟ ସୁବୋଧ କୁମାର ଦାସ ଓ ସଂଯୁକ୍ତା ସାହୁ, କମରସିଆଲ ଇନ୍ସପେକ୍ଟର ଜୟରାମ କୁମାର, ପୂର୍ବତନ ଷ୍ଟେସନ ମ୍ୟାନେଜର ଶ୍ରୀପତି ରାଉତ, ଭାଜପା ନେତା ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ତପନ ଗିରି, ଶ୍ରୀଧର ବେହେରା, ଦେବାଶିଷ ମହାପାତ୍ର, ହରେନ୍ଦ୍ର ଦାସ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ମଞ୍ଚାସିନ ହୋଇ ଏହି ଟ୍ରେନର ଶୁଭାରମ୍ଭ ପାଇଁ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜ୍ଞାପନ ସହ ଟ୍ରେନ ରେ ଥିବା ସମସ୍ତ ଉପଲବ୍ଧ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଓ ପୁରୀ ଠାରେ ଅନୁଷ୍ଠିତ ଉତ୍ସବ କୁ ଭରଚୁଆଲ ମାଧ୍ୟମରେ ଜନସାଧାରଣ ଦେଖିଥିଲେ। ସନ୍ଧ୍ୟା ସମୟରେ ଏହି ଷ୍ଟେସନ ଦେଇ ଟ୍ରେନ ଟି ଅତିକ୍ରମ କରୁଥିବାବେଳେ ସମସ୍ତେ ସ୍ୱାଗତ କରିଥିଲେ । ସ୍ଥାନୀୟ ଅଞ୍ଚଳ ରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ, ଜନପ୍ରତିନିଧି ଓ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।

# ମୁକୁଳିଶି ସୋସାଇଟୀ ଆଗରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

## ପୋଲିସ୍ ତଥା ଗ୍ରାମବାସୀଙ୍କ ଉଦ୍ୟମରେ କାବୁକରି ଡାକ୍ତରଖାନାରେ ଭର୍ତ୍ତି

ବସ୍ତା ,୧୮।୫(ନିପ୍ର):ବସ୍ତା ବ୍ଲକ ଅର୍ନ୍ତଗତ ମୁକୁଳିଶୀ ସୋସାଇଟି ଆଗରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ ପରେ ଲୋକମାନେ କାବୁ କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ ସ୍ଥାନୀୟ ବରଡା ଗ୍ରାମର ଗଜେନ୍ଦ୍ର ପ୍ରଧାନଙ୍କ ପୁଅ ରମେଶ ଚନ୍ଦ୍ର (୪୫) ଏକ ଗାଡି ଲୋନ୍ ପାଇଁ ସୋସାଇଟର ସେକ୍ରେଟାରୀ ଙ୍କୁ ସାକ୍ଷାତ କରି ମାର୍ଜିନ ମନି ହିସାବରେ ୧,୬୫୦୦୦/- ଟଙ୍କା ଗତ ମାର୍ଚ୍ଚ ମାସରେ ଦେଇଥିଲେ ମଧ ଅଦ୍ୟାବଧି ତାଙ୍କର ଗାଡ଼ି ଋଣ ହୋଇପାରି ନଥିଲା। ସେଥିରେ ସେ ଭାରସାମ୍ୟ ହରାଇ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସ୍ଥାନୀୟ ସୋସାଇଟି ଆଗରେ ବିଷ, ମଦ ତଥା ପେଟ୍ରୋଲ ସହ ଆତ୍ମାହୁତି ଉଦ୍ୟମ କରିଥିଲେ। ତେବେ ପୁଲିସ୍ ଉପସ୍ଥିତି ରେ ସ୍ଥାନୀୟ ଲୋକେ ଉଦ୍ଧାର କରି ବସ୍ତା ଡାକ୍ତର ଖାନାରେ ଭର୍ତ୍ତି କରାଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo